READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୧୪ ୧୯ - ୨୫ ଏପ୍ରିଲ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-14 19th - 25th APRIL, 2021 BHUBANESWAR ₹ 5/- (8 Pages)

# କରୋନା ଅଣାୟତ୍ତ

## ରେଡ୍ ଜୋନରେ ଖୋର୍ଦ୍ଧା


**ଭୁବନେଶ୍ୱର :** ଦେଶର ୫ ରାଜ୍ୟରେ କରୋନା ମାମଲା ସଙ୍ଗୀନ ଥିଲା ବେଳେ ଓଡ଼ିଶାରେ ସୀମାରୁ ମାଡି ଆସୁଛି ବିପଦ। ବାଲେଶ୍ୱର, ପୁରୀ, କଟକ ୟେଲୋ ଜୋନ୍‌ରେ ଥିଲା ବେଳେ ରେଡ୍ ଜୋନରେ ରହିଛି ଖୋର୍ଦ୍ଧା। ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇବା ପରେ ରାଜ୍ୟ ସରକାର ରାଜ୍ୟବ୍ୟାପୀ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି। ଏହାସହିତ ଛତିଶଗଡ ସୀମାବର୍ତ୍ତୀ ୧୦ଟି ଜିଲ୍ଲାରେ ସପ୍ତାହନ୍ତ ସଟ୍‌ଡାଉନ୍ ସହ ସଂଧ୍ୟା ୬ରୁ ସକାଳ ୫ଟା ପର୍ଯ୍ୟନ୍ତ ଏବଂ ଅନ୍ୟ ୨୦ ଜିଲ୍ଲାରେ ରାତି ୯ ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଲାଗୁ ହେବ। ତେବେ ଅତ୍ୟାବଶ୍ୟକ ସେବାକୁ ଏ ସବୁରୁ ବାଦ୍ ଦିଆଯିବ। ଶନିବାରଠାରୁ ନାଇଟ୍ କର୍ଫ୍ୟୁ ନିୟମ ଲାଗୁ ହୋଇଯାଇଛି। ତେବେ ନାଇଟ୍ କର୍ଫ୍ୟୁ ସମୟରେ ଅତ୍ୟାବଶ୍ୟକ




ସେବାକୁ ବାଦ୍ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି। ମୁଖ୍ୟ ଶାସନ ସଚିବ କରୋନା ସ୍ଥିତି ନେଇ ବିସ୍ତୃତ ସୂଚନା ରଖି କହିଛନ୍ତି ଯେ, ରାଜ୍ୟରେ କରୋନା ସଂକ୍ରମଣ ହାର ବୃଦ୍ଧି ପାଇବାରେ ଲାଗିଛି। କୋଭିଡ୍ ସଂକ୍ରମଣ ହାର ଦିନକୁ ଦିନ ଭୟଙ୍କର ହେଉଛି ଏବଂ ଏଥିରେ ବ୍ୟାପକ ସଂଖ୍ୟାରେ ସଂକ୍ରମିତ ହେଉଛନ୍ତି। ତେଣୁ ଲୋକଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କେତେକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ଓଡ଼ିଶା ସୀମାବର୍ତ୍ତୀ ତଥା ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ନୂଆପଡା, କଳାହାଣ୍ଡି, ବଲାଙ୍ଗିର, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ରାତି ୯ ରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ବଳବତ୍ତର ରହିଥିଲା। କିନ୍ତୁ ସଂକ୍ରମଣ ହାର ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଏସବୁ ଜିଲ୍ଲାରେ ରାତି ୯ଟା ପରିବର୍ତ୍ତେ ସଂଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ ଲାଗୁ କରାଯାଇଛି। ଏସବୁ ଜିଲ୍ଲାରେ ଥିବା ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ତଥା ସହରାଞ୍ଚଳରେ ପ୍ରତି ➤ ପୃ-୬

## ପବନରେ ବ୍ୟାପୁଛି ଭାଇରସ

**କୋଲୋରାଡୋ :** ମହାମାରୀ କରୋନାକୁ ନେଇ ଚିନ୍ତା ବଢ଼ାଇବା ଭଳି ସାଂଘାତିକ ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। କରୋନା ଭାଇରସ ମୁଖ୍ୟତଃ ପବନରେ ପ୍ରବାହିତ ହୋଇ ଲୋକଙ୍କୁ ସଂକ୍ରମଣ କରୁଛି। କରୋନା ପବନରେ ଜଣଙ୍କଠାରୁ ଆଉ ଜଣଙ୍କ ପାଖକୁ ଯାଉଛି ବୋଲି ନିୟମିତ ଓ ବଳିଷ୍ଠ ପ୍ରମାଣ ମଧ୍ୟ ବିଶେଷଜ୍ଞମାନଙ୍କ ହାତରେ ଲାଗିଛି। କରୋନା ସୃଷ୍ଟି କରୁଥିବା ସାର୍ସ କୋଭ-୨ ଭାଇରସ ବାୟୁମଣ୍ଡଳରେ ବୁଲି ବୁଲି ଲୋକଙ୍କୁ ସଂକ୍ରମଣ କରିବାକୁ ସକ୍ଷମ ବୋଲି ମେଡିକାଲ ଜର୍ଣ୍ଣାଲ ଲାନସେଣ୍ଟରେ ରିପୋର୍ଟ ପ୍ରକାଶ ପାଇଛି। ବ୍ରିଟେନ, ଆମେରିକା, କାନାଡା, ସିଆଇଆରଇଏସ୍‌ର କେମିଷ୍ଟ ଜୋସେ-ଲୁସି ଜିମେନଜେ ଓ କୋଲୋରାଡୋ ବୋଲ୍ଡର ବିଶ୍ୱବିଦ୍ୟାଳୟର ଏକ୍ସପୋର୍ଟମାନେ କହିଛନ୍ତି,



କରୋନା ଭାଇରସ ମୁଖ୍ୟତଃ ବାୟୁ ଦ୍ୱାରା ସଂକ୍ରମଣ କରୁଥିବାରୁ ଏହାକୁ ରୋକିବାକୁ ନିଆଯାଇଥିବା ସ୍ୱାସ୍ଥ୍ୟଗତ ପଦକ୍ଷେପ ଫେଲ ମାରିଛି। ଏହି କାରଣରୁ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଭାଇରସ ପବନରେ ସଂକ୍ରମଣ କରୁଥିବା ନେଇ ଏକାଧିକ ପ୍ରମାଣ ରହିଛି। ଅପରପକ୍ଷରେ ବଡ ଜଳବିନ୍ଦୁ ବା ପାଟି ଓ ନାକରୁ ବାହାରୁଥିବା ଡ୍ରପଲେଟ୍ ଯୋଗୁ ଯେ ଏହା ଜଣଙ୍କଠାରୁ ଆଉ ଜଣଙ୍କ ଶରୀରରେ ପ୍ରବେଶ କରୁଛି, ତା'ର କୌଣସି ପ୍ରମାଣ ମିଳିନାହିଁ। ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଅନ୍ୟାନ୍ୟ ଏଜେନ୍ସି ଏହାକୁ ଗୁରୁତର ସହ ନେଇ ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ। ଏହାଦ୍ୱାରା ଏହାରବର୍ଣ୍ଣ ଟ୍ରାନ୍ସମିସନକୁ ଆମେ ରୋକିବାରେ ସକ୍ଷମ ହୋଇପାରିବା ବୋଲି ବିଶେଷଜ୍ଞମାନେ କହିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି, ଖୋଲା ସ୍ଥାନ ଅପେକ୍ଷା ବନ୍ଦ କୋଠରୀରେ ସଂକ୍ରମଣ ଅଧିକ ମାତ୍ରାରେ ବ୍ୟାପୁଛି। ତେଣୁ ଇଣ୍ଡୋର ଭେଣ୍ଟିଲେସନ ଦ୍ୱାରା ଆମେ ସଂକ୍ରମଣକୁ ରୋକିପାରିବା। ସବୁ ସଂକ୍ରମଣ ମଧ୍ୟରୁ ପ୍ରାୟ ୪୦% ସଂକ୍ରମିତ ସାଇଲେଣ୍ଟ ପାଇଁ ସାମ୍ନାକୁ ଆସୁଛି। ଏହାର ଅର୍ଥ ଲକ୍ଷଣ ନଥିବା କିମ୍ବା ବହୁତ କମ୍ ଲକ୍ଷଣ ଥିବା ଲୋକମାନଙ୍କ ପାଇଁ ସଂକ୍ରମଣ ଅଧିକ ବ୍ୟାପୁଛି। ➤ ପୃ-୬

## ଚାରିଆଡେ ସାହାଣମେଳା, ବୁଲୁଛନ୍ତି ସଂକ୍ରମିତ

**ଭୁବନେଶ୍ୱର :** ଦିନକୁ ଦିନ ରାଜଧାନୀର ସ୍ଥିତି ବିଗିଡିବାରେ ଲାଗିଛି। ଚାରିଆଡ଼େ ସାହାଣମେଳା। ସଂକ୍ରମିତ ବାହାରେ ବୁଲୁଛନ୍ତି। ଏଥିରେ ଲଗାମ ନାହିଁ। ବିମାନ ବନ୍ଦର, ରେଳ ଷ୍ଟେସନ, ବସ୍ ଏବଂ ଅନ୍ୟାନ୍ୟ ଯାନ ଯୋଗେ ଭୁବନେଶ୍ୱରକୁ ପ୍ରାୟ ୨୦ହଜାର ଆସୁଛନ୍ତି। ଏମାନଙ୍କ ନା ଥର୍ମାଲ ସ୍କ୍ରିନିଂ ହେଉଛି ନା କୋଭିଡ ପରୀକ୍ଷା। ବିମାନ ବନ୍ଦର ଓ ରେଳ ଷ୍ଟେସନରେ କେବଳ ନାମକୁ ମାତ୍ର ଯାଞ୍ଚ ଓ



ପଞ୍ଜୀକରଣ କରାଯାଉଛି। ତାହାପୁଣି ସମସ୍ତ ଯାତ୍ରୀଙ୍କ କ୍ଷେତ୍ରେର ନୁହେଁ। ଏକାଥରେ ବହୁ ଯାତ୍ରୀ ଆସୁଥିବାରୁ ସମସ୍ତଙ୍କ ନାମ ପଞ୍ଜୀକରଣ ପାଇଁ ବିଏମ୍ସିର ବ୍ୟବସ୍ଥା ସକ୍ଷମ ନୁହେଁ ବୋଲି ଯାତ୍ରୀ ଅଭିଯୋଗ କରିଛନ୍ତି। ବିଏମ୍ସି ରେଳ ଷ୍ଟେସନରେ ୮ଟି ଏବଂ ବିମାନର ବନ୍ଦରରେ ୪ଟି କାଉଣ୍ଟର ଖୋଲିଛି। ଏଠାରେ ଦୁଇଟି ଲେଖାଏଁ ସିଫ୍ଟରେ ଯାତ୍ରୀଙ୍କ ଆର୍ଟିପିସିଆର ନେଗେଟିଭ ରିପୋର୍ଟ ଏବଂ ଦୁଇଡୋଜ୍ ଟିକା ନେଇଛନ୍ତି ନା ନାହିଁ ଯାଞ୍ଚ ହେଉଛି। ଯେଉଁମାନଙ୍କର ଉକ୍ତ ରିପୋର୍ଟ ନାହିଁ ସେମାନଙ୍କ ନାମ ପଞ୍ଜୀକରଣ କରାଯାଉଛି। ➤ ପୃ-୬

## ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ

**ନୂଆଦିଲ୍ଲୀ :** ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ବର୍ଷା ହେବ। ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରି ଏହି ସୂଚନା ଦେଇଛି। ଚଳିତ ବର୍ଷ ଜୁନ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ହେବାର ସମ୍ଭାବନା ୪୦ ପ୍ରତିଶତ। ତେବେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ମାତ୍ର ୨୧ ପ୍ରତିଶତ ବୋଲି ପାଣିପାଗ ବିଭାଗ କହିଛି। ମୌସୁମୀ ବର୍ଷା ପ୍ରାୟ ୯୮% ହେବା ସମ୍ଭାବନା ରହିଥିବା ପାଣିପାଗ



ବିଭାଗ କହିଛି। ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ କହିଛି ଯେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ (ଜୁନରୁ ସେପ୍ଟେମ୍ବର) ➤ ପୃ-୬

## ବଢ଼ିବ ଆଇସିୟୁ ଓ ଭେଣ୍ଟିଲେଟର



**ଭୁବନେଶ୍ୱର :** ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସ୍ଥିତି ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ଦୈନିକ ସଂକ୍ରମଣ ୩ହଜାର ଛୁଇଁଥିବା ବେଳେ ଆଗାମୀ ଦିନରେ ଏହା ୫ହଜାର ଛୁଇଁବ ବୋଲି ଆଶଙ୍କା କରାଯାଉଛି। ଏଭଳି ପରିସ୍ଥିତିରେ ରାଜ୍ୟରେ ଶଯ୍ୟାର ଅଭାବ ଦେଖାଦେଇପାରେ। ତେଣୁ ରାଜ୍ୟ ସରକାର ଏବେଠାରୁ ସାଧାରଣ ଶଯ୍ୟା ସମେତ ଆଇସିୟୁ ଓ ଭେଣ୍ଟିଲେଟର ବଢ଼ାଇବା ପାଇଁ ଯୋଜନା କରିଛନ୍ତି। ରାଜ୍ୟରେ ଏବେ ଯେତିକି ସଂଖ୍ୟକ ଆଇସିୟୁ ଶଯ୍ୟା(ସରକାରୀ, ସରକାରୀ ପ୍ରୋତ୍ସାହନ) ରହିଛି ତାହାକୁ ଦୁଇଗୁଣ ବଢ଼ାଇବାକୁ ଯୋଜନା କରାଯାଇଛି। ଏପିରିକି ଆବଶ୍ୟକ ପଡ଼ିଲେ ୬ହଜାର ଅକ୍ସିଜେନ୍ ଶଯ୍ୟା ମଧ୍ୟ ପ୍ରସ୍ତୁତ ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଜଟିଳ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ରେମଡେସିଭିର ଏବେ ଖୋଲା ବଜାରରେ ଉପଲବ୍ଧ ହେଉ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟ ସରକାର ପୂର୍ବରୁ ଯେଉଁ କୋଭିଡ ହସ୍ପିଟାଲ କାର୍ଯ୍ୟ କରୁଥିବା ସେସବୁକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ଲାଗି ଜିଲ୍ଲାପାଳଙ୍କୁ ଚିଠି ଜାରି କରିଛନ୍ତି। ପୂର୍ବରୁ ଏସବୁ ହସ୍ପିଟାଲରେ ୧୫ଶହ ଆଇସିୟୁ ଶଯ୍ୟା ରହିଥିବା ବେଳେ ଏହାକୁ ଦୁଇଗଣ ପର୍ଯ୍ୟନ୍ତ ବାଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ➤ ପୃ-୬

## ବକ୍ରବାଣୀ



ଭୋଟ ନୋହିଲା କରୋନା ଆଇଲା
ସଭା ସମିତିକି ରୋକ୍ ଲାଗିଲା
କାଲି ଯାଏଁ ଥିଲା ସବୁଠି ମେଳା
ଆଜିଠୁ କରୋନା ଆରମ୍ଭ ହେଲା
ସର୍କାର କରନ୍ତି ଘୋଷଣା କେତେ
ଲୁଟି ଖାଇଦେବେ ପାରିବେ ଯେତେ
ମିଡିଆ ଗାଉଚି କରୋନା କଥା
ଘୁରେଇ ଦଉଚି ସବୁରୀ ମଥା
ଜୀବନ ଜୀବିକା ଚୁଲିକି ଯିବ
ଗରୀବ ବାପୁଡା ଭୋକେ ମରିବ।

— ଟୁଟୁ

### ବେଆଇନ ଖଣି, ଘରୋଇ ଜମିରେ ରାସ୍ତା ନିର୍ମାଣ ଓ ଗଛକଟା ପ୍ରସଙ୍ଗ


## ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ

**ରଣପୁର :** ରଣପୁର ତହସିଲଦାରଙ୍କ ବେଆଇନ କାର୍ଯ୍ୟକୁ ନେଇ 'ଏକମାତ୍ର'ରେ ଖବର ପ୍ରକାଶ ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ)

### 'ଏକମାତ୍ର'ର ପ୍ରଭାବ

ତତ୍ପର ହୋଇଉଠିଛନ୍ତି। ପରିବେଶ ନିୟମ ଉଲ୍ଲଙ୍ଘନ କରି ନୟାଗଡ଼ ଜିଲ୍ଲାର ରଣପୁର ତହସିଲ ତଥା କୁଳାସର ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ନୀଳପଲ୍ଲୀ ମୌଜାରେ ୨୦୭ ଖାତା ୮୬୯ ଓ ୭୮୦ ପ୍ଲଟ୍ ଯାହାର କିସମ ଗୋଚର ଜମିକୁ ବେଆଇନ ଭାବେ ନିଲାମ ଦେଇ ଚର୍ଚ୍ଚାକୁ ଆସିଛନ୍ତି ତହସିଲଦାର। ବର୍ତ୍ତମାନ ରାଜ୍ୟ ପ୍ରଦୂଷଣ ବୋର୍ଡ ଏହି ବେଆଇନ ଖଣିକୁ ଅନୁମତି ଦେଇନଥିବା ନୟାଗଡ ଜିଲ୍ଲାପାଳଙ୍କୁ ଜଣାଇଥିଲା ବେଳେ ଏସ୍‌ଇଆଇଏଏ ରିପୋର୍ଟ ତଲବ କରିଛନ୍ତି। ୮.୩.୨୦୨୧ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏହାକୁ ନେଇ ଜିଲ୍ଲାପାଳଙ୍କୁ ୨୧ଦିନ ଭିତରେ ତଦନ୍ତ କରି ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ଏହା କାର୍ଯ୍ୟକାରୀ ହୋଇନଥିବା ସୂଚନା ମିଳିଛି। ଏଥିସହିତ ସତ୍ୟନାରାୟଣ ପଟ୍ଟନାୟକଙ୍କ ୪ ଡେସିମିଲ୍ ଘରୋଇ ଜମି ଉପରେ ଜୋର ଜବରଦସ୍ତ ରାସ୍ତା ନିର୍ମାଣ ଓ ଉକ୍ତ ଜମିରୁ ବେଆଇନ ଗଛକଟାକୁ ନେଇ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଆସିଛି। ନିୟମ ଅନୁସାରେ ଘରୋଇ ଜମି ସରକାରୀ କାର୍ଯ୍ୟରେ ବ୍ୟବହାର ହେଲେ ଏଥିପାଇଁ କ୍ଷତିପୂରଣ ଦେବାର ଆଇନ ଅଛି। ହେଲେ ଏଠାରେ ଏସବୁକୁ ଅଣଦେଖା କରାଯାଇ ବେନିୟମ ଭାବେ ସମସ୍ତ କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ୪୦ଦିନ ବିତିଯାଇଥିଲେ ମଧ୍ୟ ନୟାଗଡ ଜିଲ୍ଲାପାଳଙ୍କ ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

ଉଲ୍ଲେଖଯୋଗ୍ୟ, ଗୋଚର ଜମିରେ ପଥର


State Environment Impact Assessment Authority, (SEIAA), Odisha

No 1231/SEIAA Dt 13.04.2021

To
The Collector and District Magistrate, Nayagarh
Dist – Nayagarh

Sub: Violation of order of SPCB and SEIAA granted for carrying out mining in village Kulasar and Deuli GP under Ranapur Tahasil in Nayagarh District

Sir,
In inviting a reference to the above cited subject, I am to say that a complain letter (copy enclosed) has been received from villagers of Kulasar and Deuli GP of Ranapur Block in Nayagarh District from Sri Saubhagya Chandra Nanda dated 12.01.2021 received by this office. In this regard the villagers have complaint against the illegal mining of stone being carried out in village Kulasar. The petitioner have alleged that the Tahasildar has not sought clearance certificate from Competent Authority prior to operation of the quarry.

Therefore, you are requested to cause an enquiry into the matter and verify the allegations and submit a factual inspection report and take appropriate action as per the provisions of EP Act 1986 and necessary guidelines issued by Ministry of Environment, Forest and Climate Change (MoEF&CC), Govt. of India as per the provisions of EIA Notification, 2006 and subsequent amendments thereto, in case of violation.

An early action in the matter is solicited.

Yours faithfully,
Member Secretary

Memo No 1232/SEIAA Dated 13.04.2021
Copy forwarded to The Member Secretary, SPCB, Odisha, A/118, Nilakantha Nagar, Paribesh Bhawan, Unit-VIII, Bhubaneswar for information and necessary action.
Member Secretary

Memo No 1233/SEIAA Dated 13.04.2021
Copy forwarded to The Tahasildar, Ranapur, Tahasil- Ranapur, Dist-Nayagarh for information and necessary action.
Member Secretary

ଉତ୍ତୋଳନ କରିବା ନିମନ୍ତେ ରଣପୁର ତହସିଲଦାର ତା।୧୧.୦୨.୨୦୧୫ରିଖ ପତ୍ରସଂଖ୍ୟା ୩୭୮ରେ ବିଜ୍ଞାପନ ପ୍ରକାଶ କରିଥିଲେ ଏବଂ ପରେ ଉକ୍ତ ବିଜ୍ଞାପନ ଅନୁସାରେ ଉପଯୁକ୍ତ ରାଶି ପ୍ରଦାନକାରୀ ବ୍ୟକ୍ତିମାନଙ୍କୁ ଖଣି ଉତ୍ତୋଳନ କରିବା ପାଇଁ ଅନୁମତି ପତ୍ର ପ୍ରଦାନ କରିଥିଲେ। ଅନୁମତି ପାଇଲାପାରେ ଖଣି କାର୍ଯ୍ୟ ଆରମ୍ଭ ହେଲା। ପଥର ଉତ୍ତୋଳନ କରିବା ପାଇଁ ଡ଼ାଇନା ମାଇଟ୍ ମାଧ୍ୟମରେ ବିସ୍ଫୋରଣ କରୁଥିଲେ। ଫଳରେ ଗୋଚର ଜାଗାର ଚଳୁଥିବା ପଶୁମାନେ ଯଥା ଗାଈ ମଇଁଷି ଓ ଛେଳି ଇତ୍ୟାଦି ପଶୁମାନେ ଭୟଭୀତ ହୋଇ ଚରଣ ଭୂମି ଛଡ଼ି ପଳାଉଥିଲେ। ଏବଂ ପାଖରେ ଥିବା କୋଠାଘର ଯାହାକି ବିଜୁପକ୍କାଘର ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ହିତାଧିକାରୀଙ୍କର ଘରର କାନ୍ଥ ଫାଟି ଆଁ କରିଅଛି। ଦେଲ ଯାହା ନେଲ ତାହା ନ୍ୟାୟରେ ଗ୍ରାମବାସୀ ମାନଙ୍କର କାନ୍ଥଫାଟି ଆଁ କରିବା ସହ ଘର ଗୁଡ଼ିକ ଭାଙ୍ଗିଯିବାର ସମ୍ଭାବନା ସହ ଧନ ଜୀବନ ହାନି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଉପରୋକ୍ତ ଘଟଣା ବିଷୟରେ ଗ୍ରାମବାସୀ ତଥା ଆଖପାଖରେ ଥିବା ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR





For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

## ମାନସିକ ରୋଗରେ ପୀଡିତ ଜିତେନ୍ଦ୍ର

### ଚିକିତ୍ସା ପାଇଁ ଅର୍ଥ ବାଧକ, ଶିକୁଳିରେ ବନ୍ଧା ଜୀବନ

**ଉଦଳା, (ନିରୁପମା ରଣା) :** ମାନସିକ ବିକୃତି ଯୋଗୁଁ ଶିକୁଳିରେ ବନ୍ଧା ହୋଇଛି ଜୀବନ। ଗୋଟିଏ ପଟେ ଆର୍ଥିକ ଅନାଟନ ଓ ଅନ୍ୟପଟେ ପୁଅର ଚିକିତ୍ସା ପାଇଁ ମା ଜୀବନ ଯୁଦ୍ଧର ସଂଗ୍ରାମ କରୁଛି। ଆଖିର ଲୁହ ସତରେ କହୁଛି ପୁଅ ପାଇଁ ମା'ର ଦରଦ କେତେ ସେଇଥିପାଇଁ ତ ପୁଅ କାଳେ କୁଆଡେ ଚାଲିଯିବ ଭାବି ଲୁହା ଶିକୁଳିରେ ବାନ୍ଧି ରଖିଛି ମା'। ପ୍ରତ୍ୟେକ ବାପା ମା' ଚାହାନ୍ତି ପୁଅ ବଡ ହେବ, ରୋଜଗାର କରିବ, ପରିଣତ ବୟସରେ ସୁଖଦୁଃଖର ସାଥୀ ହେବ। ହେଲେ ଏଠାରେ କିନ୍ତୁ ଚିତ୍ର ଅଲଗା। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ସାଳଚୁଆ ପଞ୍ଚାୟତର ଏ ହେଉଛି କୁକୁଡାଗଡି ଗ୍ରାମ। ଏହି ଗ୍ରାମର ଏ ହେଉଛନ୍ତି ସାରଦାମଣି ଭେଣ୍ଡିରିଆ। ପରିବାର କହିଲେ ସାରଦାମଣୀ ଓ ତାଙ୍କ ପୁଅ ଜିତେନ୍ଦ୍ର ଭେଣ୍ଡିରିଆ। ପରିବାର ବେଶ ହସ ଖୁସିରେ ଚାଲିଥିଲା, ହେଲେ ଆକାଶର କଳାବାଦଲ ପରି ଘୋଟି ଆସିଲା ଅସରନ୍ତି ଦୁଃଖ। ସାରଦାମଣୀଙ୍କ ସ୍ୱାମୀ ସର୍ବେଶ୍ୱର ଭେଣ୍ଡିରିଆ ଦୁଇବର୍ଷ ହେବ ମୃତ୍ୟୁ ହୋଇଥିବା ବେଳେ ବଡପୁଅଙ୍କର ମଧ୍ୟ ଏକ ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ରୋଜଗାରିଆ ଲୋକଙ୍କୁ ହରାଇବା ପରେ ସାରଦାମଣୀ ହୋଇଯାଇଛନ୍ତି ନିରୁପାୟ। କାହିଁକି ନା ତାଙ୍କର ସାନ ପୁଅ ଜିତେନ୍ଦ୍ର ମାନସିକ ରୋଗରେ ପୀଡିତ ହୋଇ ଏବେ ଜୀବନ ଯୁଦ୍ଧରେ ସଂଗ୍ରାମ କରୁଛନ୍ତି। ଯେଉଁ ବୟସରେ ପାଠ ପଢ଼ିବା କଥା ସେହି ବୟସରେ ତାଙ୍କର ଶିକୁଳିରେ ବନ୍ଧା ହୋଇଛି ଜୀବନ। ନା ସେ ଠିକ ସେ କଥା ହୋଇପାରୁଛନ୍ତି ନା ସେ ଚାଲି ପାରୁଛନ୍ତି। ବେସାହାରା ସାରଦାମଣୀଙ୍କ ଜୀବନ ବିତୁଛି ନୂଆଣୀଆ ଚାଳ ଘରେ। ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ନିଜର ପ୍ରତିଭା ଅନ୍ୟଠାରୁ କମ ଭାବି ମନଉଣା କରନ୍ତୁ ନାହିଁ। ପରିବାର ଲୋକଙ୍କ ସମର୍ଥନ ମିଳିବ ନାହିଁ। କାର୍ଯ୍ୟକ୍ଷେତ୍ର କିଛି ଗୁରୁଦାୟିତ୍ୱ ମିଳିପାରେ। ଛାତ୍ରମାନେ ପରିବାରରେ ଅସନ୍ତୋଷ ଯୋଗୁ ପାଠରେ ମନନିବେଶ କରିପାରିବେନାହିଁ।

**ବୃଷ** – ସ୍ୱାସ୍ଥ୍ୟରେ ଉନ୍ନତି ହେବ। କମିଶନ ଓ ଲାଭାଂଶରେ ବୃଦ୍ଧିର ସମ୍ଭାବନା ଅଛି। ଘରର ଛୋଟ ସଦସ୍ୟଙ୍କ ସହ ବିବାଦ ଉପୁଜିପାରେ। ଛାତ୍ରମାନଙ୍କ ସପ୍ତାହର ଶେଷଭାଗରେ ସଫଳତା ମିଳିବ। ପ୍ରେମୀ ଯୁଗଳ ବିବାହ ବନ୍ଧନରେ ବାନ୍ଧି ହୋଇପାରନ୍ତି।

**ମିଥୁନ** – ଆପଣଙ୍କ ବ୍ୟବହାରରେ ଅନ୍ୟମାନେ ଦୁଃଖିତ ହେବେ। ସ୍ୱର୍ଣ୍ଣ ଅଳଙ୍କାର ବା ଗୃହ କାର୍ଯ୍ୟରେ ଅର୍ଥ ବିନିଯୋଗ କରିପାରନ୍ତି। ଅତିଥିଙ୍କ ଆଗମନରେ ଘରର ପରିବେଶ ଶାନ୍ତ ରହିବ। ସ୍ୱାଦିଷ୍ଟ ଖାଦ୍ୟ ମିଳିବ।

**କର୍କଟ** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନିଜର ସାମର୍ଥ୍ୟକୁ ନିଜ ହାତରେ ଲଗାନ୍ତୁ। ଦୂର ଯାତ୍ରା ଯୋଗ ଅଛି। ସେଥିରୁ ଆର୍ଥିକ ଲାଭ ମିଳିବ। କାର୍ଯ୍ୟ କ୍ଷେତ୍ରରେ ବିଚାର କରି ନିର୍ଣ୍ଣୟ ନିଅନ୍ତୁ। ଦାମ୍ପତ୍ୟଜୀବନ ସୁଦୃଢ଼ ହେବ।

**ସିଂହ** – ମୁଣ୍ଡ ଓ ଗଳା ସମସ୍ୟା ଦୂର ହେବ। ଆମଦାନୀ ଓ ଖର୍ଚ୍ଚ ଉଭୟ ବୃଦ୍ଧି ହେବ। କେବଳ ଘରର ଖାଦ୍ୟ ଖାଆନ୍ତୁ ନଚେତ ସମସ୍ୟାରେ ପଡିପାରନ୍ତି। କୌଣସି କାର୍ଯ୍ୟକ୍ରମ ଆୟୋଜନ କରିପାରନ୍ତି।

**କନ୍ୟା** – ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଭ୍ରମଣ ଓ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଖର୍ଚ୍ଚରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ନିଜର ମତ ଉପସ୍ଥାପନ କରିବାରେ ସକ୍ଷମ ହେବେ। ଛାତ୍ରମାନଙ୍କୁ ଅନୁକୂଳ ଫଳ ମିଳିବ।

**ତୁଳା** – ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବନାହିଁ। ପୈତୃକ ସମ୍ପତ୍ତି ପ୍ରାପ୍ତି ହୋଇପାରେ। ଯାନବାହନ କ୍ରୟ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ପଢ଼ାରେ ମନଦେବେ। ଦାମ୍ପତ୍ୟ ଜୀବନରେ ଶୁଭ ଖବର ମିଳିବ।

**ବିଛା** – ପୀଡିତ ଓ ଧକିବାଉଳି ଅନୁଭବ କରିବେ। ଖର୍ଚ୍ଚ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। କୌଣସି ନିଜ ଲୋକ ଆଗେ ଗୋପନ କଥା ପ୍ରକାଶ କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ବାଧଶ ଉପୁଜିପାରେ।

**ଧନୁ** – ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ବିଶେଷ ସଫଳତା ମିଳିବ। ସଞ୍ଚିତ ଅର୍ଥ ଖର୍ଚ୍ଚ ହେବ। କିନ୍ତୁ ଅନେକ ସୁଖ ସୁବିଧା ମିଳିପାରେ। ପରିବାର ପାଇଁ ଅଧିକ ସମୟ ଦେଇ କାର୍ଯ୍ୟକ୍ଷେତ୍ରକୁ ଅବହେଳା କରିପାରନ୍ତି।

**ମକର** – କାର୍ଯ୍ୟରୁ ସମୟ ବାହାର କରି ଶରୀରକୁ ବିଶ୍ରାମ ଦିଅନ୍ତୁ। କାରଣ ଆଗକୁ ଅଧିକ କଠିନ କାର୍ଯ୍ୟ କରିବାର ଅଛି। ଋଣ ଆବେଦନ କରିଥିଲେ ମଞ୍ଜୁରୀ ମିଳିବ। ସଞ୍ଚୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ** – ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଖାଲି ସମୟ ନଷ୍ଟ କରନ୍ତୁ ନାହିଁ। ପିତାମାତାଙ୍କ ପ୍ରେରଣା ଓ ଆଶୀର୍ବାଦ ପ୍ରାପ୍ତ ହେବ। କାର୍ଯ୍ୟ କ୍ଷେତ୍ରରେ ହୋଇଥିବା ଭୁଲକୁ ମାନି ନିଅନ୍ତୁ। ପ୍ରେମ ପାଇଁ ନୂତନ ମଣିଷଟି ମିଳିପାରେ।

**ମୀନ** – ଶାରୀରିକ ଓ ମାନସିକ ସ୍ଥିତି ଉତ୍ତମ ରହିବ। କାର୍ଯ୍ୟ କ୍ଷେତ୍ରରେ ନିଜର ଯୋଜନା ସମ୍ବନ୍ଧରେ କାହାକୁ କୁହନ୍ତୁ ନାହିଁ। ସମାଜରେ ପ୍ରତିଷ୍ଠା ମିଳିବ। ଆଗକୁ ଆସୁଥିବା ପ୍ରତିବନ୍ଧକ ପାଇଁ ସାଜଗ ରହନ୍ତୁ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦମ୍ପତିମାନେ ବ୍ୟସ୍ତ ରହିବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଧାମରାରେ ହେବ ୧୧୦ କୋଟି ଟଙ୍କାର ଆରଓ-ପ୍ୟାକ୍ସ ଜେଟି ପ୍ରକଳ୍ପ

# କେନ୍ଦ୍ର ସରକାରଙ୍କ ୫୦.୩୦ କୋଟି ମଞ୍ଜୁର

**ନୂଆଦିଲ୍ଲୀ :** ସାଗରମାଳା ଯୋଜନା ଅଧିନରେ ଓଡ଼ିଶାର ଭଦ୍ରକ ଜିଲ୍ଲାର କାନିନାଳୀ ଠାରୁ କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆକୁ ସଂଯୋଗ କରୁଥିବା ସବୁଦିନିଆ ଆରଓ-ପ୍ୟାକ୍ସ (ରୋଲ-ଅନ୍/ରୋଲ୍ ଅଫ୍ ଯାତ୍ରୀବାହୀ) ଜେଟି ଏବଂ ଆନୁସଙ୍ଗିକ ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିପାଇଁ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ୫୦.୩୦ କୋଟି ଟଙ୍କା ବ୍ୟୟ କରାଯିବା ଲାଗି ପ୍ରଶାସନିକ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପ ପାଇଁ ଅତିରିକ୍ତ ୫୦% ଅର୍ଥ ଓଡ଼ିଶା ସରକାର ଖର୍ଚ୍ଚ କରିବେ। ଏହି ପ୍ରକଳ୍ପ ପାଇଁ ମୋଟ ୧୧୦.୬୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। କାନିନାଳୀ ଏବଂ ତାଳଚୁଆ ଠାରେ ଆରଓ-ପ୍ୟାକ୍ସ ପୋତାଶ୍ରୟ, ପାର୍କିଂ ଅଞ୍ଚଳ ବିକାଶ, ନୌବହନ ସହାୟତା ଓ ଖନନ ଭଳି ଉପଯୋଗିତା ଭିତ୍ତିଭୂମି ନିର୍ମାଣ ପାଇଁ ଏହି ଅର୍ଥ ବ୍ୟୟ କରାଯିବ। ଏହି ଜଳ ମାର୍ଗ ହେବା ଫଳରେ ପୂର୍ବରୁ ଯେଉଁ ଦୂରତା ଅତିକ୍ରମ କରିବା ଲାଗି ୬ ଘଣ୍ଟା ଲାଗୁଥିଲା ତାହା ମାତ୍ର ୧ ଘଣ୍ଟାରେ ଅତିକ୍ରମ କରିହେବ। ବର୍ତ୍ତମାନର ଘାଟରେ ସବୁଦିନିଆ ଆରଓ-ପ୍ୟାକ୍ସ ଜେଟି ନିର୍ମାଣ କରାଯିବା ଫଳରେ ନୌକା, ଲଞ୍ଚ ଓ ଅନ୍ୟ ଡଙ୍ଗା ଯାତାୟାତ ପାଇଁ ସୁବିଧା ହେବ। ସେହିପରି ଏକ ସମୟରେ ଦଶଟି ହାଲକା ମୋଟର ଯାନ, ୨୦ଟି ଦୁଇ ଚକିଆ ଓ ୬୦ଜଣ ଯାତ୍ରୀଙ୍କୁ ପରିବହନ କରିପାରୁଥିବା ବଡ ଯାନ୍ତ୍ରିକ ପୋତ ଚଳାଚଳ ପାଇଁ ଭିତ୍ତିଭୂମି ନିର୍ମିତ ହୋଇପାରିବ। ଏଥିରେ ଯାତ୍ରୀ ଓ ବାହନର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ଏହି ପ୍ରକଳ୍ପ ଧାମରା ନଦୀ



ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କୁ ପରୋକ୍ଷ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ଏବଂ ତାଳଚୁଆରୁ ଧାମରା ପର୍ଯ୍ୟନ୍ତ ୨୦୦ କିମି ରାସ୍ତାର ଦୂରତାକୁ ହ୍ରାସ କରିବ। ଭଦ୍ରକ ଜିଲ୍ଲାର କାନିନାଳୀ ଓ କେନ୍ଦ୍ରାପଡାର ତାଳଚୁଆ ଯଥାକ୍ରମେ ଧାମରା ବନ୍ଦରର ଉତ୍ତର ଏବଂ ଦକ୍ଷିଣ ତଟରେ ଅବସ୍ଥିତ। ତାଳଚୁଆ ଏବଂ ଏହାର ଆଖପାଖ ଗ୍ରାମର ଲୋକମାନେ ସେମାନଙ୍କର ଜୀବିକା ପାଇଁ ଧାମରା ବନ୍ଦର ଉପରେ ନିର୍ଭର କରିଥାନ୍ତି, ଯାହାକି କାନିନାଳୀ ଘାଟ ଠାରୁ ୪ କିମି ଦୂରରେ ଅବସ୍ଥିତ। ସଡକ ପଥରେ କୌଣସି ଯୋଗାଯୋଗ ବ୍ୟବସ୍ଥା ନଥିବା କାରଣରୁ ଲୋକମାନଙ୍କୁ କାନିନାଳୀ ଏବଂ ତାଳଚୁଆ ଘାଟରୁ ନଦୀରେ ପାଖାପାଖି ସାତ କିମି ରାସ୍ତା ଡଙ୍ଗାରେ ବସି ପାର ହେବାକୁ ପଡିଥାଏ। ବର୍ତ୍ତମାନ ଯାତ୍ରୀମାନେ ଘରୋଇ ଡଙ୍ଗରେ ଅସୁରକ୍ଷିତ ଭାବେ ଯାତ୍ରା କରୁଛନ୍ତି। ଦୈନିକ ଲଞ୍ଚରେ ଗାଡି ନେଇ ଚଢ଼ିବା ଓ ଓହ୍ଲାଇବା ସମୟରେ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅତ୍ୟାଧୁନିକ ଉପଯୋଗ ଭିତ୍ତିଭୂମି ସହିତ ଏହି ପ୍ରକଳ୍ପ ଯାତ୍ରୀ ଓ ବାହନ ଗୁଡିକ ସୁରକ୍ଷାକୁ ବୃଦ୍ଧି କରିବ। ଏହି ଯୋଗାଯୋଗ ବ୍ୟବସ୍ଥା ଫଳରେ ବାଣିଜ୍ୟିକ ଓ ବ୍ୟାବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ଏବଂ ଏହା ଆଖପାଖ ଅଞ୍ଚଳରେ ସାମାଜିକ-ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହେବ।

### ସର୍ବାଧିକ ଆକ୍ରାନ୍ତ ରାଜ୍ୟକୁ ପର୍ଯ୍ୟାପ୍ତ ପରିମାଣରେ

## ଅକ୍ସିଜେନ ଯୋଗାଣ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ :** କରୋନା ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ଚିକିତ୍ସା ପାଇଁ ମୁଖ୍ୟ ବାଧକ ସାଜିଛି ଅମ୍ଳଜାନ (ଅକ୍ସିଜେନ)ର ଅଭାବ। ଦୈନିକ ଅକ୍ସିଜେନ ଅଭାବରୁ କରୋନା ସଂକ୍ରମିତଙ୍କ ମୃତ୍ୟୁ ନେଇ ଖବର ଆସିବା ପରେ ଏ ସମସ୍ୟାର ସମାଧାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ସମୀକ୍ଷା ବୈଠକରେ ସର୍ବାଧିକ ଆକ୍ରାନ୍ତ ୧୨ଟି ରାଜ୍ୟକୁ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି ପ୍ରଧାନମନ୍ତ୍ରୀ। ଅଧିକ ସଂକ୍ରମିତ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସନ ଅଞ୍ଚଳର ଜିଲ୍ଲା ଗୁଡିକର ସ୍ଥିତି ନେଇ ମୋଦିଙ୍କୁ ଅବଗତ କରାଯାଇଥିଲା। ତେବେ ଅମ୍ଳଜାନ ପ୍ରସ୍ତୁତ କରୁଥିବା ବିଭିନ୍ନ ପ୍ଲାଣ୍ଟ ନିଜ କ୍ଷମତା ଅନୁସାରେ ଅମ୍ଳଜାନ ଉତ୍ପାଦନ ବୃଦ୍ଧି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଏହାସହ ସାରା ଦେଶରେ ଅକ୍ସିଜେନ ସିଲିଣ୍ଡର ଗୁଡିକୁ ନେଇ ଯାଉଥିବା ଗାଡି ଗୁଡିକ କିପରି ବିନା ବାଧାରେ ଯାତାୟତ କରିପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଏହାସହ ବିଦେଶରୁ ୫୦ ହଜାର ମେଟ୍ରିକ୍ ଟନ୍ ମେଡିକାଲ ଅକ୍ସିଜେନ କେନ୍ଦ୍ର ସରକାର ଆମଦାନି କରିବେ ବୋଲି ସୂଚନା ମିଳିଛି।

## 'ଜ୍ୱର ଔଷଧ ଭଳି ମହଜୁଦ୍ ରଖ ରେମଡେସିଭର'

**ନୂଆଦିଲ୍ଲୀ :** ଜ୍ୱର ଔଷଧ ଭଳି ରାଜ୍ୟରେ ମହଜୁଦ ରଖ ରେମଡେସିବିର ମେଡିସିନ୍। ରେମଡେସିବିରର ଅଭାବ ଓ ଏହାର ଯୋଗାଣ ଉପରେ ନିୟନ୍ତ୍ରଣକୁ ନେଇ ଗୁଜରାଟ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କରୋନା ସଂକ୍ରମଣଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି। ଏଭଳି ସଙ୍କଟ ସମୟରେ ପାରାସିଟାମୋଲ ଭଳି ସମସ୍ତଙ୍କ ପାଇଁ ରେମଡେସିବିର ଔଷଧ ଉପଲବ୍ଧ କରାଇବାକୁ କୋର୍ଟ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ଅଭିଯୋଗ ଆସିବା ପୂର୍ବରୁ ତତ୍କାଳୀନ ଏହି ନିର୍ଦ୍ଦେଶ ପାଳନ କରିବାକୁ କୋର୍ଟ କହିଛନ୍ତି। ରେମଡେସିବିରର ଅଭାବକୁ ନେଇ ହୋଇଥିବା ମାମଲାର ଶୁଣାଣି କରିବାବେଳେ କୋର୍ଟ ରାଜ୍ୟ ସରକାରଙ୍କ ଉପରେ ବିରକ୍ତି ପ୍ରକାଶ କରିଛନ୍ତି। ଗୁଜରାଟ ହାଇକୋର୍ଟର ପ୍ରଧାନ ବିଚାରପତି ବିକ୍ରମ ନାଥ ଏବଂ ଜଷ୍ଟିସ ଭାର୍ଗବ କାରିଆ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି, ସରକାର ଲୋକଙ୍କୁ କ'ଣ ଆବଶ୍ୟକ ଏବଂ କେତେବେଳେ ଆବଶ୍ୟକ ତାହା ଉପରେ ଉଚିତ୍ ନୀତି ଆପଣାଇବା ଉଚିତ। କରୋନା ସମୟରେ ଲୋକଙ୍କ ସମସ୍ତ ବାଧାବିଘ୍ନକୁ ଦୂର କରିବା ଉଚିତ। କୋର୍ଟ ଆହୁରି କହିଛନ୍ତି, ସରକାର ଅଧିକ ମୂଲ୍ୟରେ ଔଷଧ ବିକ୍ରି କରୁଥିବା ଲୋକଙ୍କୁ ଖୋଜି ବାହାର କରିବା ସହ




ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ରେମଡେସିବିର ମେଡିସିନ୍ ସବୁ ସ୍ଥାନାରେ ଯେପରି ଉପଲବ୍ଧ ହେବ ସେଥିପ୍ରତି ସରକାର ନିଶ୍ଚିତ କରିବା ଉଚିତ। ଏଥିପାଇଁ ଯେପରି କାହାକୁ ଧାଡିରେ ଛଡା ହେବାକୁ ନପଡେ ସେଥିପ୍ରତି ମଧ୍ୟ ସରକାର ଦୃଷ୍ଟି ଦେବାକୁ ପଡିବ ବୋଲି ପ୍ରଧାନ ବିଚାରପତି ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜରୁରୀକାଳିନ ପରିସ୍ଥିତିରେ ରେମଡେସିବିର ମେଡିସିନ୍ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥିବା ସରକାର କରିଥିବା ଅଭିଯୋଗକୁ ମଧ୍ୟ କୋର୍ଟ ଖଣ୍ଡନ କରିଛନ୍ତି। କୋର୍ଟ ଗୁଜରାଟ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରତିଦିନ ୨୭ ହଜାରରୁ ଅଧିକ ରେମଡେସିବିର ଇଞ୍ଜେକସନ୍ ଆସୁଛି, ତାହା କୁଆଡେ ଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ଗୋଟିଏ ଗୋଟିଏ ସ୍ଥାନରେ ହିଁ କାହିଁକି ରେମଡେସିବିର ଇଞ୍ଜେକସନ୍ ମିଳୁଛି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

# ଦେଶରେ କରୋନାର ତାଣ୍ଡବ

**ନୂଆଦିଲ୍ଲୀ :** ଦେଶରେ କରୋନାର କହର ଜାରି ରହିଛି। ଦୈନିକ ସଂକ୍ରମଣ ସଂଖ୍ୟା ୨ ଲକ୍ଷ ଟପିଗଲାଣି। ଗତବର୍ଷ ତୁଳନାରେ ଚଳିତଥର ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଛି। ଏହାରି ଭିତରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ତଥା ପରାମର୍ଶଦାତା ବିଜୟ ରାଘବନ ଏକ ଜତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇଛନ୍ତି। ଯେଉଁଥିରେ ସେ ଭାରତରେ ଦେଖାଦେଇଥିବା କୋଭିଡର 'ଡବଲ ମ୍ୟୁଟାଣ୍ଟ'କୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏହି ମ୍ୟୁଟାଣ୍ଟ ପାଇଁ ଦେଶରେ କରୋନା ଘାଇଁ ଘାଇଁ ହୋଇ ବ୍ୟାପୁ ଥାଇପାରେ ବୋଲି ଆକଳନ କରିଛନ୍ତି। ହେଲେ ଏଯାବତ ସ୍ପଷ୍ଟ ହୋଇନି କେଉଁ କାରଣ ପାଇଁ ଚଳିତ ଥର ମହାମାରୀ ଶୀଘ୍ର ବ୍ୟାପୁଛି। ବିଜୟ ରାଘବନ୍ କହିଛନ୍ତି ଯେ, ଡବଲ୍ ମ୍ୟୁଟେଣ୍ଟ ବା ମ୍ୟୁଟେସନ୍ ଭାଇରସ ଅନେକ ଲୋକଙ୍କଠାରେ ଦେଖିବାକୁ ମିଳିଛି। ଏହି ଭାଇରସ ପରିବର୍ତ୍ତନଶୀଳ। ଏହା ମଣିଷର ଶରୀର ଉପରେ ବହୁତ ଶୀଘ୍ର ପ୍ରଭାବ ପକାଇଥାଏ। କାହିଁକି ଏହି ମ୍ୟୁଟାଣ୍ଟ ପରିବର୍ତ୍ତନଶୀଳ ତାକୁ ବୁଝିବା ପାଇଁ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି ବୋଲି ସେ କହିଛନ୍ତି। ଜିନୋମ ସିକୋଭେସିଂହ ଜରିଆରେ ଭାରତରେ ଏହି ଡବଲ ମ୍ୟୁଟାଣ୍ଟ ବାବଦରେ ଜଣାପଡ଼ିଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଥିଲା ଯେ ମ୍ୟୁଟେସନ ଦୁଇ ପ୍ରକାର ଚିହ୍ନଟ ହୋଇଛି। ଗୋଟିଏ E484Q ଏବଂ ଅନ୍ୟଟି L452Rd ଏହି ନୂଆ ମ୍ୟୁଟାଣ୍ଟ ମଣିଷର ରୋଗ




ପ୍ରତିରୋଧକ ଶକ୍ତିକୁ କମାଇଦିଏ। ଆଉ ପୂର୍ବ ଅପେକ୍ଷା ଏହା ଶରୀରକୁ ଅଧିକ ପ୍ରଭାବିତ କରିଥାଏ। ମାର୍ଚ୍ଚ ୨୪ରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଥିଲା ଯେ ମହାରାଷ୍ଟ୍ରର ୨୦୬ ନମୁନାରେ ଏହି ପ୍ରକାର ମ୍ୟୁଟାଣ୍ଟ ଦେଖିବାକୁ ମିଳିଥିଲା। ଏପ୍ରିଲ୍ ୭ରେ ମହାରାଷ୍ଟ୍ରରୁ ଏପରି ମାମଲା ସାମ୍ନାକୁ ଆସିଛି। ବୁଧବାର, ଝାଡଖଣ୍ଡର ୯ଟି ୟୁକେ ଷ୍ଟ୍ରେନ ସାମ୍ନାକୁ ଆସିଛି। ସେଥିମଧ୍ୟରୁ ୪ଟି ନମୁନାରେ ଡବଲ୍ ମ୍ୟୁଟାଣ୍ଟ ରହିଛି। ଏହି ଭାଇରସର ନୂଆ ମାମଲା ବୁଝିବାକୁ ହେଲେ SARS-CoV-2 ଜେନୋମ କଂସୋର୍ଟିୟମ୍ ଦ୍ୱାରା ଏହାର ଗବେଷଣା ହେଉଛି। INSACOG ହେଉଛି ୧୦ ଟି ଭାରତୀୟ ଲ୍ୟାବର ଏକ ସମୂହୟ ଯାହାକୁ ଗତ ବର୍ଷ ଡିସେମ୍ବର ୨୫ରେ କେନ୍ଦ୍ର ସରକାର ତିଆରି କରିଥିଲେ। ଡାକ୍ତରଙ୍କ କହିବା ଅନୁଯାୟୀ, କରୋନାର ନୂଆ ଷ୍ଟ୍ରେନ୍‌ର ଭାଇରାଲ୍ ଜ୍ୱର, ପେଟ ଯନ୍ତ୍ରଣା, ଝାଡ଼ା, ଆଖିକୁ ଭଲ ଭାବରେ ଦେଖାନଯିବା, ଗ୍ୟାସ୍, ବାନ୍ତି, ଭୋକ କମିଯିବା, ଶରୀର ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଉଥିଲା। କିନ୍ତୁ ଷ୍ଟ୍ରେନ୍ ବଦଳିବା ପରେ ଏବେ କରୋନାର ଅନ୍ୟ କିଛି ଲକ୍ଷଣ ମଧ୍ୟ ସାମ୍ନାକୁ ଆସିଛି। ଯାହାକି ସିଧାସଳଖ କାନ ଏବଂ ଆଖି ଉପରେ ପ୍ରଭାବ ପକାଉଛି। ସୂଚନାଯୋଗ୍ୟ ଯେ SGPGI ଏବଂ KGMU ସମେତ ଅନେକ କୋଭିଡ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କରୋନା ରୋଗୀଙ୍କ ପାଖରେ ଶ୍ରବଣ ସମସ୍ୟା ଦେଖାଦେଉଛି। ଡାକ୍ତରମାନେ କହିଛନ୍ତି ଯେ ଏଠାରେ ଅନେକ ରୋଗୀ ଅଛନ୍ତି ଯେଉଁମାନେ ଉଭୟ କାନରେ ଭଲ ଭାବରେ ଶୁଣି ପାରୁ ନାହାନ୍ତି। ଏହା ବ୍ୟତୀତ ଆଉ କିଛି ବ୍ୟକ୍ତିଙ୍କୁ କମ୍ ଦେଖାଯାଉଥିବାର ଅଭିଯୋଗ ରହିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଗୁରୁତର ଅବସ୍ଥା ହେଲେ କରୋନା ଶରୀରର ଅନେକ ଅଙ୍ଗକୁ ପ୍ରଭାବିତ କରିଥାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ କରୋନା ରୂପ ବଦଳାଇବା ପରେ ଚିନ୍ତା ବଢ଼ାଇଛି। ଲକ୍ଷ୍ନୌର ଆରଏମଏଲ ହସ୍ପିଟାଲର ଚିକିତ୍ସା ବିଭାଗର ମୁଖ୍ୟ ଡାକ୍ତର ବିକ୍ରମ ସିଂ କହିଛନ୍ତି ଯେ କରୋନା ଭାଇରସର ଦ୍ୱିତୀୟ ଷ୍ଟ୍ରେନ୍ ଲୋକଙ୍କୁ ଅଧିକ ଅସୁସ୍ଥ କରୁଛି। ଏହି କାରଣରୁ ରୋଗୀମାନେ ବାନ୍ତି, ଝାଡ଼ା, ଗ୍ୟାସ୍, ଅଦୃଶ୍ୟତା, ଶରୀରର ଯନ୍ତ୍ରଣା, ଶ୍ରବଣ ସମସ୍ୟାର ସମ୍ମୁଖିନ ହେଉଛନ୍ତି।

# ଆହୁରି ବିଗିଡିବ ଭାରତ-ପାକିସ୍ତାନ ସମ୍ପର୍କ


**ୱାଶିଂଟନ :** ଆଗକୁ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ଆହୁରି ଉଗ୍ରରୂପ ଧାରଣ କରିବ। ପାକିସ୍ତାନୀ ପ୍ରୋଭୋକେସନର ଜବାବ ଦେବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହୁରି ଅଧିକ ସାମରିକ ପଦକ୍ଷେପ ନେବେ। ପୂର୍ବରୁ ଭାରତ ପଡୋଶୀ ପାକିସ୍ତାନ ବିରୋଧରେ ନେଇଥିବା ସାମରିକ ପଦକ୍ଷେପ ଠାରୁ ଏହା ବଡ ହେବ ବୋଲି ଆମେରିକା ଗୁଇନ୍ଦା ବିଭାଗ ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ଓଡିଏନ୍ଆଇ ତା'ର ବାର୍ଷିକ 'ବିପଦ ଆକଳନ' ରିପୋର୍ଟକୁ ଆମେରିକା କଂଗ୍ରେସରେ ଉପସ୍ଥାପନ କରିଛି। ଏଥିରେ କୁହାଯାଇଛି ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ଯୁଦ୍ଧର ଆଶଙ୍କା ଯଥେଷ୍ଟ କମ। କିନ୍ତୁ ଦୁଇ ଆଣବିକ ଶକ୍ତି ସମ୍ପନ୍ନ ଦେଶ ମଧ୍ୟରେ ଆଗକୁ ତିକ୍ତତା ଚରମ ସୀମାରେ ପହଞ୍ଚିବାର



ଆଶଙ୍କା ରହିଛି। ପାକିସ୍ତାନୀ ପ୍ରୋଭେକେସର ଜବାବ ଦେବାକୁ ଭାରତ ପୂର୍ବଭଳି ସାମରିକ ପଦକ୍ଷେପ ନେବ। ହେଲେ ଏହି ସାମରିକ ପଦକ୍ଷେପ ପୂର୍ବାପେକ୍ଷା ଅଧିକ ବଡ ଓ ଭୟଙ୍କର ରହିବ। କାଶ୍ମୀରରେ ଅଶାନ୍ତି, ହିଂସା ଓ ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ଦୁଇ ଦେଶ ମଧ୍ୟରେ ବିବାଦ ସୃଷ୍ଟି ହେଉଛି ବୋଲି ରିପୋର୍ଟରେ କୁହାଯାଇଛି। ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢ଼ିଛି। ସେବେଠାରୁ ଉଭୟ ଦେଶ ନିଜର ହାଇକମିଶନରୁ ସେମାନଙ୍କ ପ୍ରତିପକ୍ଷଙ୍କ ରାଜଧାନୀରୁ ପ୍ରତ୍ୟାହାର କରିନେଇଛନ୍ତି। ଆତଙ୍କବାଦ ଓ ହିଂସାକୁ ଛାଡିଲେ ଭାରତ ପଡୋଶୀ ପାକିସ୍ତାନ ସହ ସୁ-ସମ୍ପର୍କ ସ୍ଥାପନ କରିବ ବୋଲି ମଧ୍ୟ ସର୍ତ୍ତ ରଖିଛି। ଓଡିଏନ୍ଆଇ ରିପୋର୍ଟ ଅନୁଯାୟୀ, ଆଫଗାନିସ୍ତାନ, ଇରାକ ଓ ସିରିଆରେ ହେଉଥିବା ଲଢ଼େଇ ସିଧାସଳଖ ଆମେରିକା ଫୋର୍ସର ସହନଶୀଳତା ଉପରେ ନିର୍ଭର କରୁଛି। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ସାରା ବିଶ୍ୱ ପାଇଁ ଚିନ୍ତା ବିଷୟ ବୋଲି କୁହାଯାଇଛି।

## ହାତୀ-ମଣିଷ ଲଢେଇକୁ ରୋକିବ 'ରି-ହେବ' ଯୋଜନା

**ନୂଆଦିଲ୍ଲୀ :** ଖଦୀ ଏବଂ ଗ୍ରାମ୍ୟୋଦୟ ଆୟୋଗ ଦ୍ୱାରା କର୍ଣ୍ଣାଟକ ଜଙ୍ଗଲରେ ହାତୀ ଓ ମଣିଷ ଲଢେଇକୁ ରୋକିବା ପାଇଁ ଆରମ୍ଭ କରାଯାଇଥିବା ମହୁମାଛି ବାଡ଼ ତିଆରି 'ରି-ହେବ' ଯୋଜନାକୁ ଖୁବ୍‌ଶୀଘ୍ର ଓଡ଼ିଶାରେ ଆରମ୍ଭ କରାଯିବ। ଏ ସମ୍ପର୍କରେ ଏମ୍ଏସ୍ଏମ୍ଇ ମନ୍ତ୍ରାଳୟ ସୂତ୍ରରୁ ଜଣାପଡ଼ିଛି। ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ ମହୁମାଛି ବାଡ଼ ତିଆରି 'ରି-ହବ' ଯୋଜନା କର୍ଣ୍ଣାଟକର କୋଡ଼ାଗୁ ଜିଲ୍ଲାରେ ସଫଳ ହୋଇଥିବାରୁ ଏହାକୁ ହାତୀବହୁଳ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ଆସାମ, ତାମିଲନାଡୁ ଓ କେରଳ ରାଜ୍ୟରେ ଲାଗୁ କରାଯିବ। 'ରି-ହବ' ଯୋଜନା ଅନ୍ତର୍ଗତ ମହୁମାଛିଙ୍କର ବକ୍ସକୁ ତାରବାଡ଼ରେ ଝୁଲାଇ ହାତୀ ଚଳପ୍ରଚଳ ସ୍ଥାନରେ ସେମାନଙ୍କର



ମାର୍ଗକୁ ଅବରୋଧ କରାଯିବା ସହିତ ହାତୀପଲକୁ ନିୟନ୍ତ୍ରଣ କରାଯିବ। ହାତୀ ଓ ମଣିଷ ଲଢେଇକୁ ରୋକିବା ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦେଶର ୨୦୧୫ରୁ ୨୦୧୯ମସିହା ସୁଦ୍ଧା ହାତୀ ମଣିଷ ଲଢେଇରେ ୨୪୦୦ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ କେବଳ ଓଡ଼ିଶାରେ ୪୦୦ ଜଣଙ୍କ ମୃତ୍ୟୁ ହୋଇଥିବା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ରିପୋର୍ଟରୁ ଜଣାପଡ଼ିଛି।

# ଗେମ୍‌ଚେଞ୍ଜର ସାଜିବ ସ୍ପୁଟନିକ୍-ଭି'

**ନୂଆଦିଲ୍ଲୀ :** କରୋନାର ବିସ୍ଫୋରକ ରୂପ ମଧ୍ୟରେ ଆଶ୍ୱସ୍ତି କରିବା ଭଳି ଖବର ସାମ୍ନାକୁ ଆସିଛି। ଭାରତରେ ଆଉ ଏକ କରୋନା ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଗ୍ରୀନ ସିଗ୍ନାଲ ମିଳିଛି। ସରକାରଙ୍କ ବିଶେଷଜ୍ଞ କମିଟି ରୁଷ ପ୍ରସ୍ତୁତ କରିଥିବା ସ୍ପୁଟନିକ୍ ଭିକୁ ଭାରତରେ ବ୍ୟବହାର କରିବାକୁ ସବୁଜ ସଙ୍କେତ ଦେଇଛନ୍ତି। କମିଟିର ଏହି ଅନୁମୋଦନ ପ୍ରସ୍ତାବ ଚୂଡ଼ାନ୍ତ ମଞ୍ଜୁରୀ ପାଇଁ ଡିସିଜିଆଇ ପାଖକୁ ପଠାଯାଇଥିଲା। ଡିସିଜିଆଇ ମଧ୍ୟ ଏହାକୁ ଭାରତରେ ଜରୁରୀ କାଳୀନ ବ୍ୟବହାର ପାଇଁ ଅନୁମତି ଦେଇଥିବା ସୂଚନା ମିଳିଛି। ଯଦି ଡିସିଜିଆଇ ସତରେ ଏହାକୁ ମଞ୍ଜୁରୀ ଦେଇଥାଏ, ତା'ହେଲେ ସ୍ପୁଟନିକ-ଭିର ବ୍ୟବହାର ଖୁବଶୀଘ୍ର ଦେଶରେ ଆରମ୍ଭ ହେବ। ପୂର୍ବରୁ ସେରମ ଇନଷ୍ଟିଚ୍ୟୁଟ ଉତ୍ପାଦନ କରୁଥିବା କୋଭିସିଲ୍ଡ ଓ ଭାରତ ବାୟୋଟେକ୍ ତିଆରି କରିଥିବା କୋଭାକ୍ସିନ ଟିକାକୁ ଦେଶରେ ବ୍ୟବହାର ପାଇଁ ଡିସିଜିଆଇ ମଞ୍ଜୁରୀ ଦେଇଥିଲା। ତେଣୁ ସ୍ପୁଟନିକ-ଭି ତୃତୀୟ ଟିକା ଭାବେ ଦେଶରେ ବ୍ୟବହାର ପାଇଁ ଅନୁମତି ପାଇଛି। ଭାରତରେ ସ୍ପୁଟନିକ-ଭି ଟିକାର ଉତ୍ପାଦନ ଦାୟିତ୍ୱ ଡା ରେଡ୍ଡୀ ଲ୍ୟାବ୍‌ରୁ ମିଳିଛି। ମର୍ଡନ ଓ ଫାଇଜର ପ୍ରସ୍ତୁତ କରିଥିବା କରୋନା ଟିକା ପରେ ସ୍ପୁଟନିଭ-ଭି କରୋନାକୁ ମାତ୍ ଦେବାରେ ୯୧.୬% ସକ୍ଷମ ବୋଲି ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି। ତେଣୁ ଭାରତରେ ଏହା ଗେମ




ଚେଞ୍ଜର ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଡା ରେଡ୍ଡୀ ପକ୍ଷରୁ ଫେବୃଆରୀ ୧୯ରେ ସ୍ପୁଟନିକ-ଭି ଟିକାର ଜରୁରୀ ବ୍ୟବହାର ପାଇଁ ଆବେଦନ କରାଯାଇଥିଲା। ବର୍ତ୍ତମାନ ଏହାର ତୃତୀୟ ପର୍ଯ୍ୟାୟ ଟ୍ରାଏଲ ଜାରି ରହିଛି। ଏହା ସତ୍ତ୍ୱେ ବିଶେଷଜ୍ଞ କମିଟି ଟିକାର ବ୍ୟବହାର କରିବାକୁ ଅନୁମତି ଦେଇଛି। ଏପ୍ରିଲ ୧ରେ ବିଶେଷଜ୍ଞ କମିଟି ଡା ରେଡ୍ଡୀଙ୍କୁ ଟିକାର ଟ୍ରାଏଲ ସମ୍ପର୍କରେ ବିସ୍ତୃତ ତଥ୍ୟ ମାଗିଥିଲା। ସଂସ୍ଥା ପକ୍ଷରୁ ବିସ୍ତୃତ ଭାବେ ଟ୍ରାଏଲ ରିପୋର୍ଟ ଦାଖଲ କରାଯାଇଥିଲା। ଟ୍ରାଏଲ ରିପୋର୍ଟକୁ ତର୍ଜମା କରିବା ପରେ ଏହାକୁ ଗ୍ରୀନ ସିଗ୍ନାଲ ଦେଇଛି। ସୂଚନା ଅନୁସାରେ, ଭାରତରେ ସ୍ପୁଟନିକ-ଭିର ଟ୍ରାଏଲ ପ୍ରାୟ ୧୬ ଶହ ଲୋକଙ୍କୁ ନେଇ କରାଯାଇଛି। ଏହି ପରୀକ୍ଷାରେ ୧୮ରୁ ୯୯ ବର୍ଷ ବୟସର ଲୋକମାନେ ରହିଥିଲେ। ଭାରତ ବ୍ୟତୀତ ୟୁଏଇ, ଭେଞ୍ଜୁଆଲା ଓ ବେଲାରୁସ୍‌ରେ ମଧ୍ୟ ଏହାର ଟ୍ରାଏଲ କରାଯାଉଛି। ପ୍ରଥମ ସୋଭିଏତ ସ୍ପେଶ ସ୍ୟାଟେଲାଇଟ୍‌ର ନାଁକୁ ଆଧାର କରି ରୁଷ ଏହି କରୋନା ଟିକାର ନାଁ ସ୍ପୁଟନିକ-ଭି ରଖିଛି। ରୁଷର ଗାମେଲିୟା ଇନଷ୍ଟିଚ୍ୟୁଟ ପ୍ରସ୍ତୁତ କରିଥିବା କରୋନା ଟିକା ସ୍ପୁଟନିକ-ଭିର ଡୋଜ୍ ପିଛା ୧୦ ଡଲାରରୁ ମଧ୍ୟ କମ। ଏହି ଟିକାକୁ ୨ରୁ ୮ ଡିଗ୍ରୀ ସେଲସିୟସ ମଧ୍ୟରେ ସୁରକ୍ଷିତ ଭାବେ ରଖାଯାଇପାରିବ। ଗତବର୍ଷ ଅଗଷ୍ଟ ମାସରୁ ହିଁ ରୁଷରେ ଏହି ଟିକାର ଜରୁରୀ କାଳୀନ ବ୍ୟବହାର କରାଯାଉଛି।

## ଲକ୍ଷଣ ବଦଳାଉଛି ମହାମାରୀ

**ଭୁବନେଶ୍ୱର :** ଏପ୍ରିଲ୍‌ରେ ବେକାବୁ ହେଲାଣି ମହାମାରୀ। ପ୍ରତିଦିନ ରାଜ୍ୟରେ ନୂଆ ନୂଆ ରେକର୍ଡ କରୁଛି କରୋନା। ଗତକାଲି ରାଜ୍ୟରେ ୧୭୪୧ ଆକ୍ରାନ୍ତ ଚିହ୍ନଟ ହେବା ପରେ କେବଳ ଏପ୍ରିଲ୍‌ରେ ପଜିଟିଭ୍ ସଂଖ୍ୟା ୨୦ ହଜାର ଟପିଯାଇଛି। ଆଗାମୀ କିଛି ମାସରେ ଦୈନିକ ସଂକ୍ରମଣ ରାଜ୍ୟରେ ୧୦ ହଜାରକୁ ପହଞ୍ଚିପାରେ ବୋଲି ଆକଳନ କରିଛନ୍ତି ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ ମହାପାତ୍ର। ଦ୍ୱିତୀୟ ପର୍ଯ୍ୟାୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଛି। ହେଲେ ମୃତକଙ୍କ ସଂଖ୍ୟା ବଢ଼ିନି। ଦ୍ୱିତୀୟ ଲହରିରେ ସଂକ୍ରମଣ ନିଜ ଲକ୍ଷଣ ବଦଳାଇଥିବା ସୂଚନା ଦେଇଛନ୍ତି ଡାକ୍ତର ଅଶୋକ ମହାପାତ୍ର। ଦ୍ୱିତୀୟ ଲହରିରେ ଆଖି ଲାଲ୍ ହେବା, ପେଟ ଦରଜ, ବାନ୍ତି, ଭୋକ ନ ଲାଗିବା ଭଳି ନୂଆ ଲକ୍ଷଣ ଦେଖାଯାଉଥିବା ଜଣାପଡ଼ିଛି। ଏଥିସହ ଗଳା ଖରାପ ହେବା ସହ ଡାଇରିଆ, ବାନ୍ତି ହେବା ସହ ପେଟ ଦରଜ ପରି ଲକ୍ଷଣ ଦେଖାଦେଉଛି। କରୋନାର ପ୍ରଥମ ଲହର ସଂକ୍ରମଣ ସମୟରେ କାଶ, କଫ, ଜ୍ୱର ହେବା ସହ ଦେହ ଦରଜ, ନିମୋନିଆ ପରି ଲକ୍ଷଣ ଦେଖାଦେଉଥିଲା। ଏହା ପରେ ବିଭିନ୍ନ ଅଙ୍ଗ କ୍ରମଶଃ ଅଚଳ ହୋଇଯାଉଥିଲା। ଏବେ ମଧ୍ୟ କରୋନା ହେଲେ ନିମୋନିଆ ହେବ। ଏଥିସହ ଆଖି ଲାଲ ହେବ, ଖାଦ୍ୟ ଟେଷ୍ଟ ଆସିବନି, ପେଟ ଦରଜ ହେବ, ବାନ୍ତି ହେବ, ଡାଇରିଆ ହେବ, ଭୋକ ଲାଗିବନି ପରି ଲକ୍ଷଣ ଦେଖାଦେଲେ କରୋନା ଟେଷ୍ଟ କରାଇ ନେବାକୁ ପରାମର୍ଶ ଦେଇଛନ୍ତି ଡ. ଅଶୋକ ମହାପାତ୍ର। ଏଥିସହ ସେ କହିଛନ୍ତି, ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣରେ ରହିଛି। ହେଲେ ଛତିଶଗଡ଼ ପରିସ୍ଥିତିକୁ ଦେଖିଲେ ଅଧିକ ସଜାଗ ହେବାକୁ ହେବ ପଡ଼ିବ। ଆଗାମୀ କିଛି ମାସରେ ଦୈନିକ ସଂକ୍ରମଣ ରାଜ୍ୟରେ ୧୦ ହଜାରକୁ ପହଞ୍ଚିପାରେ ବୋଲି ଆକଳନ କରିଛନ୍ତି ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ ମହାପାତ୍ର।

## ଶିଶୁଙ୍କ ପ୍ରତି ବଢୁଛି ବିପଦ

**ଭୁବନେଶ୍ୱର :** କରୋନା ସଂକ୍ରମଣର ଦ୍ୱିତୀୟ ଲହରରେ ରାଜ୍ୟରେ ଅଧିକ ମାତ୍ରାରେ ଯୁବପିଢ଼ି ସଂକ୍ରମିତ ହେଉଥିବା ନଜରକୁ ଆସିଛି। ବିଶେଷକରି ୧୬ରୁ କମ୍ ଓ ୧୭-୪୦ ବର୍ଷର ଯୁବପି ଏଥିରେ ବେଶି ଆକ୍ରାନ୍ତ ହେଉଛନ୍ତି। ଏହି ବର୍ଗ ପାଇଁ ଏ ପର୍ଯ୍ୟନ୍ତ କେଣସି ଟିକା ପ୍ରସ୍ତୁତ ହୋଇ ନଥିବାରୁ ସାମାନ୍ୟ ଅବହେଳା ହେଲେ ସ୍ଥିତି ବିଗିଡ଼ିଯାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଗତବର୍ଷର ସଂକ୍ରମଣରେ ବେଶି ସଂଖ୍ୟାରେ ବରିଷ୍ଠ ନାଗରିକ ଆକ୍ରାନ୍ତ ହେଉଥିଲେ। ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗତ ଫେବ୍ରୁଆରି ୧୫ ତାରିଖରୁ ଚଳିତ ମାସ ୧୨ତାରିଖ ପର୍ଯ୍ୟନ୍ତ ୧୬,୮୨୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ ୧୬ବର୍ଷରୁ କମ୍ ୧୩୧୬ଜଣ ଶିଶୁ ରହିଥିବା ବେଳେ ୧୭-୪୦ବର୍ଷର ୮୭୦୨ଜଣ ବ୍ୟକ୍ତି ରହିଛନ୍ତି। ଗତବର୍ଷ ୬ ପ୍ରତିଶତ ଶିଶୁ ସଂକ୍ରମିତ ହେଉଥିବା ବେଳେ ଚଳିତବର୍ଷ ଏହା ୮ପ୍ରତିଶତ ରହିଛି। ସେହିପରି ବୟସ୍କଙ୍କ ମଧ୍ୟରେ ଏହା ୫୦ରୁ ୫୨ ପ୍ରତିଶତକୁ ବୃଦ୍ଧି ପାଇଛି। ଗତବର୍ଷ ମାର୍ଚ୍ଚ ୧୫ ତାରିଖରୁ ଡିସେମ୍ବର ୩୧ତାରିଖ ଭିତରେ ୨୧,୨୫୪ଜଣ ଶିଶୁ ଓ ୧ଲକ୍ଷ ୬୩ହଜାର ୬୮୨ଜଣ ବୟସ୍କ ସଂକ୍ରମିତ ହୋଇଥିଲେ। ଶିଶୁ ଓ ଯୁବପି କେବଳ ସଂକ୍ରମିତ ହେଉଛନ୍ତି ତା' ନୁହେଁ, ବରଂ ସେମାନଙ୍କ ମଧ୍ୟରେ ମୃତ୍ୟୁହାର ମଧ୍ୟ ବୃଥିବା ନଜରକୁ ଆସିଛି। ଗତ ୨ମାସରେ ରାଜ୍ୟରେ ୧୬ବର୍ଷରୁ କମ୍ ଜଣେ, ୧୭-୪୦ବର୍ଷର ୫ଜଣ ଲୋକ କରୋନାରେ ପ୍ରାଣ ହରାଇଛନ୍ତି। ଏହା ରାଜ୍ୟରେ ଚଳିତବର୍ଷ ହୋଇଥିବା କରୋନା ମୃତ୍ୟୁହାରର ୯ ଓ ୪୫ ପ୍ରତିଶତ। ଏହା ତୁଳନାରେ ଗତବର୍ଷ ଶିଶୁଙ୍କ ମଧ୍ୟରେ ୦.୪୭ ପ୍ରତିଶତ ଓ ବୟସ୍କଙ୍କ ମଧ୍ୟରେ ୧୧ ପ୍ରତିଶତ କରୋନା ଜନିତ ମୃତ୍ୟୁହାର ରେକର୍ଡ କରାଯାଇଥିଲାୟ ସେହିପରି ୪୧-୬୦ବର୍ଷର ୫୨୬୩ ଲୋକ (୩୧%) ଚଳିତବର୍ଷ ସଂକ୍ରମିତ ହୋଇଥିବା ବେଳେ ଗତବର୍ଷ ୧ଲକ୍ଷ ୮ହଜାର ୫୫୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତବର୍ଷ ଏହି ବର୍ଗର ୮୪୫ଜଣ କରୋନାରେ ପ୍ରାଣ ହରାଇଥିବା ବେଳେ ଚଳିତବର୍ଷ ଏ ପର୍ଯ୍ୟନ୍ତ ଏହି ବର୍ଗର କେଣସି ବ୍ୟକ୍ତି କରୋନାରେ ପ୍ରାଣ ହରାଇ ନ ଥିବା ଜଣାପଡ଼ିଛି। ଚଳିତବର୍ଷ ଫେବ୍ରୁଆରିରୁ ଏପ୍ରିଲ ୧୨ମଧ୍ୟରେ ୬୦ବର୍ଷରୁ ଅଧିକ ୧୫୪୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୫ଜଣ ପ୍ରାଣ ହରାଇଛନ୍ତି। ମାତ୍ର ଗତବର୍ଷ ୩୬,୩୭୯ଜଣ ପଜିଟିଭ୍ ହୋଇଥିବା ବେଳେ ୮୩୬ଜଣଙ୍କ ମୃତ୍ୟୁ ହୋଇଥିଲା। ବରିଷ୍ଠ ଚିକିତ୍ସକ ଡା. ନିରଜ ମିଶ୍ରଙ୍କ କହିଛନ୍ତି ଯେ ଦକ୍ଷିଣ ଆଫ୍ରିକାରେ ଦେଖାଦେଇଥିବା କରୋନା ଭୂତାଣୁର ଡବଲ ମ୍ୟୁଟେସନ୍ ହୋଇ ସାରିଛି, ଯାହାକି ଅଧିକ ମାତ୍ରାରେ ଯୁବପିଢ଼ିଙ୍କୁ ସଂକ୍ରମିତ କରିବା ସହ ମୃତ୍ୟୁହାର ବଢ଼ାଉଛି। ଏହାବାଦ୍ ଭାରତରେ ମଧ୍ୟ ଏନ୍-୪୫୨ଆର ନାମକ ଏକ ମ୍ୟୁଟେସନ୍ ହୋଇଛି। ମାର୍ଚ୍ଚ ୨୫ ତାରିଖରେ ଏହାକୁ ଚିହ୍ନଟ କରାଯାଇଥିବା ବେଳେ ଏହା ଭିତରେ ଭାରତରୁ ୮ଟି ଦେଶକୁ ଏହି ମ୍ୟୁଟାଣ୍ଟ ଭୂତାଣୁ ଯାଇ ସାରିଲାଣି। ଏଥିରେ ନିମୋନିଆ ହେବା ସହିତ ଦକ୍ଷିଣ ଆଫ୍ରିକା ଷ୍ଟ୍ରେନ୍‌ଠାରୁ ଏହା ଅଧିକ କ୍ଷତିକାରକ ବୋଲି ଡା. ମିଶ୍ର କହିଛନ୍ତି।

# ମାଟ୍ରିକ୍ ଓ +୨ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର :** ସାଂପ୍ରତିକ କରୋନା ମହାମାରୀ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ନିରାପତ୍ତାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ୧୮.୫.୨୧ ରିଖ ଠାରୁ ଆରମ୍ଭ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କୋଭିଡ-୧୯ ପରିସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସଂପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ। ଜୁନ୍ ୨୦୨୧ ପ୍ରଥମ ସପ୍ତାହରେ ରାଜ୍ୟ ସରକାର ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା କରାଯିବା ସଂପର୍କରେ ସମୀକ୍ଷା କରିବେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ସମୟ ଦିଆଯାଇ ପରୀକ୍ଷା କରାଯିବା ପାଇଁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସେହିପରି ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ୩ ମଇ ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ଦଶମ ଶ୍ରେଣୀ ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ମହାମାରୀ ସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସମ୍ବନ୍ଧୀୟ ନିଷ୍ପତ୍ତି ନିଆଯିବ। ୨୦୨୦-୨୧ ଶିକ୍ଷାବର୍ଷରେ ନବମ ଓ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯିବ। ଏଥିପାଇଁ ସେମାନଙ୍କୁ କୌଣସି ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ବର୍ତ୍ତମାନ ୨୦୨୦-୨୧ ଶିକ୍ଷାବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ କ୍ଲାସ ଆସନ୍ତା ତା.୧୯.୪.୨୧ରିଖ ଠାରୁ ବନ୍ଦ ରଖିବାକୁ




ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ସ୍କୁଲରେ କୌଣସି ପ୍ରକାର ଶୈକ୍ଷିକ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ। ଏହି ନିଷ୍ପତ୍ତି ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ସହ ସହବନ୍ଧିତ ରାଜ୍ୟର ସମସ୍ତ ସରକାରୀ, ସମସ୍ତ ସେହିପରି ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ୩ ମଇ ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ଦଶମ ଶ୍ରେଣୀ ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ମହାମାରୀ ସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସମ୍ବନ୍ଧୀୟ ନିଷ୍ପତ୍ତି ନିଆଯିବ। ୨୦୨୦-୨୧ ଶିକ୍ଷାବର୍ଷରେ ନବମ ଓ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯିବ। ଏଥିପାଇଁ ସେମାନଙ୍କୁ କୌଣସି ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ବର୍ତ୍ତମାନ ୨୦୨୦-୨୧ ଶିକ୍ଷାବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ କ୍ଲାସ ଆସନ୍ତା ତା.୧୯.୪.୨୧ରିଖ ଠାରୁ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ସ୍କୁଲରେ କୌଣସି ପ୍ରକାର ଶୈକ୍ଷିକ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ। ଏହି ନିଷ୍ପତ୍ତି ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ସହ ସହବନ୍ଧିତ ରାଜ୍ୟର ସମସ୍ତ ସରକାରୀ, ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ତଥା ଘରୋଇ ବିଦ୍ୟାଳୟ କ୍ଷେତ୍ରରେ ଲାଗୁ ହେବ। ସେହିପରି ସିବିଏସଇ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ସହବନ୍ଧିତ ରାଜ୍ୟର ସମସ୍ତ ଇଂରାଜି ମାଧ୍ୟମ ବିଦ୍ୟାଳୟ ନିମନ୍ତେ ୧୪.୪.୨୧ରୁ ସିବିଏସଇ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ। ଆସନ୍ତା ୧୯.୦୪.୨୧ ଠାରୁ ରାଜ୍ୟର ସମସ୍ତ ଇଂରାଜୀ ମାଧ୍ୟମ ସ୍କୁଲ ଓ ସେମାନଙ୍କ ଦ୍ୱାରା ପରିଚାଳିତ ହଷ୍ଟେଲଗୁଡ଼ିକ ମଧ୍ୟ ବନ୍ଦ ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## ପିପିଲି ଉପନିର୍ବାଚନ ପାଇଁ ଘୋଷଣା ହେବ ନୂଆ ତାରିଖ

**ଭୁବନେଶ୍ୱର :** ନୂଆ ତାରିଖରେ ହେବ ପିପିଲି ଉପନିର୍ବାଚନ। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନି। କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଦେହାନ୍ତ ପରେ ପିପିଲି ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି। ରିଟର୍ଣ୍ଣିଂ ଅଫିସର ନିର୍ବାଚନକୁ ସ୍ଥଗିତ ରଖିଛନ୍ତି। ଏନେଇ ମୁଖ୍ୟ ନିର୍ବାଚନ କମିସନଙ୍କୁ ଜଣାଯାଇଛି। ନିର୍ବାଚନ କମିସନ ପିପିଲି ଉପନିର୍ବାଚନ ପାଇଁ ପୁଣିଥରେ ନୂଆ ତାରିଖ ଘୋଷଣା ସହ ସାନି ବିଜ୍ଞପ୍ତି ପ୍ରକାଶ କରିବେ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ବିଜ୍ଞପ୍ତି ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ହେବ। ତେବେ ସବୁ ଦଳର ପ୍ରାର୍ଥୀଙ୍କ ବଦଳରେ କେବଳ କଂଗ୍ରେସ ଦଳକୁ ନୂଆ ପ୍ରାର୍ଥୀ ଦେବା ପାଇଁ ସୁଯୋଗ ମିଳିବ। କିନ୍ତୁ କେବେ ତାରିଖ ଘୋଷଣା ହେବ ସେନେଇ କୌଣସି ସୂଚନା ଆସିନାହିଁ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖରେ ପିପିଲି ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହୋଇଥାନ୍ତା। ତେବେ କଂଗ୍ରେସ ପ୍ରାର୍ଥୀଙ୍କ ଦେହାନ୍ତ ଯୋଗୁଁ ପିପିଲି ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି। ବିଜେଡି ପକ୍ଷରୁ ରୁଦ୍ର ମହାରଥୀ ମୈଦାନକୁ ଓହ୍ଲାଇଥିବା ବେଳେ ଆଶ୍ରିତ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି ବିଜେପି ଦିବଙ୍ଗତ ନେତା ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ପିପିଲିରେ ଉପ-ନିର୍ବାଚନ ହେଉଛି।

## ୨୧ ଆଇଏଏସ୍‌ଙ୍କୁ କୋଭିଡ୍ ପର୍ଯ୍ୟବେକ୍ଷକ ଦାୟିତ୍ୱ

**ଭୁବନେଶ୍ୱର :** ଓଡ଼ିଶାରେ କରୋନା ସଂକ୍ରମଣ ମାମଲା ବଢ଼ିଚାଲିଥିବାରୁ ରାଜ୍ୟ ସରକାର ୨୧ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲା ପାଇଁ କୋଭିଡ୍ ପର୍ଯ୍ୟବେକ୍ଷକ ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟର ୧୪ଟି ସ୍ଥାନର ଦାୟିତ୍ୱ ଏହି ଅଧିକାରୀଙ୍କୁ ରାଜ୍ୟ ସରକାର ନ୍ୟସ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଅନୁ ଗର୍ଗ ଓ ଏନ୍.ଥିରୁମାଲା ନାୟକଙ୍କୁ ଭୁବନେଶ୍ୱର ସହର ଦାୟିତ୍ୱ ଦିଆଯାଇଥିବା ବେଳେ ମଧୁସୂଦନ ପାଢ଼ୀଙ୍କୁ ବାଲେଶ୍ୱର ଓ ଭଦ୍ରକ, ସତ୍ୟବ୍ରତ ସାହୁ ଓ ବେଣୁଧର ବେହେରାଙ୍କୁ ବଲାଙ୍ଗିର, ବରଗଡ ଓ



ନୂଆପଡା ଦାୟିତ୍ୱ ଦିଆଯାଇଛି। ନିକୁଞ୍ଜ ବିହାରୀ ଧଳଙ୍କୁ ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲା, ସୁରେନ୍ଦ୍ର କୁମାର ଓ ଶ୍ରୀକାନ୍ତ ପୁଷ୍ଟିଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା, ଜି.ମାଥିଭଥାନନଙ୍କୁ ଗଞ୍ଜାମ ଓ ଗଜପତି ଜିଲ୍ଲା, ହେମନ୍ତ ଶର୍ମା ଓ ଡ. ସୁରେଶ ଚନ୍ଦ୍ର ଦଳାଇଙ୍କୁ ଯାଜପୁର, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବିଷ୍ଣୁପଦ ସେଠୀ, ଗୋପବନ୍ଧୁ ଶତପଥୀଙ୍କୁ ଅନୁଗୁଳ, ଢେଙ୍କାନାଳ ଓ ଦେବଗଡ ଜିଲ୍ଲା ଦାୟିତ୍ୱ ଦିଆଯାଇଥିବା ବେଳେ ଚିତ୍ରା ଅରୁମୁଗମଙ୍କୁ ସମ୍ବଲପୁର ଓ ସୋନପୁର ଜିଲ୍ଲା, ଶାଶ୍ୱତ ମିଶ୍ର ଓ ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲା, ଭି.ଭି.ଯାଦବ ଓ ରସିଦ ଖାଁଙ୍କୁ କୋରାପୁଟ, ମାଲକାନଗିରି, ରାୟଗଡା ଓ ନବରଙ୍ଗପୁର ଜିଲ୍ଲା, ତାମଜେନଓ୍ୱାପଙ୍ଗ ଓଙ୍କୁ ଗଜପତି ଜିଲ୍ଲା, ଅନୀଲ କୁମାର ସାମଲଙ୍କୁ କଟକ ସହର, କଟକ ଗ୍ରାମାଞ୍ଚଳ, ନୟାଗଡ, ପୁରୀ ଓ ଖୋର୍ଦ୍ଧା ଗ୍ରାମାଞ୍ଚଳ, ସୁଶାନ୍ତ ମହାପାତ୍ରଙ୍କୁ କଟକ ସହର ଓ କଟକ ଗ୍ରାମାଞ୍ଚଳ ଦାୟିତ୍ୱ ଦିଆଯାଇଛି।

## 'ଜଳ ଯୋଗାଣ କାର୍ଯ୍ୟରେ ଅବହେଳାକୁ ପ୍ରଶ୍ରୟ ଦିଆଯିବନି'

**ଭୁବନେଶ୍ୱର :** ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକେ ଯେପରି ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ବିଭାଗ ଅଧୀନରେ କାର୍ଯ୍ୟରତ ତଥା ଦାୟିତତ୍ୱରେ ଥିବା ଅଧିକାରୀମାନେ ବିନା ଅନୁମତିରେ ସଦର ମହକୁମା ଛାଡ଼ିପାରିବେ ନାହିଁ। ଗ୍ରାମାଞ୍ଚଳରେ ଯେଉଁ ନଳକୂପ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡ଼ିଥିବ ସେହି ସବୁ ସ୍ଥାନରେ ନୂତନ ନଳକୂପ ସ୍ଥାପନ କରାଯିବ। ଏନେଇ ଜିଲ୍ଲାପାଳମାନଙ୍କୁ କ୍ଷମତା ଦିଆଯାଇଛି। ଜଳକ୍ଲିଷ୍ଟ, ନୂତନ ଭାବେ ଗିଉଠିଥିବା ପଡ଼ାଗ୍ରାମ ଓ ୭୦ରୁ ଅଧିକ ଜନସଂଖ୍ୟା ପାଇଁ ଗୋଟିଏ ନୂତନ ନଳକୂପ ସ୍ଥାପନ କରିବାକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ନେଇ ମନ୍ତ୍ରୀ ଶ୍ରୀ ଜେନା ସମୀକ୍ଷା କରିବା ପରେ କହିଛନ୍ତି ଯେ ସେରଚାଳିତ ନଳକୂପଗୁଡ଼ିକୁ ୧୫ ଦିନ ମଧ୍ୟରେ ମରାମତି କରି କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛିୟ ପ୍ରତି ଗ୍ରାମ ପଞ୍ଚାୟତ, ବ୍ଲକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କାର୍ଯ୍ୟାଳୟରେ ମରାମତି, ରକ୍ଷଣାବେକ୍ଷଣ ତଥା ତଦାରଖ ପାଇଁ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ପ୍ରତି ଶନିବାର ବ୍ଲକସ୍ତରରେ ଓ ମଙ୍ଗଳବାର ଜିଲ୍ଲାସ୍ତରରେ ସମୀକ୍ଷା କରାଯିବ। ଗ୍ରାମାଞ୍ଚଳରେ ଜଳଯୋଗାଣ ସମସ୍ୟା ଜନିତ ଅଭିଯୋଗ ପାଇଁ ଦେୟମୁକ୍ତ ୧୯୧୬ ନମ୍ବରରେ ଅଭିଯୋଗ କରିପାରିବେ। ରାଜ୍ୟର ୧୧୪ଟି ସହରାଞ୍ଚଳ ମଧ୍ୟରୁ ୯୪ଟି ସହରାଞ୍ଚଳରେ ୬୫୦ଟି ଜଳକ୍ଲିଷ୍ଟ ସ୍ଥାନକୁ ଚିହ୍ନଟ କରାଯାଇଛି। ସହରାଞ୍ଚଳରେ ଥିବା ୩୬ ହଜାର ୯୩୨ଟି ନଳକୂପକୁ କାର୍ଯ୍ୟକ୍ଷମ କରାଯାଇଛି। ଆବଶ୍ୟକ ସ୍ଥଳେ ଜରୁରୀ ମରାମତି କରାଯାଇ ଜଳ ଯୋଗାଣ ଅବ୍ୟାହତ ରଖିବାକୁ ୧୬୧ଟି ଭ୍ରାମ୍ୟମାଣ ଦଳ ନିୟୋଜିତ ହୋଇଛନ୍ତି। ୧୫୬ଟି ନିୟନ୍ତ୍ରଣ କକ୍ଷ ଓ ମୋ ସରକାର କେନ୍ଦ୍ର ସ୍ଥାପନ କରାଯାଇ ପାନୀୟ ଜଳ ସମ୍ପର୍କରେ ଅଭିଯୋଗ ଗ୍ରହଣ ଓ ୨୪ ଘଣ୍ଟା ମଧ୍ୟରେ ସମାଧାନ ବ୍ୟବସ୍ଥା ହୋଇଛି। ସହରାଞ୍ଚଳରେ ପାନୀୟ ସମ୍ପର୍କିତ ସମସ୍ୟା ବା ଅଭିଯୋଗ ନିମନ୍ତେ ୧୫୫୩୫୯ ଏବଂ ୧୮୦୦୩୪୫୬୭୮୪୩ ଦୁଇଟି ଦେୟମୁକ୍ତ ଟେଲିଫୋନ୍ ନମ୍ବର ଜାରି ହୋଇଛି। ଗ୍ରୀଷ୍ମ ସମୟରେ ଜଳଯୋଗାଣ କାର୍ଯ୍ୟରେ କେଣସି ପ୍ରକାର ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଶ୍ରୀ ଜେନା କହିଛନ୍ତି।

# ଅନ୍ୱେଷା ଯୋଜନା ୫ ବର୍ଷ ବୃଦ୍ଧି

ଭୁବନେଶ୍ୱର : ସହରାଞ୍ଚଳରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଅନ୍ୱେଷା କାର୍ଯ୍ୟକ୍ରମକୁ ଆଉ ୫ ବର୍ଷ ବୃଦ୍ଧି କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୨୪-୨୫ ବର୍ଷ ମଧ୍ୟରେ ୨୫ ହଜାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଖର୍ଚ୍ଚ ହେବ ୫୬୯ କୋଟି ୯୦ ଲକ୍ଷ ଟଙ୍କାୟ ଏହାସହିତ ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା ପାଇଁ ଯକ୍ଷ୍ମା ଲାବୋରେଟୋରିରେ ବରିଷ୍ଠ ସୁପର ଭାଇଜର ଟେକ୍ନିସିଆନ୍ ପଦବି ସୃଷ୍ଟି କରାଯାଇଛି। ଓଡ଼ିଶା ଜୁଡିସିଆଲ ସର୍ଭିସ ନିୟମ ୨୦୦୭ରେ ସଂଶୋଧନ କରାଯିବା ସହ ମୋଟ ୧୦ଟି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି। କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟ ସରକାର ୨୦୧୫-୧୬ ଆର୍ଥିକ ବର୍ଷରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପିଲାମାନଙ୍କୁ ପାଇଁ ଅନ୍ୱେଷା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଯୋଜନାରେ ଏସ୍‌ସି-ଏସ୍‌ଟି ପିଲାମାନଙ୍କୁ ପ୍ରତିବର୍ଷ ସହରାଞ୍ଚଳରେ ଅବସ୍ଥିତ ବିଭିନ୍ନ ଖ୍ୟାତି ସମ୍ପନ୍ନ ସରକାରୀ ଓ ବେସରକାରୀ ମାନ୍ୟତା ପ୍ରାପ୍ତ ଇଂରାଜି ମାଧ୍ୟମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯାଉଛି। ରାଜ୍ୟର ୧୭ଟି ଜିଲ୍ଲାର ୧୭୭ଟି ବିଦ୍ୟାଳୟରେ ୨୧ ହଜାର ୬୮୨ ଜଣ ଛାତ୍ର ଛାତ୍ରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଶିକ୍ଷା ପ୍ରଦାନ କରାଯାଉଛି। ରାଜ୍ୟ ସରକାରଙ୍କ ତରଫରୁ ଏହି ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଗ୍ରହଣ ନିମନ୍ତେ ଆର୍ଥିକ ଓ ଆନୁଷଙ୍ଗିକ ସହାୟତା ପ୍ରଦାନ କରାଯାଉଛି। ଏହି ଯୋଜନାରୁ ମିଳିଥିବା ସଫଳତାକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ୫ ବର୍ଷ ପାଇଁ ଏହାକୁ ପରିବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୨୦୨୦-୨୧ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨୫ ହଜାର ଏସ୍‌ସି-ଏସ୍‌ଟି ପିଲାଙ୍କୁ ଅନ୍ୱେଷା ହଷ୍ଟେଲ୍‌ରେ ରଖାଯାଇ ଶିକ୍ଷା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରସ୍ତାବ ଅନୁଯାୟୀ ଓଡ଼ିଶା ଲାବୋରେଟୋରି ଟେକ୍ନିସିଆନ୍ ସେବା ସଂଶୋଧନ ନିୟମ ୨୦୨୧ ନୂଆ କରି ପ୍ରଚଳନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଥିଲେ, ଏବେ ଏହି ପଦବିଗୁଡ଼ିକ ୨୦୧୯ ସେବା ନିୟମ ସର୍ତ୍ତାବଳୀ ଅନୁଯାୟୀ ପୂରଣ ହେଉଥିଲା। କିନ୍ତୁ ବରିଷ୍ଠ ଯକ୍ଷ୍ମା ଲାବୋରେଟୋରିରେ ବରିଷ୍ଠ ଟେକ୍ନିସିଆନ୍ ସୁପର ଭାଇଜରମାନଙ୍କୁ ନିଯୁକ୍ତି ଦିଆଯିବ। ଏଥିପାଇଁ ନୂଆ ପଦବି ସୃଷ୍ଟି କରାଯାଇଛି। ନିଯୁକ୍ତି ପାଇଁ ୧୦୦ ମାର୍କର ଲିଖିତ ପରୀକ୍ଷା ଦୁଇଘଣ୍ଟା ଅବଧିର କରାଯିବୟ ଏଥିରେ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନରେ ପରୀକ୍ଷା କରାଯିବ। ପ୍ରତି ଭୁଲ ଉତ୍ତର ପାଇଁ ୦.୨୫ ପ୍ରତିଶତ ନମ୍ବର କାଟି ଦିଆଯିବ। ପରୀକ୍ଷାର ୬୦ ପ୍ରତିଶତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଓ ୨୫ ପ୍ରତିଶତ ପ୍ରାକ୍ଟିକାଲ, ୧୦ ପ୍ରତିଶତ ପ୍ରଶ୍ନ ଏରିଥିମେଟିକ୍ ଓ ୫ ପ୍ରତିଶତ ହାଇସ୍କୁଲ ସ୍ତରର ଇଂରାଜି ଭାଷା ଉପରେ ପରୀକ୍ଷା କରାଯିବ। ଏହି ପରୀକ୍ଷା ଦେବାକୁ ଡିଏମ୍‌ଏଲ୍ଟିରେ ଡିପ୍ଲୋମା, ବିଏମ୍‌ଏଲ୍ଟି କିମ୍ବା ଏମ୍‌ଏଲ୍ଟି ପ୍ରାର୍ଥୀମାନେ ଲାବୋରେଟୋରି ଟେକ୍ନିସିଆନ୍ ପାଇଁ ଆବେଦନ କରିପାରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଏଣିକି ସପ୍ତାହରେ ଦୁଇଦିନ ଜଗା ଦର୍ଶନ ବନ୍ଦ

**ପୁରୀ :** ଏଣିକି ପ୍ରତ୍ୟେକ ଶନିବାର ଓ ରବିବାର ଦୁଇ ଦିନ ଭକ୍ତଙ୍କ ପାଇଁ ବନ୍ଦ ରହିବ ଶ୍ରୀମନ୍ଦିର। ଏହି ଦୁଇ ଦିନ ସାଧାରଣ ଦର୍ଶନାର୍ଥୀ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ। ଆସନ୍ତା ୨୪ ତାରିଖଠାରୁ ଏହି କଟକଣା ଲାଗୁ ହେବ। ରାଜ୍ୟରେ କରୋନା ସଂକ୍ରମଣ ବୃଥିବା ଦେଖି ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। କରୋନା ମହାମାରୀ ପାଇଁ ଆଗରୁ କେବଳ ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ଦର୍ଶନ ବନ୍ଦ ରହୁଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧକ୍ଷତାରେ ଆଜି ଛତିଶା ନିଯୋଗ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଭର୍ଚୁଆଲ ବୈଠକରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଏସପି କନଓ୍ୱର ବିଶାଲ ସିଂହ, ଛତିଶା ନିଯୋଗ ମହାନାୟକ, ବିଭିନ୍ନ ସେବାୟତ ନିଯୋଗର ପ୍ରତିନିଧିମାନେ ଯୋଗଦେଇଥିଲେ। ଦୁଇ ଦିନ ତଳେ ଶ୍ରୀମନ୍ଦିର ସହ ସଂପୃକ୍ତ ୨୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଅଯାଇଥିଲା।


# ବାଲେଶ୍ୱର ପାଇଁ ମୁଖ୍ୟମନ୍ତ୍ରୀଙ୍କ ୧୫୫ କୋଟିର ପ୍ୟାକେଜ

**ଭୁବନେଶ୍ୱର :** ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ୧୫୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଛନ୍ତି। ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ବିକାଶ ସମ୍ପର୍କରେ ଦୁଇ ପର୍ଯ୍ୟାୟ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ଆଲୋଚନା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ ପୂର୍ତ୍ତ ସଚିବ କିଷନ କୁମାର ସକାଳେ ବାଲେଶ୍ୱର ଯାଇ ବିଭିନ୍ନ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଥିଲେ। ସେଠାରୁ ଫେରି ସେମାନେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହାକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀ ବାଲେଶ୍ୱର ପାଇଁ ପ୍ୟାକେଜ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାଲେଶ୍ୱର ହେଉଛି ଓଡ଼ିଶାର ଅନ୍ୟତମ ମୁଖ୍ୟ ସହର। ଏହା ମୋର ପ୍ରିୟ ଲେଖକ ଫକୀର ମୋହନ ସେନାପତିଙ୍କ ଜନ୍ମ ସ୍ଥାନ। ନିକଟରେ ମୁଁ ବାଲେଶ୍ୱର ବାସୀଙ୍କୁ କଥା ଦେଇଥିଲି ଯେ, ବାଲେଶ୍ୱର ମ୍ୟୁନିସିପାଲଟିର ବିକାଶ ଉପରେ ଆମେ ଧ୍ୟାନ ଦେବୁ। ଏ ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ଗୁଡିକ ଘୋଷଣା କରିଥିଲେ। ସେଥିମଧ୍ୟରେ ରହିଛି ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୮ କୋଟି ଟଙ୍କା ବ୍ୟୟରେ ବାଲେଶ୍ୱର ସହଦେବଖୁଣ୍ଟା ବସଷ୍ଟାଣ୍ଡର ବିକାଶ କରାଯିବ। ତୁମୁଳିଆ ଗେଟ ଫ୍ଲାଏଓଭର ଠାରୁ ଷ୍ଟେସନ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଛଅ ଥାକିଆ କରାଯିବ। ଏହାସହିତ ଏ ରାସ୍ତାରେ ଆଧୁନିକ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା ମଧ୍ୟ କରାଯିବ। ବାଲେଶ୍ୱର ମ୍ୟୁନିସିପାଲିଟିର ସବ ମୁଖ୍ୟ ରାସ୍ତାର ଉନ୍ନତିକରଣ କରାଯିବ। ଏଥିରେ ୭୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି। ଏହା ସହରରେ ଟ୍ରାଫିକ ସମସ୍ୟା ଦୂର କରିବାରେ ସହାୟକ ହେବ। ସେହିପରି ବାଲେଶ୍ୱରର



କ୍ରୀଡାବିତ୍ ମାନଙ୍କ ଭିତରେ ଥିବା ପ୍ରତିଭାର ବିକାଶ ପାଇଁ ବାଲେଶ୍ୱର ମ୍ୟୁନିସିପାଲିଟି ୧୪ କୋଟି ଟଙ୍କା ବ୍ୟୟରେ ମଲ୍ଟିପରପୋଜ ଇନ୍‌ଡୋର ହଲ, ସୁଇମିଙ୍ଗ ପୁଲ ଆଦି ଉନ୍ନତ କ୍ରୀଡା ଭିତ୍ତିଭୂମିର ବିକାଶ କରାଯିବ। ଏହାସହିତ କ୍ରୀଡାବିତ୍ ମାନଙ୍କ ପାଇଁ ଉଚ୍ଚ ମାନର ତାଲିମ ବ୍ୟବସ୍ଥା କରାଯିବ। ସେହିପରି ବୁଢ଼ାବଳଙ୍ଗ ନଦୀ ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ଜୀବନରେଖା। ୫୩ କୋଟି ଟଙ୍କା ଖର୍ଚ୍ଚରେ ବୁଢ଼ାବଳଙ୍ଗ ନଦୀବନ୍ଧର ସୁରକ୍ଷା ସହିତ ବିଉଟିଫିକେସନ କରାଯିବ। ବାଲେଶ୍ୱର ସହରବାସୀଙ୍କ ପାଇଁ ଅବସର ବିନୋଦନ ନିମନ୍ତେ ବୁଢ଼ାବଳଙ୍ଗ ନଦୀକୂଳର ଆବଶ୍ୟକ ବିକାଶ କରାଯିବ। ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ମୁଖ୍ୟ ପୋଖରୀ ଗୁଡିକ ଯଥା ଗଡଗଡିଆ ପୋଖରୀ, ଶୋଭାରାମପୁର ପୋଖରୀ, ବଡଖୁଆ ପୋଖରୀ, ନୂଆ ପୋଖରୀ, ହରଚନ ପୋଖରୀ ଓ ହରଗଙ୍ଗା ପୋଖରୀ ଆଦିର ବିଉଟିଫିକେସନ ଓ ବିକାଶ କରାଯିବ। ଏହା ସହରର ପରିବେଶକୁ ସୁନ୍ଦର କରିବା ସହିତ ନାଗରିକ ମାନଙ୍କ ନିମନ୍ତେ ଓପନ ସ୍ପେସ୍ ସୃଷ୍ଟି କରିବ। ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ଡ୍ରେନେଜ୍ ଚ୍ୟାନେଲ ଓ ତତସଂଯୁକ୍ତ ରାସ୍ତା ଗୁଡିକର ୭ କୋଟି ଟଙ୍କା ବ୍ୟୟରେ ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାଲେଶ୍ୱର ମେଡଇକାଲ କଲେଜର ଟିଚିଙ୍ଗ ହସ୍ପିଟାଲ ନିମନ୍ତେ ୨୭୫ କୋଟି ଟଙ୍କାର କାମ ଚାଲୁ ରହିଛି। ସେହିପରି ଗତ ୪ /୫ ମାସ ହେବ ବାଲେଶ୍ୱର ମ୍ୟୁନିସିପାଲିଟି ପକ୍ଷରୁ ୧୬ କୋଟି ଟଙ୍କା ବ୍ୟୟରେ ସହରରେ ସିମେଣ୍ଟ କଂକ୍ରିଟ ରୋଡ, କମ୍ୟୁନିଟି ସେଣ୍ଟର ଆଦି ବିଭିନ୍ନ ଭିତ୍ତିଭୂମି ବିକାଶ କାମ ମଧ୍ୟ ଜାରି ରହିଛି। ଆମେ କଥା ନୁହେଁ ସବୁବେଳେ କାମରେ ବିଶ୍ୱାସ କରୁ ବୋଲି ତାଙ୍କ ଉକ୍ତିକୁ ମୁଖ୍ୟମନ୍ତ୍ରୀ ଦୋହରାଇବା ସହ ଏସବୁ କାମ ଶୀଘ୍ର ଆରମ୍ଭ ହେବ ଓ ପ୍ରାଥମିକତାର ସହ କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରିଥିଲେ। ବାଲେଶ୍ୱର ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଆମେ କାମ କରି ଚାଲିବୁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏ ଦିଗରେ ବାଲେଶ୍ୱର ଜିଲ୍ଲାର ଭାଇଭଉଣୀ ମାନଙ୍କ ସହଯୋଗ କାମନା କରିଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ଏପ୍ରିଲ, ୨୦୨୧

# ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ



ସମ୍ପାଦକୀୟ

ତାରକ ମହାନ୍ତି

ଅନେକ ପ୍ରସଙ୍ଗ ଏବେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ସରକାରଙ୍କ ପାଇଁ ଚିନ୍ତାଜନକ । କୋଭିଡର ଦ୍ୱିତୀୟ ଲହର ଦେଶର ବିଭିନ୍ନ ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିଲା ବେଳେ କେଉଁଠି ସାଧାରଣ ନିର୍ବାଚନ ତ ଆଉ କେଉଁଠି ଉପନିର୍ବାଚନର ମାହୋଲ ଚାଲିଛି । କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ପଶ୍ଚିମବଙ୍ଗ ଓ ଆସାମ ଦଖଲ ପାଇଁ ଯେଉଁଭଳି ଉଦ୍ୟମ ଚଳାଇଛନ୍ତି ତାହା ସମର ସଜ୍ଜାଠାରୁ କିଛି କମ ନୁହେଁ । ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ଅଧିକ ରୋଚକ ସ୍ଥିତିରେ ରହିଥିଲା । ଏଠାରେ ୮ ପର୍ଯ୍ୟାୟରେ ଭୋଟ ହେଉଛି । ବିଶେଷକରି ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସକୁ କ୍ଷମତାରୁ ହଟାଇ ଏଠାରେ ଭାରତୀୟ ଜନତା ପାର୍ଟି ଶାସନ କ୍ଷମତାକୁ ଆସିବାର ସମସ୍ତ ପ୍ରକାର ରଣନୀତି ପ୍ରୟୋଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବିଚଳିତ କରିଦେଇଛି । ଏଠାରେ ନିର୍ବାଚନ ପ୍ରଚାର, ହିଂସା ଓ ଆରୋପ ପ୍ରତ୍ୟାରୋପ ଏଭଳି ଦେଖିବାକୁ ମିଳିଥିଲା ଯେ, ମମତା ଦେଶର ପ୍ରଧାନମନ୍ତ୍ରୀଙ୍କୁ ଅତି କଦର୍ଯ୍ୟ କଟାକ୍ଷ କରିବାକୁ ପଛାଇ ନାହାନ୍ତି । ତେବେ ଏହାର ମୂଳ କାରଣ ହେଉଛି କ୍ଷମତା । କ୍ଷମତା ଲଢ଼େଇରେ ଅନ୍ୟକୁ ପଛରେ ପକାଇ କିଏ ଶାସନ କରିବ ତାହା ଅସଲ କଥା । ଯେଉଁଥିପାଇଁ ମମତା ବିଚଳିତ ହେବା ସ୍ୱାଭାବିକ । ତାହା ହିଁ ପଶ୍ଚିମବଙ୍ଗରେ ଦେଖିବାକୁ ମିଳିଛି । ଯଦିଓ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ କ୍ଷମତାରେ ରହିଛି, ତଥାପି ସେଠାରେ ଶାସନ କ୍ଷମତା ପରିବର୍ତ୍ତନ ପାଇଁ ସାଧାରଣ ଜନତା ଖୋଲାଖୋଲି ସାମ୍ନାକୁ ଫଳରେ ଏଠାରେ ନିଶ୍ଚୟ ପରିବର୍ତ୍ତନ ଘଟିବାର ଆଶା ସଞ୍ଚାର ହୋଇଛି । ଯାହାକୁ ନେଇ ବିଜେପି ବିଶେଷ ଆଶାବାଦୀ ହୋଇଥିଲା ବେଳେ ଟିଏମ୍‌ସି ଭୟଭୀତ ଥିବା ଜଣାପଡିଛି । ଅଧିକ ଚର୍ଚ୍ଚା ଏଇଥିପାଇଁ ଯେ, ମମତା ଯେଉଁ ନନ୍ଦିଗ୍ରାମ କ୍ଷେତ୍ରରୁ ନିର୍ବାଚନ ଲଢୁଛନ୍ତି, ସେଠାରୁ ସିଏ ହାରିଯାଇପାରନ୍ତି ବୋଲି ଶୁଣାଯାଉଛି । ସେଭଳି ହେଲେ ଟିଏମ୍‌ସି ନିଶ୍ଚୟ ଅସୁବିଧାରେ ପଡିବାର ଆଶଙ୍କା ରହିଛି । ଏପଟେ ଓଡ଼ିଶାରେ ମଧ୍ୟ ଗୋଟିଏ ଉପନିର୍ବାଚନକୁ ନେଇ ବିଜେଡି-ବିଜେପି ମଧ୍ୟରେ ଜୋରଦାର ଲଢ଼େଇ ଚାଲିଥିଲା ବେଳେ ଏକ ଦୁଃଖଦ ଘଟଣା ସମସ୍ତଙ୍କୁ ଦୁଃଖ ଦେଇଛି । ପିପିଲି ଉପନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଅଜିତ ମଙ୍ଗରାଜଙ୍କ ଅକାଳ ଦେହାନ୍ତ ପରେ ଏଠାରେ ନିର୍ବାଚନ ସ୍ଥଗିତ ଉପରେ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି । ତେବେ ମାତ୍ର ୫୨ ବର୍ଷ ବୟସରେ ଅଜିତଙ୍କ ଦେହାନ୍ତ ନିଶ୍ଚୟ ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଅପୂରଣୀୟ କ୍ଷତି । ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଖବର ହେଉଛି ଓଡ଼ିଶାରେ କରୋନାର ଦ୍ରୁତ ସଂକ୍ରମଣ ଚିନ୍ତାର କାରଣ ପାଲଟିଛି । ଯେଉଁଥିପାଇଁ ରାଜ୍ୟ ସରକାର ସଂକ୍ରମଣ ହ୍ରାସ କରିବାକୁ ରାତ୍ରିକାଳୀନ କର୍ଫ୍ୟୁ ଓ ଲକଡାଉନ, ସଟ୍‌ଡାଉନ ଭଳି ପ୍ରକ୍ରିୟା ପୁଣି ଆରମ୍ଭ କରିଛନ୍ତି । ସ୍ଥିତି ଉଦ୍‌ବେଗଜନକ ହେବା ଆଗରୁ ଏଭଳି ପଦକ୍ଷେପ ନିଶ୍ଚୟ ସ୍ୱାଗତଯୋଗ୍ୟ । ହେଲେ ସାଧାରଣ ଲୋକ ସତର୍କ ନହେଲେ କରୋନା ମହାମାରୀ ଅଧିକ ଉଗ୍ର ହେବାର ଆଶଙ୍କା ମଧ୍ୟ ରହିଛି । ଏ ନେଇ ବିଶେଷଜ୍ଞ ମଧ୍ୟ ବିଶେଷ ପରାମର୍ଶ ଦେବା ସହିତ ସଂକ୍ରମଣ ରୋକିବାକୁ ଯେଉଁ ଯେଉଁ ନିୟମ ପାଳନ କରିବା ଉଚିତ ତାହା ସୂଚନା ଦେଉଛନ୍ତି । ତେଣୁ ମହାମାରୀ କରୋନା କବଳରୁ ବଞ୍ଚିବାକୁ ହେଲେ କଟକଣା ମଧ୍ୟରେ ରହି ସମସ୍ତଙ୍କୁ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ । ସମଗ୍ର ବିଶ୍ୱ ଏବେ କରୋନାକୁ ନେଇ ଚିନ୍ତିତ ଥିଲା ବେଳେ ଆଶ୍ୱସ୍ତିକର ଖବର ହେଉଛି ଭାରତୀୟ ଟିକା ସହ ବିଦେଶୀ ଟିକାକୁ ଆମ ଦେଶରେ ବ୍ୟବହାର ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି । ତେଣୁ ଟିକାକରଣ ବ୍ୟାପକ ହୋଇପାରିଲେ ଲୋକଙ୍କ ମନରୁ ଭୟ କମିବା ସହ ସାଧାରଣ ଜୀବନଯାପନ ସହଜ ହୋଇପାରିବ ବୋଲି ଆଶା କରାଯାଏ । ତଥାପି ଗତ ୨ ସପ୍ତାହ ହେବ ଓଡ଼ିଶା ସୀମାରୁ କରୋନା ବିପଦ ମାଡି ଆସୁଥିବା ନେଇ ଜଣାପଡିବା ପରେ ଆଗକୁ ପରିସ୍ଥିତି ସଙ୍ଗୀନ ହେବାର ଭୟ ଦେଖାଦେଇଛି । ଛତିଶଗଡରେ ବର୍ତ୍ତମାନ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ଟପି ଗଲାଣି । ସେହିଭଳି ମୃତ୍ୟୁସଂଖ୍ୟା ମଧ୍ୟ ସେଠାରେ ବଢ଼ିଚାଲିଛି । ପରିସ୍ଥିତି ଏଭଳି ହୋଇଛି ଯେ, ଶବ ସତ୍କାର କରିବା ଲାଗି ଜାଗା ଅଭାବ ମଧ୍ୟ ଦେଖାଦେଇଛି । ଶବ ନେଇ ଆସୁଥିବା ଲୋକମାନଙ୍କୁ ଶବ ସତ୍କାର ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ସେହିପରି ଓଡ଼ିଶା ସୀମାରେ ଥିବା ଝାଡଖଣ୍ଡରେ କରୋନାର ୟୁକେ ଓ ଡବଲ ମ୍ୟୁଟାଣ୍ଟ ଷ୍ଟ୍ରେନ୍ ଆତଙ୍କ ସୃଷ୍ଟି କରିଛି । ସେଠାରେ ମଧ୍ୟ ଦୈନିକ ୩ ହଜାରରୁ ଅଧିକ ଲୋକ ସଂକ୍ରମଣର ଶିକାର ହେଉଛନ୍ତି । ଅନ୍ୟପଟେ ପଶ୍ଚିମବଙ୍ଗର ସ୍ଥିତି ମଧ୍ୟ ବେହାଲ । ସେଠାରେ ନମୁନା ପରୀକ୍ଷା ହାର କମ ଥିବା ସତ୍ତ୍ୱେ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି । ଏଭଳି ସମୟରେ କରୋନା ଭାଇରସର ପ୍ରକୋପ ସାରା ବିଶ୍ୱରେ ଦିନକୁ ଦିନ ବଢ଼ି ଚାଲିଛି । ସଂକ୍ରମଣର ଉଗ୍ରରୂପ ଜଟିଳ ସମସ୍ୟା ସୃଷ୍ଟି କଲାଣି । କରୋନା ଭୂତାଣୁକୁ ନେଇ ଯେଉଁ ନୂଆ ତଥ୍ୟ ସାମ୍ନାକୁ ଆସିଛି ତାହା ସମସ୍ତଙ୍କୁ ଚକିତ କରିଦେବ । ଏଭଳି ପରିସ୍ଥିତିରେ ଗଙ୍ଗା ନଦୀରେ ପବିତ୍ର କୁମ୍ଭମେଳା ପାଇଁ ଉତ୍ତରାଖଣ୍ଡର ହରିଦ୍ୱାର ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏକାଠି ହୋଇ ସାହି ସ୍ନାନ କରିବା ଘଟଣା ଚିନ୍ତାର ବିଷୟ ହୋଇଛି । କାରଣ କୌଣସି ଧାର୍ମିକ ସମାବେଶ, ନିର୍ବାଚନ ଶୋଭାଯାତ୍ରା ଅଥବା ସାମାଜିକ ଗହଳି କରୋନା ସଂକ୍ରମଣକୁ ଦ୍ରୁତ ଗତିରେ ବଢ଼ାଇ ଚାଲିବା ଆଶଙ୍କା ରହିଥିଲା ବେଳେ ସାଧାରଣ ଜନତା ଏସବୁରେ ସାମିଲ ନହେବା ଉଚିତ ହେବ ବୋଲି ଭାବିବାକୁ ପଡିବ । କାରଣ ସାମ୍ପ୍ରତିକ ସ୍ଥିତିରେ ବିଶ୍ୱବ୍ୟାପୀ ଏପରି ବିଶାଳ ସମାବେଶକୁ ନେଇ ଚର୍ଚ୍ଚା ବଢ଼ିଚାଲିଛି । ଏହିସବୁ ସମାବେଶରେ ସଂକ୍ରମଣ ବୃଦ୍ଧିର ୮୦% କେବଳ ୨୦% ସଂକ୍ରମିତଙ୍କ ଦ୍ୱାରା ସାଧିତ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ମାଲେସିଆର କ୍ୱାଲାଲାମପୁରରେ ଫେବୃଆରୀ ୨୭ରୁ ମାର୍ଚ୍ଚ ପହିଲା ଭିତରେ ଆୟୋଜିତ ଇସଲାମୀୟ ଧାର୍ମିକ ଅନୁଷ୍ଠାନ ତବ୍‌ଲିଗ୍ ଜମାତରେ ୧୫୦୦ ବିଦେଶୀଙ୍କ ସମେତ ୧୬ ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ପରେ ତାହା ସଂକ୍ରମଣର କେନ୍ଦ୍ର ପାଲଟିବା ସହିତ ବିଭିନ୍ନ ରାଷ୍ଟ୍ରକୁ ମଧ୍ୟ ସଂକ୍ରମଣ ବ୍ୟାପି ଯାଇଥିଲା । ସଂକ୍ରମଣର ଦ୍ୱିତୀୟ ଲହରରେ ସଂକ୍ରମଣ ସହ କରୋନା ମୃତ୍ୟୁ ବଢୁଛି । ଦେଶରେ ଏବେ କରୋନା ମୃତ୍ୟୁ ଦୈନିକ ୧ ହଜାରରୁ ଅଧିକ ରହୁଥିଲା ବେଳେ ଆଗକୁ ଦୈନିକ କରୋନା ମୃତ୍ୟୁ ୧୭୫୦ ରହିବ ଏବଂ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଭାରତ ଦୈନିକ ୨୩୦୦ରୁ ଅଧିକ କରୋନା ମୃତ୍ୟୁ ଦେଖିବ ବୋଲି ଲାନ୍‌ସେଟ୍ ରିପୋର୍ଟରୁ ଜଣାପଡିଛି । ଦ୍ୱିତୀୟ ଲହରର ସଂକ୍ରମଣ ଖୁବ୍ ଦ୍ରୁତ ଗତିରେ ମାଡୁଛି । ଅଧିକାଂଶ ମାମଲାରେ ଲକ୍ଷଣ ଦେଖାଯାଉନାହିଁ ଏବଂ ଯୁବଗୋଷ୍ଠୀ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହେଉଛନ୍ତି । ରୋଗୀ ବିଳମ୍ବରେ ହସ୍ପିଟାଲରେ ଭର୍ତ୍ତି ହେଉଥିବା କାରଣରୁ ମୃତ୍ୟୁ ସଂଖ୍ୟା ବଢୁଛି ବୋଲି କୁହାଯାଉଛି । ସୂଚନାଯୋଗ୍ୟ, ପ୍ରଥମ ଲହରରେ ସଂକ୍ରମଣ ବଢ଼ିଥିଲେ ସୁଦ୍ଧା ମୃତ୍ୟୁହାର କମ ରହିଥିଲା । ତେଣୁ ଏଭଳି ପରିସ୍ଥିତିରେ ନିଜକୁ କିଭଳି କରୋନା ଠାରୁ ଦୂରରେ ରଖିହେବ ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ହେଲ୍‌ମେଟ୍ ପିନ୍ଧ, ମାସ୍କ ଦିଅ, ପଦାକୁ ଯାଅ



ପ୍ରଦୀପ୍ତ ଆଚାର୍ଯ୍ୟ

ସକାଳୁ ଖବରକାଗଜ ପଢିବାରେ ମନୋନିବେଶ କରିଥିବା ବେଳେ, କେତେବେଳେ ଯେ ପଡୋଶୀ ସମୀର ବାବୁ ମୋ ସମ୍ମୁଖରେ ଆସନ ଗ୍ରହଣ କରିସାରିଛନ୍ତି, ଜାଣି ନଥିଲି । ହଠାତ୍ ସେ ଆରମ୍ଭ କଲେ, ଭାଇ ଗୋଟିଏ କଥା ଶୁଣିଲଣି । ଦେଖିବା ବେଳକୁ ସମୀର ବାବୁ । ପଚାରିଲି ଆପଣ କେତେବେଳୁ ଆସିଲେଣି ? କଣ ହେଲା ? ସେ କହିଲେ କାଲି ମଟରସାଇକେଲରେ ଅର୍ଦ୍ଧାଙ୍ଗିନୀଙ୍କୁ ନେଇ କଟକ ଯାଉଥିଲି । ଠିକ୍ ବାଦାମବାଡି ପାଖରେ ପୋଲିସ ଗାଡି ଅଟକାଇ ଦେଲେ । ମୁଁ ଭାବିଲି ମୋରତ ସବୁ ଠିକ୍‌ଠାକ୍ ଅଛି, ଡର କଣ ? ରହିଗଲି । କହିଲେ ହେଲମେଟ୍ କାହିଁ ? ମୁଁ କହିଲି ଆରେ ବାବୁ ମୁଁ ତ ହେଲ୍‌ମେଟ୍ ପିନ୍ଧିଛି, ଆପଣ କଣ ଦେଖି ପାରୁନାହାନ୍ତି ? ସେ କହିଲେ ନାଇଁ ନାଇଁ, ପଛ ବାଲାର କାହିଁ ? ଜୋରିମାନା ଦିଅନ୍ତୁ । ମୁଁ ତାଙ୍କୁ ଯେତେ ଅନୁରୋଧ କଲି, ଜାଣି ନଥିଲି, ଏଥରକ ଛାଡି ଦିଅନ୍ତୁ । ଆଉ ଭୁଲ ହେବନି । ସେମାନେ ଶୁଣିଲେ ନାହିଁ, କହିଲେ ଥରେ ଜୋରିମାନା ଦେଲେ ଆଉ ଭୁଲ୍ ହେବନି । ବାଧ୍ୟ ହୋଇ ତଣ୍ଡ ଗଣିଲି, ଏଇଟା କଣ ଠିକ୍ ହେଲା ? ମୁଁ କହିଲି ଭୁଲ୍ କଣ ହେଲା ? ସରକାର ଆମମାନଙ୍କର ଧନ ଜୀବନ ରକ୍ଷା କରିବା ପାଇଁ ଆଇନ ପ୍ରଣୟନ କରୁଛନ୍ତି । ଦୁର୍ଘଟଣା ଜନିତ ବିପଦରୁ ରକ୍ଷା ପାଇବା ପାଇଁ ହେଲେମେଟ୍ ବାଧ୍ୟତା ମୂଳକ କରିଛନ୍ତି, ଭୁଲ୍ ରହିଲା କୋଉଠି ? ସମୀର ବାବୁ କହିଲେ, ନାଇଁ ମୁଁ ମାନୁଛି ଠିକ୍ କରିଛନ୍ତି, ଆଉ ରାସ୍ତା ଉପରେ ଯେଉଁ, ଖୋଲା ମ୍ୟାନହୋଲ୍ ଅଛି, ତାହା କଣ ଜୀବନ ରକ୍ଷା ପାଇଁ ? ରାସ୍ତାରେ ଯେଉଁସବୁ ବଡବଡ ଖାଲଖମା ଅଛି, ରାସ୍ତା ଉପରେ ଯେଉଁ ବୁଲା ଗାଇ ଷଣ୍ଢ ବୁଲି ଅସୁବିଧା ସୃଷ୍ଟି କରୁଛନ୍ତି, ତାହା କଣ ଜୀବନ ରକ୍ଷା ପାଇଁ ? ରାସ୍ତା ମରାମତି କରିବା ଯେଉଁ ମାନଙ୍କର ଦାୟିତ୍ୱ, ତାଙ୍କ ଉପରେ କେତେ ଜୋରିମାନା ହଉଛି ? ଯେଉଁ ମାନେ ରାସ୍ତାକୁ ଗାଈ ଗୋରୁ ଛାଡି ଦେଉଛନ୍ତି, ତାଙ୍କ ଉପରେ କେତେ ଜୋରିମାନା ହଉଛି ? ସମୀର ବାବୁ ଥରେ ଉତ୍‌କ୍ଷିପ୍ତ ହୋଇଗଲେ, ସାମାଜିକ ସମସ୍ୟା ଉପରେ, ଦେଉଥବା ତାଙ୍କର ଅନର୍ଗଳ, ଅକାଟ୍ୟ, ବାସ୍ତବ ବକ୍ତବ୍ୟକୁ ବନ୍ଦ କରିବା ବହୁତ କଷ୍ଟ । ମୁଁ କହିଲି ଭାଇ, ଶୁଣନ୍ତୁ, ସଚେତନ, ସୁନାଗରିକ ହିସାବରେ, ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମକୁ ଆମେ ସର୍ବ ପ୍ରଥମେ ମାନିନେବା ଉଚିତ୍ । ସେ କହିଲେ ଆପଣ ଯାହା କହିଲେ ତାହା ଶତ ପ୍ରତିଶତ ଠିକ୍ । ଆମେ ମାନିବା ଉଚିତ୍ । ଆପଣ ଜାଣିଛନ୍ତି, ସରକାର ନିୟମ କରିଛନ୍ତି, ସହରକୁ ସରସ ସୁନ୍ଦର କରିବା ପାଇଁ, ଯେ କୌଣସି ସ୍ଥାନରେ ପରିସ୍ରା କରିବା କିମ୍ବା ଝାଡା ଯିବା ମନା । ଆପଣ ବଜାରରେ ଅଛନ୍ତି, ସହସା ଆପଣଙ୍କୁ ପ୍ରାକୃତିକ କାର୍ଯ୍ୟର ତଳବ ଆସିଲା, ଆଖ ପାଖରେ କେଉଁଠି ପରିସ୍ରାଗାର ନହିଁ, ଆପଣ ସୁନାଗରିକ ହିସାବରେ ସରକାରୀ ନିୟମକୁ ସମ୍ମାନ ଦେବେତ ? ଏ ଅଖାଡୁଆ ପ୍ରଶ୍ନର ଉତର ମୋ ପାଖରେ ନଥିଲା । ପୁଣି ସମୀର ବାବୁ ଆରମ୍ଭ କଲେ, କହିଲେ ନିୟମ ପ୍ରଣୟନ ଏବଂ ପ୍ରବର୍ତନ ଦୁଇଟା ଅଲଗା କଥା । ନିୟମ ପ୍ରଣୟନର ଯଥେଷ୍ଟ ପୁର୍ବରୁ ସଚେତନତା ଏବଂ ଆନୁସଙ୍ଗିକ ସୁବିଧା ସୁଯୋଗ ସୃଷ୍ଟି କରିବା ଉଚିତ । ଲୋକ ଜାଣି ନାହାନ୍ତି, ପରିସ୍ରାଗାରର ସୁବିଧା ନାହିଁ, ସେମାନେ ପ୍ରାଚୀର କଡରେ ପରିସ୍ରା କଲେ, ଦୋଷ କାହାର କୁହନ୍ତୁ ? ନିୟମ କଣ ନଥିଲା, ଗାଡି ଚଲାଇବା ପାଇଁ ଚାଳକ ପ୍ରମାଣପତ୍ର ଆବଶ୍ୟକ ? ନିୟମ କଣ ନଥିଲା, ଗାଡି ପଞ୍ଜିକରଣ କରିବା, ରାସ୍ତା କର ଦେବା ଆଉ ବୀମା କରିବା ? ତେବେ ଆଜି ଆର.ଟି.ଓ ଅଫିସ୍‌ର ଲମ୍ବା ଧାଡି କଣ ପ୍ରମାଣ କରୁନାହିଁ, ହଜାର ହଜାର ସଂଖ୍ୟାର ଗାଡି ବିନା ପଞ୍ଜିକରଣ, ବିନା ଚାଳକ ପ୍ରମାଣପତ୍ରରେ ଚାଲୁଥିଲା ? ଯେଉଁ ସଚେତନ ନାଗରିକ ମାନେ ଆଇନକୁ ସମ୍ମାନ ଜଣାଇ ନିୟମିତ ଭାବରେ କର ପ୍ରଦାନ କରୁଥିଲେ, ସେମାନେ କଣ ପସ୍ତେଇବେ ନାହିଁ ଆମେବି ନଦେଇଥିଲେ ଚଳିଥାନ୍ତା । ମୁଁ କହିଲି, ସମୀର ବାବୁ, ଆପଣ ଠିକ୍ କଥା କହିଛନ୍ତି, ସରକାର ଏ ସବୁ କରିବା ଉଚିତ୍ ।

କିନ୍ତୁ ସବୁ ପରେବି, ଆମ ନିଜ ସୁରକ୍ଷା କଥା ଆମେ ଦେଖିବାନା ? ଆମେ ହେଲମେଟ୍ ଗାଡିରେ ଟାଙ୍ଗିଥିବା, କିନ୍ତୁ ମୁଣ୍ଡରେ ଦେବାନି । ସରକାର କରୋନା ପ୍ରତିଷେଧକ ନିମନ୍ତେ ମାସ୍କ ବ୍ୟବହାର ପାଇଁ ନିୟମ କରିଛନ୍ତି, ଆମେ ପକେଟ୍‌ରେ ରଖିବା, ପୋଲିସ ଦେଖିଲେ ତରତରରେ ମୁହଁରେ ବାନ୍ଧିଦେବା । ଏଇଟା କଣ ଠିକ୍ ? ଗାଡି ଚଲାଇବା ବେଳେ, ମୋବାଇଲରେ କଥା ହୋଇ ଶହଶହ ରାସ୍ତା ଦୁର୍ଘଟଣା ହେଉଛି । ତଥାପି ଆମେ ଆମ ମନକୁ ନିୟନ୍ତ୍ରୀତ କରିପାରୁନେ କିମ୍ବା ଜୀବନହାନି ଘଟାଉଥିବା ଏ କୁଅଭ୍ୟାସକୁ ଛାଡିପାରୁନାହେଁ । ହେଲମେଟ ନପିନ୍ଧିଲେ ତ ଜୋରିମାନା ଦେବାକୁ ପଡୁଛି, କିନ୍ତୁ ମାସ୍କନପିନ୍ଧିଲେ, ପ୍ଲାଷ୍ଟକ ନଳ କାଟି, ପୋଲିସ ତିଆରି କରିଥିବା ବାଡିରେ, ପିଚାରେ ଦୁଇ ଚାରି ଶକ୍ତ ପାହାର ଖାଇବାକୁ ପଡୁଛି, ନଚେତ୍ ରାସ୍ତା ଉପରେ କାନଧରି ବସଉଠ୍ ହେବାକୁ ପଡୁଛି । ଆମ ସୁରକ୍ଷା ନିମନ୍ତେ, ଆମେ ସଚେତନ ନହୋଇ, ଯଦି ପୋଲିସ ଠାରୁ ମାଡ ଖାଇବା ବା ଜୋରିମାନା ଗଣିବା, ତାହା କଣ ଆମପରି ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଠିକ୍ ହେବ ? ଆପଣତ ସରକାରୀ ପ୍ରଣୀତ ଆଇନକୁ ସମ୍ମାନ ଜଣାଇବା କଥା କହୁଛନ୍ତିନା ? ମୁଁ କହିଲି ଭାଇ, ଆପଣ ଏଥର ଭାଉଜଙ୍କୁ ବଜାର ନେବାବେଳେ, ହେଲମେଟ୍ ବ୍ୟବହାର କରିବେ ନାହିଁତ ? ସେ କହିଲେ ନାଁ ନାଁ, ସେ ଭୁଲ ଆଉ କରିବି ନାହିଁ । ତାପରେ ମୁଁ କହିଲି, କିଏ ନିୟମ ନମାନିଲା ଆମେ ବ୍ୟସ୍ତ ହେବା ଦରକାର ନାହିଁ, ଆମେ ମାନିବା ଦରକାର । ଆଉ କହିବା କାହାକୁ, ଶୁଣିବ କିଏ ?

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର, କଟକ*
*ମୋ-୬୩୭୧୫୯୩୨୨୦*

# ସୁବର୍ଣ୍ଣପୁର ଜିଲ୍ଲାର ବିକାଶ ପାଇଁ କୃଷି, କୃଷକ ଓ ଜଳ ପ୍ରକଳ୍ପ



ସିତାଂଶୁ ଶେଖର ମିଶ୍ର

ସୁବର୍ଣ୍ଣପୁର ଏକ ଛୋଟ ଜିଲ୍ଲା ଏହାର ଜନସଂଖ୍ୟା ର ଶତକଡା ୯୦ଭାଗ ଲୋକ ସମ୍ପୂର୍ଣ୍ଣ ଭାବେ କୃଷି ଉପରେ ନିର୍ଭରଶୀଳ ଅଟନ୍ତି । ଏହାର ଅର୍ଥନୀତି ମୁଖ୍ୟତଃ କୃଷିଭିତ୍ତିକ ଅଟେ । ଉକ୍ତ ଜିଲ୍ଲାରେ ରହିଥିବା ଛଅ ଗୋଟି ବ୍ଲକ ମଧ୍ୟରୁ ହୀରାକୁଦ ଜଳଭଣ୍ଡାରରୁ ଡୁଙ୍ଗୁରିପାଲି ଓ ବିନିକାବ୍ଲକର ୩୦ ହଜାର ହେକ୍ଟର୍, ହରିହରଜୋର୍ ପ୍ରକଳ୍ପ ଜରିଆରେ ଉଲୁଣ୍ଡା ଓ ବିରମହାରାଜପୁର ବ୍ଲକକୁ ୧୦ ହଜାର ହେକ୍ଟର୍ ଓ ନିବୃତ୍ତି କ୍ଷୁଦ୍ରଜଳ ସେଚନପ୍ରକଳ୍ପ ଜରିଆରେ ତରଭା ବ୍ଲକକୁ ୫ ହଜାର ହେକ୍ଟର୍ ଓତରଭା ଓ ସୋନପୁର ବ୍ଲକକୁ ଅଙ୍ଗଜଳସେଚନ ପ୍ରକଳ୍ପ ଜରିଆରେ କିଛି କିଛି ଜମିକୁ ଜଳସେଚନ ଯୋଗାଇ ଦିଆଯାଉଅଛି, ଏହାସହିତ ଜିଲ୍ଲାରେ ମେଗାଜଳସେଚନ ପ୍ରକଳ୍ପ ଓ ଅନେକ ଗୁଡ଼ିଏ ଉଠା ଜଳସେଚନ ଜରିଆରେ ମଧ୍ୟ କିଛି କିଛି ଜମିକୁ ଜଳସେଚନ କରାଯାଇଛି କିନ୍ତୁ ଆହୁରି ଅନେକ ଗୁଡ଼ିଏ ଜମି ଜଳସେଚନର ଅଭାବ ଯୋଗୁଁ ଓ ଅନେକ ଅଞ୍ଚଳ ଜଳସେଚନର କେବେ କେମିତି ହୋଇପାରିବ ତାହା ଚାତକପରୀ ଅପେକ୍ଷାରେ ରହିଛନ୍ତି ।

ସ୍ୱାଧୀନତା ର ୭୩ ବର୍ଷ ଅତିକ୍ରମ କରି ସାରିଛି ଓ ଆମେ ସ୍ୱାଧୀନତା ପାଇବାର ଏତେ ବର୍ଷ ପରେ ମଧ୍ୟ ଆମର ଭୌଗଳିକ ଅବସ୍ଥିତିକୁ ନେଇ ଯୋଜନା ରୂପାୟନ କରିପାରିନାହୁଁ ଭଳିଆ ମନେହୁଏ ନଚେତ୍ ଆମର ଯୋଉ ଭୌଗଳିକ ଅବସ୍ଥିତି ରହିଛି ସମ୍ପୂର୍ଣ୍ଣ ଭାବରେ ନଦୀନାଳ ଘେରା ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହା ରାଜ୍ୟର ଅର୍ଥନୀତିର ଏକ ପ୍ରମୁଖ ଅଙ୍ଗ ଭାବରେ ତାର ଭାଗିଦାରୀ ହୋଇପାରିଥାନ୍ତା କିନ୍ତୁ ଏତେଦିନ ପର୍ଯ୍ୟନ୍ତ ତାହା ଆମେ କରିପାରୁ ନାହୁଁ । ସେଥିପାଇଁ ପାଇଁ ବୋଧହୁଏ ଆମ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଓ ଦୂରଦୃଷ୍ଟି ନଥିବା ମନେହୁଏ ।

ଏହି ଜିଲ୍ଲାକୁ ଏକ ସମୃଦ୍ଧ ଜିଲ୍ଲା କରି ଗଢିତୋଳିବାକୁ ହେଲେ କୃଷି, କୃଷକ ଓ ଜଳ ପ୍ରକଳ୍ପକୁ ଗୁରୁତ୍ୱଦେବାକୁ ହେବ ଓ ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ରହିଅଛି ସୁତରାଂ ଯଦି ଆମର ନେତୃତ୍ୱ ଓ ପ୍ରଶାସନ ଏଥିପ୍ରତି ଆନ୍ତରିକତା ସହ ଉଦ୍ୟମ କରିବେ ତାହାହେଲେ ଏହି ଜିଲ୍ଲାର ଭୂଗଳ ପ୍ରକୃତରେ ବଦଳିଯିବ ଓ ଏକ ସମୃଦ୍ଧ ଜିଲ୍ଲାର ପରିଚୟ ସୃଷ୍ଟି କରିପାରିବ ।

କାରଣ ପୂର୍ବରୁ ଏହାଏକ ଉପଖଣ୍ଡ ଥିଲା, ୧୯୯୩ ମସିହାରେ ଏହାଏକ ଜିଲ୍ଲାର ମାନ୍ୟତା ଲାଭ କଲା ଓ ନୂତନ ନେତୃତ୍ୱ ମଧ୍ୟ ମିଳିଲା କିନ୍ତୁ ଜନସାଧାରଣଙ୍କ ଆଶାରେ ସେମିତି କିଛି ଆଶାତୀତ ପରିବର୍ତ୍ତନ ଓ ଅର୍ଥନୈତିକ ଅଭିବୃଦ୍ଧି ହେବା ଭଳିଆ କୌଣସି ପ୍ରକଳ୍ପ ଏବେ ସୁଦ୍ଧା ହୋଇପାରିଲା ନାହିଁ । ଇତିମଧ୍ୟରେ ବହୁ ନିର୍ବାଚନ ହୋଇଛି ଓ ଅନେକ ନେତୃତ୍ୱ ସୃଷ୍ଟି ହୋଇଛନ୍ତି କିନ୍ତୁ ଜିଲ୍ଲାର କୃଷି, କୃଷକ ଓ ଜଳ ପ୍ରକଳ୍ପ ପାଇଁ ସେମିତି କିଛି ଆଗ୍ରହ ପ୍ରକାଶ କରିନାହାନ୍ତି । ସବୁ ନିର୍ବାଚନ ସମୟରେ ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ନିର୍ବାଚନ ସମୟରେ ଏକ ପ୍ରସଙ୍ଗ ହୋଇଉଠେ ଓ ପ୍ରତିଶ୍ରୁତି ମଧ୍ୟ ମିଳେ କିନ୍ତୁ ନିର୍ବାଚନ ବୈତରଣୀ ପାର ହେବା ପରେ ଏହା ସମ୍ପୂର୍ଣ୍ଣ ଭାବେ ନେତୃତ୍ୱ ଭୁଲି ଯାଆନ୍ତି ଓ ଯାଇଛନ୍ତି, ଯାହାଫଳରେ ସମସ୍ତ ପ୍ରକାରର ବୈଭବ ପ୍ରାଚୁର୍ଯ୍ୟ ରହି ମଧ୍ୟ ତାର ସଦ୍ ବିନିଯୋଗର ଅଭାବ ଆଜି ଆମକୁ ପଛୁଆ ଓ ନିଜର ପେଟ ପାଇଁ କର୍ମ ସଂସ୍ଥାନର ଅନ୍ୱେଷଣ ରେ ନିଜର ଭିଟାମାଟିକୁ ଛାଡିବାକୁ ପଡୁଛି, ଯାହାକି ଉଦ୍‌ବେଗଜନକ ଅଟେ ।

ଏବେ ଦେଖାଯାଉଛି କୃଷି ଓ କୃଷକ ପାଇଁ ଆଉ ଗୋଟାଏ ଅସୁବିଧା ତା ଆଗରେ ଆସି ପହଞ୍ଚିଯାଉଛି, ଠିକ୍ ଚାଷ ମଧ୍ୟରେ ଏବେ କୀଟପୋକର ପ୍ରାଦୁର୍ଭାବ, ଅଭାବିବିକ୍ରି, ଶିତଳଭଣ୍ଡାର ଅଭାବ ତଥା ଜଳସେଚନର ଅସୁବିଧା, ଯଦି ଜଳସେଚନ ଅଛି କିଛିକାଂଶରେ ତାହା ଖର୍ଚବହୁଳ ହେତୁ ଓ ଖର୍ଚ୍ଚ ଅନୁଯାୟୀ ଉଚିତ୍ ମୂଲ୍ୟ ପାଇପାରୁନଥିବାରୁ ଲୋକେ କୃଷିପ୍ରତି ବିମୁଖ ହୋଇପଡୁଛନ୍ତି ଓ ବିକଳ୍ପ ରୋଜଗାର କର୍ମନିଯୁକ୍ତି ସନ୍ଧାନରେ ସହରା ମୁହାଁ ହୋଉଛନ୍ତି ଯାହାକି ଉଦ୍‌ବେଗଜନକ ଅଟେ । ଜିଲ୍ଲାରେ ପ୍ରସ୍ତାବିତ ପ୍ରକଳ୍ପ ହରିହର୍ ଜୋର୍‌ର ବାମ ପାର୍ଶ୍ୱ କେନାଲ, ସୁରୁବାଲି, ତେଲନଦୀର ମାଣିକପୁର ଠାରେ ଓ ଅନ୍ୟାନ୍ୟ ଛୋଟ ଆନିକଟ ଏବେ ଶୀତଳ ଭଣ୍ଡାରରେ ପଡ଼ିଅଛି ଓ ଏହାକୁ କାର୍ଯ୍ୟକାରୀ କରିବାକୁ ଇଚ୍ଛାଶକ୍ତିର ଅଭାବ ପରିଲକ୍ଷିତ ହୁଏ, ଯାହାକୁ କରାଯାଇପାରିଲେ ଆହୁରି ୫୦ହଜାର ହେକ୍ଟର୍ ଜମିକୁ ଜଳସେଚନ ଯୋଗାଇ ଦିଆଯାଇ ପାରନ୍ତା । ସୁତରାଂ ଏହା ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ସହିତ ବେକାରୀ ଦୂରୀକରଣ କରାଯାଇପାରନ୍ତା ତାକୁ ଦେଖିବା ଉଚିତ୍ ହେବ । ଉକ୍ତ ପ୍ରକଳ୍ପ ସବୁ ହୋଇପାରିଲେ, ମତ୍ସ୍ୟସମ୍ପଦ, ଗୋପାଳନ, ଛୋଟଛୋଟ କୁଟୀରଶିଳ୍ପ ତଥା ପର୍ଯ୍ୟଟନର ଭରପୁର୍ ସମ୍ଭାବନା ସୃଷ୍ଟି ହୋଇପାରନ୍ତା ଓ ବିକାଶ ହୋଇ ପାରନ୍ତା, ଯଦ୍ୱାରା କର୍ମସଂସ୍ଥାନ ଯୋଗାଇ ଦିଆଯାଇପାରନ୍ତା କିନ୍ତୁ ତାହା ହୋଇପାରିନାହିଁ । ଯଦି ନେତୃତ୍ୱ ଓ ପ୍ରଶାସନ ଏହାଉପରେ ଗୁରୁତ୍ୱଦେବେ ଏହି ଜିଲ୍ଲା ଏକ ସମୃଦ୍ଧ ଜିଲ୍ଲାହୋଇ ଗଢ଼ିଉଠିବ । ଏବେ ବିଶ୍ୱରେ ଦେଖାଦେଇଥିବା ଏହି ମହାମାରୀ ଆମକୁ ଅନେକ ଶିକ୍ଷା ଦେଇଛି, ଯେ ଆମର ମଙ୍ଗଳବିଧାନ ସ୍ୱାବଲମ୍ବୀ ହୋଇ ଗ୍ରାମସଂସ୍କୃତିର ପୁନଃରୁଦ୍ଧାର କରି ସୁସ୍ଥ ଜୀବନଯାପନ ଆପଣାଇବା ଏବଂ ଆଉ ଗୋଟାଏ ଜିନିଷ ପ୍ରତି ସଚେତନ ହେବାକୁ ହେବ ନଚେତ୍ ଆଗାମୀ କିଛିଦିନରେ ଆଉଗୋଟାଏ ବିଭୀଷିକା ଦେଖିବାକୁ ପଡ଼ିବ ତାହାହେଉଛି ଜଳ ସଙ୍କଟ । ଆମେ ବର୍ଷା ଦିନର ଜଳକୁ ସଂରକ୍ଷଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛେ କହିଲେ ଅତ୍ୟୁକ୍ତି ହେବନାହିଁ, ଏବଂ ଏବେ ଭୂତଳ ଜଳର ବହୁଳ ବ୍ୟବହାର କରାଯାଉଛି ତାହା ଉଦ୍‌ବେଗ ଜନକ ଅଟେ । ଏଣୁ ଖର୍ଚ୍ଚ ବହୁଳ ହେଲେ ମଧ୍ୟ ଆଗାମୀ ଭବିଷ୍ୟତ ପାଇଁ ଆମକୁ ନଦୀ, ନାଳରେ ଛୋଟ ଛୋଟ ଆନିକଟ କରି ଜଳକୁ ଧରି ରଖିବାକୁ ହେବ ଓ ବହୁଳ ମାତ୍ରାରେ ଭୂତଳ ଜଳକୁ ଖର୍ଚ୍ଚ କରିବାରୁ କ୍ଷାନ୍ତ ରହିବାକୁ ହେବ । ଏବେ ଜିଲ୍ଲାରେ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ନଦୀନାଳ ଘେରା ଜିଲ୍ଲାରେ ଏବେ ଜଳସଙ୍କଟ ଉଦ୍‌ବେଗ ଜନକ ଅଟେ । ଗ୍ରୀଷ୍ମ ଋତୁରେ ପାନୀୟ ଜଳର ଅଭାବ ଦେଖା ଦେଲାଣି କିଛି କିଛି ସ୍ଥାନ ମାନଙ୍କରେ ଏମିତିକି ନଳ କୂପମାନଙ୍କରୁ ମଧ୍ୟ ଆଉ ପର୍ଯ୍ୟାପ୍ତ ପରିମାଣର ଜଳ ବାହାରୁନାହିଁ । ତେଣୁ ଆମକୁ ଆମ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ । ଯାହାଫଳରେ ଆମେ କେମିତି ବର୍ଷା ଦିନର ଜଳକୁ ଧରି ରଖିପାରିବା ସେହିଭଳିଆ ଯୋଜନା ପ୍ରଣୟନଉପରେ ଗରୁତ୍ୱାରୋପ କରିବାକୁ ହେବ ।

ଆମେ ମନେରଖିବା ଉଚିତ୍ ହେବ ଏହା କରାଯାଇ ପାରିଲେ କୃଷିଶିଳ୍ପ ଠାରୁ ଆରମ୍ଭ କରି ପାନୀୟଜଳ ସଙ୍କଟ, କୁଟୀର ଶିଳ୍ପର ସମ୍ଭାବନା, ପର୍ଯ୍ୟଟନର ବିକାଶ ସାଙ୍ଗକୁ, ବେକାରୀ ଦୂରୀକରଣ ଓ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ସାଙ୍ଗକୁ ଲୋକମାନେ କର୍ମସଂସ୍ଥାନ ପାଇଁ ଆଉ ଅନ୍ୟ ଆଡେ ଯିବାକୁ ମନ ବଳାଇବେ ନାହିଁ ଓ ତତ୍ ସଙ୍ଗେ ସଙ୍ଗେ ଗ୍ରାମ୍ୟ ସଂସ୍କୃତିର ମଧ୍ୟ ପୁନଃ ଉଦ୍ଧାର କରାଯାଇପାରିବ । ସୁତରାଂ ଏଥିପ୍ରତି ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଉଦ୍ୟମ ଜରୁରୀ ଅଟେ । ଜିଲ୍ଲାର ବିକାଶ ପାଇଁ, କୃଷି, କୃଷକ ଓ ନଦୀ ନାଳ ମାନଙ୍କରେ ପ୍ରକଳ୍ପର ଆବଶ୍ୟକତାକୁ ପୂରଣ କରାଯାଇପାରିଲେ ଏହି ଜିଲ୍ଲା ରାଜ୍ୟର ଏକ ପ୍ରମୁଖ ଜିଲ୍ଲା ଭାବରେ ପରିଗଣିତ ହୋଇପାରିବ ।

*ଶାନ୍ତିନଗର, ସୋନପୁର*

# ଗାନ୍ଧିଜୀଙ୍କ ଶ୍ରୀମନ୍ଦିର ପରିଦର୍ଶନ ଓ ଗୁଜୁରାଟୀ ଯାତ୍ରୀପଣ୍ଡା ରଘୁନାଥ



ଡଃ.ଅରୁନ୍ଧତୀ ଦେବୀ

୧୯୨୧ ମସିହାରେ ନିଜର ପ୍ରଥମ ଓଡ଼ିଶା ଗସ୍ତ ବେଳେ ମହାତ୍ମା ଗାନ୍ଧୀ ଶ୍ରୀମନ୍ଦିର ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ଗାନ୍ଧିଜୀଙ୍କ 'ନବ ଜୀବନ'ରେ 'ମାଇଁ ଓଡ଼ିଶା ଟୁର୍' ଅନ୍ତର୍ଗତ ଜଗନ୍ନାଥ ଲେଖା ପ୍ରମାଣିତ କରୁଛି ଯେ ୧୯୨୧ ମସିହା ମାର୍ଚ୍ଚ ୨୭ ତାରିଖରେ ସେ ଶ୍ରୀମନ୍ଦିର ଯାଇଥିଲେ ଓ ମନ୍ଦିରର ଗର୍ଭଗୃହରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲାବେଳେ ଗର୍ଭଗୃହରେ ଘନ ଅନ୍ଧକାରର ରାଜୁତି ଥିଲା ଓ ଗୋଟିଏ ଦୁଇଟି ଦୀପ ହିଁ ଜଳୁଥିଲା । କାରଣ ସେ ଯାଏଁ ଶ୍ରୀମନ୍ଦିରରେ ବିଦ୍ୟୁତ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇନଥିଲା । ଏକ ଐତିହାସିକ ବିଶ୍ୱାସ ରହିଆସିଛି ଯେ ମହାତ୍ମା ଗାନ୍ଧୀ ପୁରୀ ଶ୍ରୀମନ୍ଦିର ପରିଦର୍ଶନ କରି ନଥିଲେ । ଅସ୍ପୃଶ୍ୟମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ ଥିବାରୁ ସେ ଏହାର ପ୍ରତିବାଦରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଚାହୁଁ ନଥିଲେ ବୋଲି କୁହାଯାଉଥିଲା । ହେଲେ ଏବେ ଗାନ୍ଧିଜୀଙ୍କ ପରିଦର୍ଶନ ନେଇ ପ୍ରମାଣ ମିଳିଛି । ଶ୍ରୀମନ୍ଦିର କୌଳିକ ପଣ୍ଡା ତଥା ଗୁଜରାଟୀ ଯାତ୍ରୀପଣ୍ଡା ରଘୁନାଥ ଗୋଚ୍ଛିକାରଙ୍କ ନିକଟରେ ଥିବା ଶହେ ବର୍ଷ ପୁରୁଣା ନଥିରୁ ଜଣାପଡ଼ିଛି ଯେ, ବାପୁଜୀ କେବଳ ଯେ ମନ୍ଦିର ପରିଦର୍ଶନ କରିଥିଲେ ତାହା ନୁହେଁ, ଦସ୍ତଖତି (ପାରିବାରିକ ଡାଏରୀ)ରେ ନିଜ ଦର୍ଶନ ଅନୁଭୂତି ଗୁଜରାଟୀ ଭାଷାରେ ଲେଖିଥିଲେ । ଅସ୍ପୃଶ୍ୟତା ବିରୋଧରେ ନିଜର ଶେଷ ଜୀବନ ପର୍ଯ୍ୟନ୍ତ ଲଢ଼େଇ କରିଥିବା ଗାନ୍ଧିଜୀ ଆଠ ଥର ଓଡ଼ିଶା ଗସ୍ତରେ ଆସିଥିଲେ । ତେବେ ଏହି ସମୟ ମଧ୍ୟରେ ସେ ଶ୍ରୀମନ୍ଦିରକୁ ଯାଇଥିଲେ କି ନାହିଁ ସେ ନେଇ ଦ୍ୱନ୍ଦ୍ୱ ଲାଗିରହିଥିଲା । ମାତ୍ର ଏହି ଦ୍ୱନ୍ଦ୍ୱକୁ ଦୂର କରି ରଘୁନାଥ ନିକଟରେ ଗଣମାଧ୍ୟମକୁ କହିଛନ୍ତି, ମହାତ୍ମା ଗାନ୍ଧୀ ୧୯୨୧ ମାର୍ଚ୍ଚ ୨୭ରେ ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ । ସେତେବେଳେ ତାଙ୍କ ସହିତ ସହଧର୍ମିଣୀ କସ୍ତୁରବା ଓ ପୁତ୍ର ଦେବଦାସ ଥିଲେ । ସେମାନେ ଗର୍ଭଗୃହକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଖୁସିମନରେ ଫେରିଥିଲେ । ଏହାର ପ୍ରମାଣକୁ ସେ ସାଇତି ରଖିଛନ୍ତି ବୋଲି ରଘୁନାଥ ପ୍ରକାଶ କରିଛନ୍ତି । ସେ ପୁଣି କହିଛନ୍ତି, ତାଙ୍କ ପାଖରେ ଥିବା ନଥିରେ ଗାନ୍ଧିଜୀଙ୍କ ଦସ୍ତଖତ ରହିଛି ।

ଶ୍ରୀମନ୍ଦିରରେ ଦର୍ଶନ ସାରି ଗାନ୍ଧିଜୀ ଏହି ନଥିରେ ନିଜ ଅନୁଭୂତି ଲେଖି ଦସ୍ତଖତ କରିଥିଲେ । ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରି ଅତ୍ୟନ୍ତ ପ୍ରୀତ ହେଲି ବୋଲି ଗୁଜରାଟୀ ଦର୍ଶନାର୍ଥୀଙ୍କ ଖାତାରେ ଗାନ୍ଧିଜୀ ଲେଖିଥିଲେ । ତେବେ ଏହା ତାଙ୍କ ଜେଜେ ଗୋପୀନାଥ ଗୋଚ୍ଛିକାରଙ୍କ ସମୟର କଥା ବୋଲି ରଘୁନାଥ କହିଛନ୍ତି । ସେହିପରି ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ପରିଡ଼ା କହିଛନ୍ତି, ୧୯୨୧ ମାର୍ଚ୍ଚ ୨୩ରେ ଗାନ୍ଧିଜୀ ଓଡ଼ିଶା ଆସି ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ପୁରୀରେ ରହିଥିଲେ । ଏହି ସମୟରେ ବଡ଼ଦାଣ୍ଡରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ତତ୍କାଳୀନ ଗଜପତି ମହାରାଜ ଏଥିଲାଗି ଭବ୍ୟ ଆୟୋଜନ କରିଥିଲେ । ଶ୍ରୀକ୍ଷେତ୍ର ରହଣିର ଦ୍ୱିତୀୟ ଦିନରେ ମହାତ୍ମା ଗାନ୍ଧୀ ଶ୍ରୀଜୀଉଙ୍କ ଦର୍ଶନ କରିଥିବା ନଥିରେ ଉଲ୍ଲେଖ ରହିଥିବାରୁ ସେ ଶ୍ରୀମନ୍ଦିର ଯାଇ ନଥିବା ନେଇ ହେଉଥିବା ପ୍ରଚାର ପ୍ରସାର ମିଥ୍ୟା । ଉଲ୍ଲେଖଯୋଗ୍ୟ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶତତମ ପୂର୍ତ୍ତି ଉତ୍ସବ ରାଜ୍ୟସ୍ତରରେ ପାଳନ ହେଉଥିବା ବେଳେ ପୁରୀରେ ମଧ୍ୟ ନିଆରା ଢ଼ଙ୍ଗରେ ଏହାକୁ ପାଳନ କରାଯିବାକୁ ଜୋରଦାର ପ୍ରସ୍ତୁତି ଚାଲିଛି । ଆଜି ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତର ତଥା ପ୍ରଥମ ଜଗନ୍ନାଥ ଦର୍ଶନର ଶତବାର୍ଷିକୀ ଅବସରରେ ଅନେକ ଲେଖକ ଗାନ୍ଧିଜୀଙ୍କ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଉପରେ ଅଧିକ ତଥ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି । ତେବେ ଯାହାହେଉନା କାହିଁକି ପୂଜ୍ୟ ମହାତ୍ମା ଗାନ୍ଧିଜୀଙ୍କ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି ଏହା ସତ୍ୟ ଏବଂ ଏ ନେଇ କୌଣସି ବିବାଦ ଲାଗି ରହିବା କଥାନୁହେଁ ।

*ନିର୍ଦ୍ଦେଶିକା, ଆନ୍ତର୍ଜାତିକ*
*ଅଶୋଭନୀୟତା ନିରୋଧ*
*ଆନ୍ଦୋଳନ, ନୂଆଦିଲ୍ଲୀ*
*ଦୂରଭାଷ : ୯୯୩୭୧୭୨୮୧୦*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୧୪

# ବେଳ ଭଲ ନାହିଁ

**ନାଇଁ**- ନାଇଁରେ ମୁଁ ମୋ ସକାଳ ବୁଲାଟା ସାରିଦିଏ।

ଆଉ କ'ଣ ସକାଳ ଅଛି, ଖରା ଆସି ପରା ମୁହଁରେ ପଡ଼ିଲାଣି। ତା' ପରେ ଏ ଆମ ଗାଆଁଟା କ'ଣ ସହର ହୋଇଛି ଯେ, ଏଠି ସକାଳର କେବଳ ମୁକ୍ତ ପବନ, ଏଠି ହରଦମ୍ ମୁକ୍ତ ପବନ, ଯେତେବେଳେ ବୁଲିଲେ ବି ଆପଣ ତାକୁ ପାଇବେ।

ହଉ ଚା' ବସା, ଆଜି ତମ ଦୋକାନର ଚା' ପିଆଯାଉ।

ଚା ସସ୍‌ପେନଟି ଆଞ୍ଚ ଉପରେ ବସାଉ ବସାଉ ନିତିଆ କହିଲା- ବୁଝିଲେ ସାର, ନାନା ଭାଇ, ଆଗରୁ ସିନା ଆମେ ଶୁଣୁଥିଲୁ ସହରରେ ମଦ ଗଞ୍ଜେଇ ସେବନ ଜୋରରେ ହୁଏ ବୋଲି, ଆମ ଗାଆଁଟା ଏବେ ସହରକୁ ଟପି ଗଲାଣି ଏଥିରେ। ଏଇ ଆଗକୁ ଯେଉଁ କେବିନିଟ୍ ଆପଣ ଦେଖୁଛନ୍ତି, ସେଇଟା ଟୁଲିଆର। ଟୁଲିଆ କହିଲେ ଆପଣ ବୁଝି ପାରିବେ ନାହିଁ, ଶଙ୍କର ଦାସ, ଶଙ୍କରା ନନା, ଯିଏ ମହାଦେବ ମନ୍ଦିର ପୂଜାରୀ ଥିଲେ।

ହଁମ, ଶଙ୍କରା ନନାକ କିଏ ନ ଜାଣେ।

ମୋ ବଡ଼ ପୁଅ ପାଇଁ ରୁଦ୍ରାଭିଷେକଟିଏ କରାଇବା ପାଇଁ ପରା ମୁଁ ଭୁବନେଶ୍ୱରରୁ ଆସି ତାଙ୍କ ପାଖରେ କରିଥିଲି।

ହଁ-ସିଏ, ସିଏ ତ ସାପ କାମୁଡାରେ ମରିଗଲା।

ହଁ-ଶୁଣିଛି ସେ କଥା।

ସିଏ ମଲାପରେ ଟୁଲିଆ ଉପରେ ପଡିଲା ମନ୍ଦିର ପୂଜାର ଦାୟିତ୍ୱ। ସିଏ ରୋକ୍ ଠୋକ୍ ମନାକଲା। କହିଲା ମୁଁ ସେ କର୍ମକାଣ୍ଡ ଜଜମାନୀ ଧନ୍ଦାରେ ପଶି ପାରିବି ନାହିଁ। ବାପା ତ ଏତେ ବର୍ଷ ଶିବ ପୂଜା କରି ସାପ କାମୁଡାରେ ମଲେ, ମୁଁ କ'ଣ ଷଣ୍ଢ ଶିଙ୍ଘରେ ମରିବି। ମୁଁ ଏ ଧନ୍ଦା କରି ପାରିବି ନାହିଁ। ଚାକିରି କରିବି, ଗାଆଁରେ ଆଉ ଯିଏ କରୁଛନ୍ତି କରନ୍ତୁ, ମୋର ସେଥିକୁ ଆଗ୍ରହ ନାହିଁ। ଶେଷକୁ ଏ କଲେଜରେ ପିଅନ ହୋଇଛି। କଲେଜରେ ତ ଲେକ୍‌ଚରମାନଙ୍କୁ ଦରମା ମିଳୁନି, ଆଉ ଏ ପିଅନଙ୍କୁ କିଏ ପଚାରେ।

ଘର ତ ପୁଣି ଚଳିବ, ତେଣୁ କଲେଜ ସମୟରେ କଲେଜରେ ଓ କଲେଜ ଛୁଟି ହେଲେ ସେ କ୍ୟାବିନରେ ତା' ଦୋକାନରେ ବସେ। ନାଆଁକୁ ସିନା ପାନ ସିଗାରେଟ୍ ଦୋକାନ କରିଛି ମାତ୍ର ଅସଲ ବିକ୍ରି ତାର ବିଦେଶୀ ମଦ। ସଂଧ୍ୟା ବେଳକୁ ତା' ଦୋକାନରେ ଭିଡ ଜମେ ଓ ଢ଼େର ରାତି ଯାଏ ଲାଗେ ଭିଡ। ଦେଖୁନାହାନ୍ତି ବର୍ଷ ଦିଇଟା ପରେ ଏ ବର୍ଷ ଭାଟିଏ ଇଟା ପୋଡାଇଛି କୋଠା କରିବା ପାଇଁ। ବାପ ଭଳି ମନ୍ଦିର ପୂଜାରୀ ହୋଇ ସିଏ କ'ଣ କରିଥାଆନ୍ତା? ନିଜେ ତା ବେପାର କଲା ତା'ସାଙ୍ଗକୁ ସେ ପତି ପୁଅକୁ ବେପାର କାଇଦା ଶିଖାଇ ଗୋଟେ କୁକୁଡା ଫାର୍ମ କରିଦେଲା, 'ପତି ବ୍ରଏଲର ଫାର୍ମ', ତା'ର ବି ରାତିରେ ଧୂମ ବିକ୍ରି।

ଆପଣ ତ ଏବେ ଆସି ଗାଆଁରେ ରହିଲେଣି, ବଳେ କିଛିଦିନ ପରେ ଜାଣିଯିବେ ଗାଆଁର ହାଲଚାଲ। ସୁଦର୍ଶନ ବାବୁଙ୍କ ହାତକୁ ଚା' ଗ୍ଲାସଟି ବଢ଼ାଇ ଦେଉ ଦେଉ ନିତିଆ କହିଲା- ଏ ରାସ୍ତାଘାଟ, ଗାଡିମଟର, ଟିଭି, ଫ୍ରିଜ୍, କଲେଜ ଇତ୍ୟାଦିକୁ ଦେଖି ଆପଣ ଯଦି ଭାବୁଥିବେ ଗାଆଁର ଉନ୍ନତି ହୋଇଛି ବୋଲି, ତେବେ ତାହା ଠିକ୍। ଏବେ ସହର ଓ ଗାଆଁ ଭିତରେ ବ୍ୟବଧାନ କମି କମି ଯାଇଛି। ସହର ଓ ସହରୀ ସଭ୍ୟତା ପଶି ଆସିଲାରି ଗାଆଁ ଭିତରକୁ। ଏବେ କ'ଣ ଗାଆଁରେ କାହା ଘରକୁ କୁଣିଆ ମଇତ୍ର ଆସିଲେ କିଏ ଆଉ ଲେମ୍ବୁ କି ଦହି ସରବତ୍ ଦେଉଛନ୍ତି ନା ଚୁଡା ଘଷା, ନଡିଆ କୋରା, କ୍ଷୀର ଦେଇ ଜଳଖିଆ ଦେଉଛନ୍ତି। କୁଣିଆ ଆସିଲେ ସଙ୍ଗେ ସଙ୍ଗେ କିଣା ହୋଇ ଆସୁଛି କୋଲ୍‌ଡ୍ରିଙ୍କସ୍ ଓ ଜଳଖିଆ ଦୋକାନରୁ ଜଳଖିଆ ଓ ମିଠା।

ଗାଆଁର ଆର୍ଥିକ ପ୍ରଗତି ଢ଼େର ହୋଇଛି ତା' ହେଲେ?

ହଁ, ତାହାତ ହୋଇଛି, କେବେ ବୁଲିଗଲେଣି ଜେନା ସାହି ଆଡ଼େ।

ନା-

ଯାଆନ୍ତୁ ଦେଖିବେ, ସେଠି ଆଉ ଚାଳ ଘରଟିଏ କାହାର ନାହିଁ, ମହାବାତ୍ୟା ପରଠାରୁ ଚାଳଘର ଉଠିଯାଇଛି ଗାଆଁରୁ। ଏବେ ଇନ୍ଦିରା ଆବାସର କୋଠା ଚାରିଆଡେ। ସମସ୍ତଙ୍କ ଘର ଆଗରେ ଗୋଟିଏ ଗୋଟିଏ ଟ୍ରଲିକିମ୍ବା ରିକ୍ସା।

ଭଲ ହେଲା ସେମାନେ ସବୁଦିନ ଦରିଦ୍ର ଓ ଅବହେଳିତ ହୋଇ ରହିଥିଲେ, ଏବେ ଉପରକୁ ଉଠନ୍ତୁ।

ହଁ - ଉପରକୁ ତ ଉଠୁଛନ୍ତି ନିଶ୍ଚୟ, ହେଲେ ଯେଉଁମାନେ ଦିନେ ଗୁଣ୍ଡି ଚାରଣାର କିଣିବାକୁ ପଇସା ପାଉନଥିଲେ ଏବେ ସେମାନେ ରାତି ହେଲେ ମଦ ନିଶାରେ ଚୁର୍ ହେଉଛନ୍ତି। ଏଇଟା କ'ଣ ଉନ୍ନତି ନା ଗ୍ରପତି

ତମେ କ'ଣ ତାଙ୍କର ପ୍ରଗତିରେ ଈର୍ଷା କରୁଛ?


(କ୍ରମଶଃ)

---

# ନିଷ୍ଠୁର ପ୍ରେମିକା

**ସରୋଜ ଜେନା**





*(ପୂର୍ବପ୍ରକାଶ ଉତ୍ତାରୁ)*

ସେ ସେଦିନ ଶ୍ରଦ୍ଧାକୁ କାକୁତି ମିନତି ହୋଇ ଅଶ୍ରୁ ଭରା ଆଖିରେ ଶ୍ରଦ୍ଧାକୁ କହିଲା ମୁଁ ତୋତେ ବିବାହ କରିବି ତୋ ବିନା ମୁଁ କ୍ଷଣଟେ ବଞ୍ଚି ପାରିବିନି କାରଣ ତୁ ସେ ଦିନ ଯାହା ଚାହୁଁଥିଲୁ ମୁଁ ସେତେବେଳେ ଘରେ କହି ନଥିଲି। ତୋତେ ଭଲ ପାଉଛି ବୋଲି ଆଉ ବିବାହ କରିବି ବୋଲି। ଆଉ ମୋତେ ବିଶ୍ୱାସ କରେ ମୁଁ ବର୍ତ୍ତମାନ ଘରେ କହିବି ଆଉ ଘରେ ରାଜି କରାଇବି। କିନ୍ତୁ ପ୍ରିତମର କୌଣସି କଥାକୁ ଶୁଣିବାକୁ ନାରାଜ ଥିଲା ଶ୍ରଦ୍ଧା।

ଏମିତିରେ ପ୍ରିତମ ସବୁ କଥା ନିଜ ଘରେ ସମସ୍ତଙ୍କୁ କହିଦେଲା ମୁଁ ଶ୍ରଦ୍ଧା ବୋଲି ଗୋଟେ ଝିଅକୁ ଭଲ ପାଉଛି ତାକୁ ବିବାହ କରିବାକୁ ଚାହୁଁଚି। ଯେତେବେଳେ ପ୍ରିତମ ଘରେ ଏହି କଥା ଶୁଣିଲେ ପ୍ରଥମେ ରାଜି ହେଉନଥିଲେ କାରଣ ଶ୍ରଦ୍ଧା ଘର କଳହ ପ୍ରକୃତିର ଲୋକ ବୋଲି ତା ସହିତ ଧନୀ ଘର ବୋଲି କାଳେ ନ ମଙ୍ଗିବେ। କିନ୍ତୁ ପ୍ରିତମ କହୁଥିଲା ଯଦିଓ ସେ ଝିଅକୁ ମୁଁ ବିବାହ ନ କରିବି ମୁଁ ମୋ ଜୀବନ ହାରିଦେବି ଏମିତି ପୁଅ କଥା ଶୁଣି ପ୍ରିତମ ଘରେ ପୁଅର ସୁଖ ପାଇଁ ସବୁ ରାଜି ହୋଇଥିଲେ। ଆଉ ପ୍ରିତମ କହିଥିଲା ମୁଁ ସେ ଝିଅକୁ ଉଠାଇ ଆଣିବି। ତାଙ୍କର ଆମ ପରିବାର ସହିତ ବିବାହ କରିବେନି। କିନ୍ତୁ ପ୍ରିତମର (ମାଆ।) କହିଥିଲେ ପ୍ରିତମକୁ ଆରେ ପ୍ରଥମେ ତୁ ସେ ଝିଅକୁ ପଚାରେ ସେ ରାଜି ହେବତ?

ଏହି କଥା ଶୁଣି ପ୍ରିତମ ପୁଣି ଚେଷ୍ଟା କଲା ଶ୍ରଦ୍ଧାକୁ ବୁଝାଇବା ପାଇଁ ଏମିତିରେ ଶ୍ରଦ୍ଧାର ଗୋଡ଼ ହାତ ଧରିଲା ପ୍ରିତମ ବଡ଼ ହୋଇ ମଧ୍ୟ ଶ୍ରଦ୍ଧାର ଗୋଡ଼ ଧରିଥିଲା। କିନ୍ତୁ ପୂର୍ବ ଭଳି ଶ୍ରଦ୍ଧା ଆଉ ଶ୍ରଦ୍ଧା ହୋଇ ନଥିଲା। ସେ ନିଜସ୍ୱ ବଦଳି ଯାଇଥିଲା କି ତନ୍ତ୍ର ପ୍ରୟୋଗ ମାଧ୍ୟମରେ ବଦଳି ଯାଇଥିଲା ସେ କଥା ଈଶ୍ୱର ଜାଣିଥିବେ। କିନ୍ତୁ ପ୍ରିତମ ଜାଣିବାକୁ ପାଇଥିଲା ପ୍ରିତମ ଘର ଗରିବ ଘର ବୋଲି ଶ୍ରଦ୍ଧାକୁ ପ୍ରିତମ ସହିତ କିପରି ଶ୍ରଦ୍ଧାକୁ ଦୂରେଇ ଦେବେ ବୋଲି ଶ୍ରଦ୍ଧାକୁ ଇଆଡୁ ସିଆଡୁ କହିଥିଲେ ତୁ ସେଠିକି ଗଲେ ସୁଖରେ ରହିପାରିବୁନୁ କି ଭଲରେ ଖଣ୍ଡେ ପିନ୍ଧି ପାରିବୁନି କି କିଭଳି ସେଠାରେ ଯାଇ ଚଳିବୁ। ଯିଏ ଆଜି ବି ଝୁମ୍ପୁଡ଼ି ଚାଳ ଘରେ ରହୁଛନ୍ତି ତୁ ସେଠିକି ଯାଇ ରହିପରିବୁତ। ଏହି ଭଳି କୁହାଇ ଶ୍ରଦ୍ଧାକୁ ପରିବର୍ତ୍ତନ କରାଇ ଦେଇଥିଲେ।

ପ୍ରିତମ ଯେତେ ଚେଷ୍ଟାକରି କହିଲେ ବି ପ୍ରିତମ ପାଖକୁ ପୂର୍ବ ଭଳି ଶ୍ରଦ୍ଧା ପ୍ରିତମ ପାଖକୁ ଫୋନ କରୁ ନଥାଏ। ପ୍ରିତମ ଯଦିଓ ଫୋନ୍ କରୁଥାଏ ତାହାର ଫୋନ୍ କଲକୁ କଟିଦେଉଥାଏ। ଆଉ ଯେତେବେଳେ କୋଟିତ୍ ଫୋନ୍ ଉଠାଏ ଏବଂ ମିଛ ବାହାନା କରି କିଛି ଇଆଡୁ ସିଆଡୁ କହି କାଟିଦିଏ। ହଠାତ୍ ଶ୍ରଦ୍ଧା କହିଲା ମୁଁ ଯେଉଁ ସମୟରେ କହିଥିଲି ମୋତେ ନେଇ ଯାଅ ତୁମେ ଶୁଣି ନଥିଲ ଏବେ ମୁଁ ତୁମ କଥା ରଖିବି ନାହିଁ। ପ୍ରିତମ ସେହି ସମୟରେ କହିଲା ସେତେବେଳେ ପରିସ୍ଥିତି ଭଲ ନଥିଲା ମୁଁ ଘରେ କହିନଥିଲି ଏବେ କହିଛି ଘରେ ସମସ୍ତେ ରାଜି ଆସ ପଳାଇବା ସାଥି ହୋଇ। ଅତି ବାଧ୍ୟ କରିବାରୁ ଶ୍ରଦ୍ଧା ରାଗି ବିଭିନ୍ନ ଗାଳି ଗୁଲଜ ଦେଲା। ଆଉ ପ୍ରିତମକୁ କହିଥିଲା ତୋର ଔକାତ ନାହିଁ ମୋତେ ବାହା ହେବା ପାଇଁ। ଆମ ସମ୍ପତି ସହିତ ତୁଳନାରେ ତୁମର କିଛି ନାହିଁ। ତୁମର ଆମ ପରିବାର ସହିତ ସମ୍ବନ୍ଧ ନୁହଁ। ମୋ ଭାବି ପତି ଦରମା ପାଉଛନ୍ତି ୨୨୦୦୦। ତୁମର ଆମର କୌଣସି ଥିରେ ସରି ନୁହଁ। ତେଣୁ ଆଜିଠୁ କହୁଛି ମୋତେ ଭୁଲି ଯାଅ। କିନ୍ତୁ ସେଦିନ ପ୍ରିତମ କହିଥିଲା ଆରେ ଯଦିଓ ମୋତେ ତୁମେ ଏମିତି ଅଧା ବାଟରେ ଠକି ଚାଲିଯିବାର ଥିଲା କାହିଁକି ମୋତେ ଭଲପାଇଲ। ତୁମେ ପରା ଦିନେ କହିଥିଲ ମୋର କିଛି ଦରକାର ନାହିଁ ଆଜି ସେହି ଝିଅ ତୁମେ ହୋଇ ଧନ ଖୋଜିଲ ବା ବା ରେ ନାରୀ। ଏମିତି ଶ୍ରଦ୍ଧାର ବିବାଘର ହେବାକୁ ଆଉ ୧୫ ଦିନ ଥାଏ। ଆଗ ଭଳି ଶ୍ରଦ୍ଧାର ଫୋନ୍ କଲ୍ ନ ଆସୁଥିବାରୁ ପ୍ରିତମ ବାୟା ଭଳି ହୋଇ ଯାଉଥାଏ। ନିଜର ପ୍ରେମିକାଟା ଏତେ ଜଲଦି ବଦଳି ଯିବ ସେ କେବେବି କଳ୍ପନା କରି ପାରୁନଥିଲା। ଯେଉଁ ପ୍ରିତମ ନିଶା ଦ୍ରବ୍ୟ କଣ ଜାଣି ନଥିଲା କିନ୍ତୁ ଏହି ଘଟଣା ପରେ ତାର ମାନସିକ ଭାରାକ୍ରାନ୍ତ ହୋଇ ପଡ଼ିଲା ଆଉ ନିଶା ଦ୍ରବ୍ୟକୁ ଆପଣେଇ ନେଲା। ଆଉ ପ୍ରବଳ ସିଗାରେଟ୍ ସହିତ ମଦ ବି ପିଇବାକୁ ଲାଗିଲା ଆଉ ସେପଟେ କଟା ଘାଆରେ ଚୂନ ବୋଳିଲା ଭଳି ମଝିରେ ମଝିରେ ଶ୍ରଦ୍ଧା ଫୋନ୍ କରି ବିବାହର ପ୍ରସ୍ତୁତି କଥା କହୁଥାଏ। ଏହି କଥା ଶୁଣି ପ୍ରିତମ ଆହୁରି ଭାଙ୍ଗି ପଡୁଥାଏ। ଏବଂ ପ୍ରିତମର ନିଶା ଖସିଯାଉଥାଏ। ଏମିତି ଶ୍ରଦ୍ଧାର ବିବାହ ପାଖେଇ ଆସିଲା କେତେ କଥା ପ୍ରିତମ କହିଲା ବୁଝାଇବା ପାଇଁ କାଳେ ଶ୍ରଦ୍ଧା ରାଜି ହୋଇଯିବ। କିନ୍ତୁ ଶ୍ରଦ୍ଧା ରାଜି ହେବାକୁ ନାରାଜ। ଏମିତିରେ ଶ୍ରଦ୍ଧାର ମଙ୍ଗନ ପୂର୍ବ ଦିନ ପ୍ରିତମ ଭାବୁଥିଲା ଗାଁ ଛାଡି କିଛି ଦିନ ପାଇଁ କୁଆଡେ ପଳେଇବ ବୋଲି। କିନ୍ତୁ ତଥାପି ପ୍ରିତମ ମନରେ ଥିଲା କାଳେ ଶ୍ରଦ୍ଧା ରାଜି ହୋଇ ପଳେଇ ଆସିବ। ସେଥିପାଇଁ ପ୍ରିତମ ଆ।ଉ ଗାଁ ଛାଡି ଗଲା ନାହିଁ। କିନ୍ତୁ ଯେଉଁ ଝିଅର ମନ ବୋଲି ଗୋଟେ କିଛି ନଥିଲା ସେ ପ୍ରେମର ମାନେ କୁଆଡୁ ଜାଣିବ। ତାର ତ ଧନ ଦରକାର। ଏମିତି ହଠାତ୍ ମଙ୍ଗନ ଦିନ ଶ୍ରଦ୍ଧା ଫୋନ୍ କରି ପ୍ରିତମକୁ କହିଲା ମୋ ବିବାହ ଦିନ ଆସିବ। ପ୍ରିତମ କହିଲା ମୁଁ ଯିବିନି। କିନ୍ତୁ ତୋ ପାଇଁ ଉପହାର ପଠାଇ ଦେବି। ଶ୍ରଦ୍ଧା କହିଲା ଯଦି ନ ଆସିବ ମୁଁ ତୁମର ଉପହାର ରଖିବି ନାହିଁ ଏତିକି କହି ଫୋନ୍ କାଟିଦେଲା। ପ୍ରିତମ ଭାବିଲା ଦିନ ଥିଲା ଯେଉଁ ଝିଅ ମୋ ସାଥିରେ କଥା ନହେଲେ ରହି ପାରେନି ସେହି ଝିଅ ଆଜି ମୋତେ ଘୃଣା କରୁଛି।

(କ୍ରମଶଃ)


---

# କବିତାର କଥା

(ଭାଗ-୧୫)



**ଉମାକାନ୍ତ ରାଉତ**



# ନିଜେ ହିଁ ନିଜର ଦର୍ଶନ

ସାରାକାଳ କୁକୁରଟିଏ ହୋଇ ପଛରେ ଧାଇଁବାର ବିକଳ ବାସନା ନୁହେଁ, ହେଉପଛେ ମୁହୂର୍ତ୍ତଟିଏର ଭଗ୍ନାଂଶ ସମୟ, ସେଇତକ କାଳ ଶିରୋନ୍ନତ ସରଳ ମଣିଷଟିଏର ଗାରିମାରେ ବଞ୍ଚିବାର ପ୍ରବଳ ଅଭୀପ୍ସା ଜଣେ ସତ୍ କବିର ଧ୍ୟେୟ ହେବା ବାଞ୍ଛନୀୟ। ଆଦୌ ଗଣ୍ଡକୁହୁକରେ ନ ଭ୍ରମି, ଚିରକାଳ ଶବ୍ଦଙ୍କ ସହ ପୁଣି ଶବ୍ଦଙ୍କ ପାଇଁ ଜୀବନର ଅର୍ଥ ଲୋଡିବାପଣ ହିଁ କବିତାର ଅନ୍ତଃସ୍ୱର ହେବା ଉଚିତ୍।

ଅନନ୍ତ କୋଟି ବ୍ରହ୍ମାଣ୍ଡର ଅନନ୍ତ କୋଟି ଜୀବମାନଙ୍କ ମଧ୍ୟରୁ କାହାକୁ ନା କାହାକୁ ବି ଯଦି ସେ ଉଚ୍ଛ୍ୱାସ ଛୁଇଁ ପାରିଲା, ଆନ୍ଦୋଳିତ କଲା, ହୃଦୟକୁ ବିଗଳିତ କଲା; ତେବେ ତାହା ହିଁ ହେବ ସାର୍ଥକ କବିତାର ସ୍ୱର। ଆଦିକବି ସାରଳାଙ୍କଠାରୁ ଆରମ୍ଭ କରି ଅତିବଡ଼ି ଜଗନ୍ନାଥ, ବଳରାମ, ଯଶୋବନ୍ତ, ଅନନ୍ତ, ଭୀମଭୋଇ, ଗୋପବନ୍ଧୁ ଆଦିଙ୍କ ଯାଏଁ ସେ ସ୍ୱର ଅନୁରଣିତ ହୋଇ ଉଠିଥିଲା ସେମାନଙ୍କ ହୃଦଗହ୍ୱରରେ। ସେଥିପାଇଁ ସେସବୁ ସୃଷ୍ଟି ବହନ କରିପାରିଛି କାଳଜୟୀ ସର୍ଜନା ସ୍ୱାକ୍ଷର।

ମାର୍କସ୍‌ଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ସ୍ରଷ୍ଟାମାନେ ଶ୍ରେଣୀମୁକ୍ତ ସମାଜ ବ୍ୟବସ୍ଥା ସପକ୍ଷରେ ଲେଖୁଥିବା କାବ୍ୟ କବିତାକୁ ପ୍ରଗତିଶୀଳ କବିତା କୁହାଗଲା। ମୋ ବିଚାରରେ କବିତାକୁ ଏକ ନିର୍ଦ୍ଦିଷ୍ଟ ମତ, ଧାରା, ବାଦ, ଇଜିମ୍ ବା ଦର୍ଶନ ମଧ୍ୟରେ ଆବଦ୍ଧ କରିରଖିବା ଉଚିତ୍ ନୁହେଁ। କବିତାକୁ କୌଣସି ଏକ ନିର୍ଦ୍ଦିଷ୍ଟ ଅଳିନ୍ଦ ବା ନିଳୟ ମଧ୍ୟରେ ବନ୍ଦୀ କରି ରଖାଯିବା ଉଚ୍ଚି ନୁହେଁ ଯକବିତା ତ ସ୍ୱୟଂ ଏକ ଦର୍ଶନ।

କବିତା ମାଟିର କଥା, ମାଟିର ମଣିଷର କଥା, ପୃଥିବୀ-ଆକାଶର କଥା ନକହି ଆଉ କି କଥା ବା କହିବ? ଜନ୍ ଜୀବନ, ମିଳନ ବିରହ, ପ୍ରେମ ସ୍ଫୁରଣର କଥା ନ କହି ଆଉ କି କଥା ବା କହିବ? ବିପ୍ଳବ ଓ ବିବର୍ତ୍ତନର କଥା ନ ଶୁଣାଇ ଆଉ କ'ଣ ଶୁଣାଇବ? କବିତା ତ ମାଟି ମଣିଷର ମୁକ୍ତିପ୍ରୟାସୀ ମାନବିକତାର ସର୍ବମୟ ହର୍ତ୍ତାକର୍ତ୍ତା। କବିତା ତ ମାନବବାଦର ମହାଚେତନାରେ ଅଭିମନ୍ତ୍ରିତ ଅନନ୍ତକାଳଯାଏ ଚାଲିଥିବା ପ୍ରେମର ପୀୟୁଷ .....ଶବ୍ଦର ମହାଖେଳ। କବିତା ତ ବିବର୍ତ୍ତନର ଧାରାରେ ଶାନ୍ତି ଓ ଶକ୍ତିର ବାର୍ତ୍ତା......ମାଟି ଓ ଆକାଶର ମୁକ୍ତିଗାଥା!

ଆପଣାର ଅହଂ, ବ୍ୟକ୍ତିଗତ ପରାକାଷ୍ଠା, ପାଣ୍ଡିତ୍ୟର ପ୍ରଦର୍ଶନ ପାଇଁ କବିତାକୁ କୌଣସି ନିର୍ଦ୍ଦିଷ୍ଟ ବାଦ, ଦର୍ଶନ, ଇଜିମ୍, ବିମ୍ବାଦିରେ ବାନ୍ଧିଦେବାକୁ ମୁଁ କେବଳ କବିତାର ଗାରିମାକ୍ଷୁର୍ଣ୍ଣ ବୋଲି ଭାବେ ନାହିଁ; ବରଂ କବିତାର ଶ୍ରେଷ୍ଠତ୍ୱକୁ ହେୟ କରି ଆପଣାର ପତିଆରା ଜାହିର କରିବାର ସାରସ୍ୱତ ବଦମାସି ବୋଲି କହିବାକୁ ଆଦୌ ସଂକୋଚ ବୋଧ କରେନାହିଁ। କବିତା ହିଁ କବିତା, ବାସ୍ ସେତିକି ଯଥେଷ୍ଟ।

ତମର ସୁବିଧା ଅନୁସାରେ ମହାସାଗରରେ ଏକ କାଳ୍ପନିକ ସୀମାରେଖା ଟାଣି ତାକୁ ନିଜ ନିଜ ନାମରେ କରି ଆତ୍ମସନ୍ତୋଷ ସହ ଆତ୍ମବଡିମା କରିପାର। ତାକୁ ଅକ୍ତିଆର କରିବାର ଧୃଷ୍ଟତା କରିପାର। ହେଲେ ଅଖଣ୍ଡ ଜଳରାଶି ଓ ଅନନ୍ତ ମହାସାଗରକୁ ଭାଗ କରିବାର ଆସ୍ପର୍ଦ୍ଧା କାହାର?

କବିତା। କବିତା ତ ମହାସାଗର ନୁହେଁ, ତା'ଠୁ ବଳି କାହିଁ କେତେ ଗୁଣ ବିରାଟ! ତାକୁ ଭାଗ କରିବ କିଏ?

ତାକୁ ନିର୍ଦ୍ଦିଷ୍ଟ ସଂଜ୍ଞା, ଭାଗ, ବାଦ, ଦର୍ଶନ କି ଡାଞ୍ଚା ଭିତରେ ବାନ୍ଧିରଖି ତା'ର ଶ୍ରେଷ୍ଠତ୍ୱକୁ ନ୍ୟୁନ କରିପାରିବ କିଏ? ସେସବୁ ସାରସ୍ୱତ ଦାଦାଗିରି/ ବଦମାସି/ଦଲାଲ୍ ଗିରିକୁ ମହାକାଳ ମହାସାଗରର ଅତଳ ଗର୍ଭକୁ ଫିଙ୍ଗି ଦବ ହିଁ ଦବ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*


---

ନିର୍ବାଚିତ କବିତା

# ରାସ୍ତାରେ କର୍ଫ୍ୟୁ

**ଡ. ରଜନୀ ରଞ୍ଜନ ଦାଶ**






**ରାସ୍ତାରେ** କର୍ଫ୍ୟୁ
ସବୁ ବନ୍ଦ
ପକ୍ଷୀ ମାନଙ୍କର ବୃନ୍ଦଗାନ,
ପଡୋଶୀ ଝିଅର ତାନପୁରା
ଅଥଚ
ତମେ ଶୋଇଯାଇଛ ନିଶ୍ଚିନ୍ତରେ;
କେବେ ବି ଦେଖିବାକୁ ଚେଷ୍ଟା କରୁନ
କାଚ ଝରକା ସେପାଖେ
ଘରଚଟିଆଟି କେମିତି
ମୃତ୍ୟୁର ଆଶଙ୍କାରେ ଛଟପଟ!

ଏ ମୁହୂର୍ତ୍ତରେ କ'ଣ କରାଯାଇପାରେ?
କାହା ଫୋନକଲକୁ ଅପେକ୍ଷା କରିବାର
ମାନେ କିଛିନାହିଁ!

କିଛି କହିବକି?
ମୁଁ ଜାଣେ
ସାଲାଇନ୍‌ର ଡ୍ରପିଙ୍ଗସାଉଣ୍ଡ ଠାରୁ ବି
ବେଶ ଭୟଙ୍କର
ତମ ଛାତିର ଦୁକୁଦୁକି!

*ବାଳକାଟି, ଖୋର୍ଦ୍ଧା*

---



# ଅନୁଚିନ୍ତା

**ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ**



**ଆ**ତତାୟୀ ଅତୀତର ବୋମା ବିସ୍ଫୋରଣ
ଅନାଗତ ଭବିତବ୍ୟର ପ୍ରବଞ୍ଚକତା
ବର୍ତ୍ତମାନର ଅଯୋଗ୍ୟତା ଛଡା
ତୁ ଆଉ ପାଇଛୁ କ'ଣ ଯେ?

ଅଲକ୍ଷ୍ୟରେ ହେଉ କି ଲକ୍ଷ୍ୟରେ
ତୋତେ ଇ ପରିକ୍ରମି ଯାଏ ସେ ବିନ୍ଦୁ
ଗୋଟାପଣେ ଗିଳି ପକେଇବାର ତାର ସାମର୍ଥ୍ୟ ର
ଦୈର୍ଘ୍ୟ, ପ୍ରସ୍ଥକୁ ତୁ କ'ଣ ମାପି ପାରିଛୁ କେବେ?

ସତ ଆଉ ଅନୁଭବ ଭିତରସ୍ଥ
ପାର୍ଥକ୍ୟକୁ ବୁଝି ବି ତୁ ଅବୁଝା।

କେବଳ ଏତିକି ମନେ ରଖିଥା
ପଣତରେ ଗଣ୍ଠି ଦେଇଦେ-----
କିଛି ଶବ୍ଦ ଆଉ ମୁହୂର୍ତ୍ତ ବଞ୍ଚିଥାନ୍ତି
ଚିହ୍ନା କାନ୍ଥ, ଗୋଲାପ ଫୁଲର ବଗିଚା
ଆଉ ପ୍ରତିଦିନର ସାଥୀ ତକିଆ ଭିତରେ।
ଭ୍ୟାନିଟିର ଚେନ୍ କଭର ତଳେ ଲୁଚିଥାନ୍ତି
କାହା ହାତ ତିଆରି ବୋମା ଭଳି
ବଦଳିଦେବାକୁ ସମୟର
ଅବୟବ।

*ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍,*
*ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,*
*ବାଲିଶଙ୍କରା, ସୁନ୍ଦରଗଡ*

---

# ବିସର୍ଜନ

**ଡଃ. କିଶୋର ମହାନ୍ତି**





**ମୁ**ଠାଏ ଶୂନ୍ୟତାରେ କଟେ ଅବଶିଷ୍ଟ ଜୀବନ
ସାଇତା ଥିବା ଦୁଃଖ ଓ କିଛି ସୁଖକୁ ଗଣ୍ଠିଲିରେ ବାନ୍ଧି
ଯାଯାବର ଖୋଜୁଥାଏ ବାଟ,
ଇଚ୍ଛା, କାମନା ମାନେ ବିଚଳିତ / ଅସ୍ଥିର
ଦୁଃଖଭିତରେ ଭିତରେ ଜଳଉଥାଏ ବାର ବାର
ଆସ୍ତେ ଆସ୍ତେ ଅମାବାସ୍ୟା ହେଇଯିବ ବୋଧେ,
ଆଗରେ ଥୁଣ୍ଟା ବୁଢ଼ା ବରଗଛ
ଡହ ଡହ ଖରା ଝାସେ
ସିଝୁଥାଏ ଗୋଟାପଣ
ସମୟର ଅଟ୍ଟହାସ୍ୟ ପୁଣି ଏତେଣ ନୀରବତା
ହତବାକ କାକୁସ୍ଥ ଜୀବନ,
ମୁହୂର୍ତ୍ତର ପ୍ରଲମ୍ବିତ ନାଦ
ଚଉକା ଛକା ମାରିବାର ନିଶା ଉତୁରୁ ଥାଏ,
ବାକି ଜୀବନ ଥାଏ, କାଳର କଟାକ୍ଷ
ଅପେକ୍ଷା ମାତ୍ର ଶେଷ ଘଣ୍ଟି ବାଜିବା ଯାଏ।

*ଦୂରଭାଷ : ୯୪୩୭୭୨୮୪୭୫*

---



# ପ୍ରେମଏକ ...

**ମିନାକ୍ଷୀ ଦ୍ୱିବେଦୀ**



**ଜୀ**ବନ ନଈର
ସାୟାହ୍ନରେ
ଉଆଁସି ଜହ୍ନ
ତାର ଅବାଞ୍ଛିତ ପ୍ରଶ୍ନ!
ପ୍ରେମ ତ ଥିଲା ତା ଶାଶ୍ୱତ ଆତ୍ମାର...
ତାର ପବିତ୍ର ଭାବନାର...
ତା'ର ଅସଂଖ୍ୟ ଫୁଲ ଫୁଟା ହସର....
ଆଜି ସେ ପ୍ରେମ ର ନିରୀହ ଦୀର୍ଘଶ୍ୱାସରୁ
ପବନ ଚାଲିଯାଏ...
ଜ୍ୟୋସ୍ନାର ବାୟୁକୋଷକୁ।
ଆଉ ବର୍ଷ ବର୍ଷ ଧରି ଶିଖିଥିବା ବିସ୍ତୃତ ଜ୍ଞାନରୁ
ପ୍ରେମ ଜ୍ଞାନର ସଂଜ୍ଞା
ଖରା ବର୍ଷାରେ....
ସତ୍ୟ ଅସତ୍ୟରେ....
ପାପ ପୂଣ୍ୟରେ.....
ହରାଇ ଦିଏ ଭାରସାମ୍ୟ।
ହେଉ ପଛେ ପ୍ରେମ
ଭକ୍ତ---ଭଗବାନର....
ସ୍ୱାମୀ --- ସ୍ତ୍ରୀର....
ଭାଇ--- ଭଉଣୀର....
ଫୁଲ----ପ୍ରଜାପତିର.....
ଜହ୍ନ-----କଇଁର.....
ପ୍ରେମ ସଂପର୍କର ଡୋର।
କିଛି ଚାହେଁ ନାହିଁ....
ପ୍ରଶ୍ନ କରେ ନାହିଁ।



ମୋର -- ମୋର ହଉଥାଏ
ସାଙ୍ଗରେ ଥାଏ ଦିନ ରାତି
କଥା ନ କହି।
ଆଜିର ପ୍ରେମ ମାପକାଠିରେ
ତୋଳା ହଉଛି.....
ଦିଆ ନିଆରେ.....
ଛନ୍ଦ କପଟରେ......
ଈର୍ଷା ହିଂସାରେ.....
ପ୍ରେମର ଫମ୍ପା ଆବାଜ ବଢ଼ି ଯାଇଛି....
ଅବୁଝା କୁହୁଡ଼ି ପରି
ଅଣ ନିଃଶ୍ୱାସି ହୋଇ
ପଳାତକ ସାଜିଛି
ଫୁଲ ଫୁଟା ବେଳରେ
କଳି ହୋଇ ଝରି ପଡୁଛି
ପ୍ରେମ ଏବେ ସତେ ଏକ ଅବୁଝା ଗଣିତ ପାଲଟି ଯାଇଛି।

*ନିଘୁ ଦିଲ୍ଲୀ*

*ଦୂରଭାଷ :୭୯୭୮୦୮୨୮୩୪*

# 'ଆଧୁନିକ ଭାରତ ଗଠନରେ ବାବା ସାହେବଙ୍କ ଅବଦାନ ଅତୁଳନୀୟ'



**ଭୁବନେଶ୍ୱର :** ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ୧୩୦ତମ ଜନ୍ମ ଜୟନ୍ତୀ ରାଜ୍ୟବ୍ୟାପୀ ପାଳନ କରାଯାଇଛି । ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଏଜି ଛକରେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ରାଜ୍ୟ ପଦାଧିକାରୀମାନେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଂଜଳୀ ଅର୍ପଣ କରିଛନ୍ତି । ପରେ ରାଜ୍ୟକାର୍ଯ୍ୟାଳୟରେ ରାଜ୍ୟ ପଦାଧିକାରୀମାନେ ବାବାସାହେବଙ୍କ ଫଟୋରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଂଜଳୀ ଦେଇଥିଲେ । ବାବା ସାହେବ ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ଆଧୁନିକ ଭାରତ ଗଠନରେ ତାଙ୍କ ଅବଦାନ ଏବଂ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା । ବାବାସାହେବ କେବଳ ସମାଜର ଅନ୍ତିମ ଧାଡିରେ ଥିବା ଲୋକଙ୍କ କଲ୍ୟାଣ ପାଇଁ ଯେ ଚିନ୍ତାକରୁଥିଲେ ତା'ନୁହେଁ ସମାଜରେ ସମାନତା, ସାର୍ବଭୌମତ୍ୱ, ଓ ମହିଳା ସଶକ୍ତିକରଣ ଭଳି ବହୁବିଧ ଓ ବହୁ ଆୟାମୀ ଜନକଲ୍ୟାଣକାରୀ ବ୍ୟବସ୍ଥା ସମ୍ବିଧାନରେ ଯୋଡି ଭାରତୀୟ ଗଣତନ୍ତ୍ରକୁ ସଶକ୍ତ ତଥା ବଳିଷ୍ଠ କରିଥିଲେ । ସେଥିମଧ୍ୟରୁ ସମସ୍ତଙ୍କ ପାଇଁ ଶିକ୍ଷା, ମହିଳାମାନଙ୍କ ମାତୃତ୍ୱ କାଳିନ ସବେତନିକ ଛୁଟି ବ୍ୟବସ୍ଥା, ଶ୍ରମିକ ମାନଙ୍କ ପାଇଁ ଗୋଟିଏ ଦିନ ଅର୍ଥାତ ୮ ଘଂଟା ସମୟକୁ ହିଁ ଦିନକର ମଜୁରୀ ବ୍ୟବସ୍ଥା ଆଦି ସେ କରିଥିଲେ । ସେ ଏକାଧାରରେ 'ଶିକ୍ଷା ସଂଘର୍ଷ ତଥା ସଂଗଠନ' ଭଳି ସ୍ଲୋଗାନ ପ୍ରବର୍ତ୍ତନ କରି ସମାଜକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ଆମ୍ବେଦକରଙ୍କ ପାଇଁ ଦେଶର ଶୋଷିତ, ଦଳିତ, ଆଦିବାସୀ ମହିଳା, ଦରିଦ୍ର ସମସ୍ତେ ନ୍ୟାୟ ପାଇବାକୁ ସମର୍ଥ ହୋଇଛନ୍ତି ବୋଲି ବିଜେପ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ବାବାସାହେବ ଆମ୍ବେଦକର ଭାରତବର୍ଷର ଅମୂଲ୍ୟ ରତ୍ନ ଥିଲେ। ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସମ୍ବିଧାନର ଅନେକ ଗୁଡ଼ିଏ ଦିଗ ରହିଛି । ତାଙ୍କର ବିଭିନ୍ନ ସାମାଜିକ ଓ ରାଜନୈତିକ ଦିଗ ଉପରେ ଦୃଷ୍ଟିକୋଣ ଆଜି ବି ଉପଯୋଗୀ। ଭାରତରତ୍ନ ବାବାସାହେବଙ୍କ ଜୀବନ ଗରିବ, ବଂଚିତ, ନିଷ୍ପେସିତ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ଉତଥାନ ଏବଂ ସଶକ୍ତିକରଣ କରିବାରେ ସମର୍ପିତ ରହିଥିଲା। ଆମେ ସମସ୍ତେ ବାବାସାହେବଙ୍କ ସାମାଜିକ ସମରସତାରେ ପ୍ରେରିତ ଏବଂ ତାଙ୍କ ସ୍ୱପ୍ନର ଭାରତ ନିର୍ମାଣ ପାଇଁ କଟିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ମଙ୍ଗଳବାର ସଂଧ୍ୟାରେ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ୧୩୦ଟି ଦୀପ ଲଗାଇ ୧୩୦ତମ ଜୟନ୍ତୀ ରେ ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ବିଧାୟକ ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ପ୍ରସାଦ ତରାଇ, ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜନ୍ମତିଥିରେ ପଦାରେ ପଡିଲା ବିଜେଡିର କନ୍ଦଳ

**ଜଗତ୍‌ସିଂହପୁର :** ପ୍ରବାଦପୁରୁଷ ବିଜୁବାବୁଙ୍କ ଜନ୍ମଜୟନ୍ତିକୁ ବିଜେଡି ସରକାର ପଞ୍ଚାୟତରାଜ ଦିବସଭାବେ ପାଳନ କରି ସରକାରୀ ଛୁଟି ଘୋଷଣା କରୁଥିବାବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ବିଜେଡିର ଗୋଷ୍ଠୀକନ୍ଦଳ ପଦାରେ ପଡିଥିଲା। ଏପରିକି ଜିଲ୍ଲାର ମନ୍ତ୍ରୀ, ସାଂସଦ ଓ ବିଧାୟକମାନଙ୍କୁ ଦେଖିବାକୁ ମିଳିନଥିବାବେଳେ ପ୍ରବାଦ ପୁରୁଷଙ୍କ ଜନ୍ମଜୟନ୍ତୀକୁ ନିରାଡମ୍ବର ଭାବେ ପାଳନ କରି କିଛି ନେତା ଓ କର୍ମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ୨୧ବର୍ଷ ଧରି ଶାସନଗାଦିରେ ବିଜେଡି ସରକାରଙ୍କ ବାହୁବଳି ନେତାମାନେ ଜିଲ୍ଲାରେ ନିଜନିଜର କାୟା ବିସ୍ତାର କରିଚାଲିଥିବାବେଳେ ସେମାନଙ୍କ ଅନୁପସ୍ଥିତକୁ ନେଇ ଜିଲ୍ଲାର ବୃଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଇଛି। ଜିଲ୍ଲାର ୮ଗୋଟି ବ୍ଲକ୍ ମଧ୍ୟରୁ କେବଳ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ କରିଦେଇଥିବାବେଳେ ବିଜୁବାବୁଙ୍କ ଜୀବନାଦର୍ଶ ଉପରେ କିଞ୍ଚିତ ଆଲୋଚନା ମଧ୍ୟ କରିନଥିଲେ। ବିଜୁବାବୁଙ୍କ ଜନ୍ମଜୟନ୍ତୀରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳ ସେମାନଙ୍କ ଶ୍ରଦ୍ଧାଞ୍ଜଳୀ ଜଣାଇଥିବାବେଳେ ଜିଲ୍ଲାର ଦଳୀୟ ନେତା ଓ କର୍ମୀମାନଙ୍କ ଅବହେଳାକୁ ନେଇ ଘୋର ଅସନ୍ତୋଷ ପ୍ରକାଶପାଇଥିଲା। ସବୁଠାରୁ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଥିଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ରଘୁନାଥପୁର ବ୍ଲକ୍‌ରେ ବିଧାନସଭାଠାରୁ ଆରମ୍ଭ କରି ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ଗୋଷ୍ଠି କନ୍ଦଳ ଲାଗିରହିଥିବାର ଦେଖିବାକୁ ମିଳିଥିବାବେଳେ ଉପନିର୍ବାଚନ ସମୟରେ ଏହାର ଅନ୍ତଘଟିଲା ବୋଲି ଦଳୀୟ ନେତୃବୃନ୍ଦ ଭୋଟର ମାନଙ୍କୁ କହୁଥିଲାବେଳେ ବିଜୁବାବୁଙ୍କ ଜନ୍ମ ତିଥିରେ ଏହାର ଓଲଟା ଝଲକ ଦେଖିବାକୁ ମିଳିଛି। ରଘୁନାଥପୁର ବ୍ଲକ୍‌ର ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ବ୍ଲକ୍ ଉପାଧ୍ୟକ୍ଷ ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ତାଙ୍କ ସହିତ ସାଂସଦ ପ୍ରତିନିଧି ଓ କର୍ମୀମାନଙ୍କୁ ଦେଖିବାକୁ ମିଳୁଥିବାବେଳେ ରେଢୁଆ ହାଟ ବଜାରରେ ବ୍ଲକ୍ ଅଧକ୍ଷା ଓ ତାଙ୍କର କିଛି ସମର୍ଥକମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜେଡି କର୍ମୀମାନଙ୍କ ମନୋମାଳିନ୍ୟ ଯୋଗୁ ତିର୍ତ୍ତୋଲ ବିଧାୟକ କୌଣସି ସ୍ଥାନକୁ ଗ୍ରସ୍ତ କରିନଥିଲେ। ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ସମ୍ମୁଖୀନ ହେବାକୁ ବିଜେଡି ସୁପ୍ରିମୋ ଦଳର ଭାବମୂର୍ତ୍ତୀ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଯୋଜନା ପ୍ରସ୍ତୁତ କରୁଥିବାବେଳେ ବିଜୁବାବୁଙ୍କ ଜନ୍ମତିଥିରେ ଗୋଟିଏ ବ୍ଲକ୍‌ର ଉଭୟସ୍ଥାନରେ ପୁଷ୍ପମାଲ୍ୟ ଅର୍ପଣ ଘଟଣା ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରେଡ୍ ଜୋନରେ ...

ଶନିବାର ଓ ରବିବାର ସପ୍ତାହନ୍ତ ସଟ୍‌ଡାଉନ୍ ଲାଗୁ ହେବ। ସେହିପରି ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ଅନେକ ଜିଲ୍ଲାରେ କରୋନା ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ରାଜ୍ୟ ସରକାର ଅନ୍ୟ ୨୦ଟି ଜିଲ୍ଲାରେ ଆସନ୍ତାକାଲିଠାରୁ ରାତି ୯ରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି। ନାଇଟ୍ କର୍ଫ୍ୟୁ ସମୟରେ ଏହି ଜିଲ୍ଲା ଗୁଡିକରେ ମଧ୍ୟ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦିଆଯିବ। ମାଲବାହୀ ପରିବହନ ପୂର୍ବପରି ଚାଲୁ ରହିବ। ସପିଂ ମଲ୍ ଓ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରହିବ। କିନ୍ତୁ ମାସ୍କ ଓ ସାମାଜିକ ଦୂରତ୍ୱ ପାଳନ ବାଧ୍ୟତାମୂଳକ ହେବ। ଯେଉଁମାନେ କୋଭିଡ୍ ନିୟମ ମାନିବେ ନାହିଁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସାଙ୍ଗକୁ ଦୋକାନକୁ ସିଲ୍ କରି ଦିଆଯିବ ଏବଂ ଲାଇସେନ୍ସ ବାତିଲ କରାଯିବା ନେଇ ପଦକ୍ଷେପ ନିଆଯିବ। ରାସ୍ତାକଡ ଦୋକାନରେ ଖାଇବା ପାଇଁ ଅନୁମତି ରହିଛି, କିନ୍ତୁ ଦୋକାନୀଙ୍କ ସହ ସମସ୍ତେ ସାମାଜିକ ଦୂରତା ଅବଲମ୍ବନ ପ୍ରତି ଧ୍ୟାନ ଦେବାକୁ ପଡିବ। ସେହିପରି ମାଛ, ମାଂସ, ପରିବା ଦୋକାନ ଆଦିରେ ସମସ୍ତେ ମାସ୍କ ପିନ୍ଧିବେ ଏବଂ ମାସ୍କ ପିନ୍ଧି କଥା ହେବେ। ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀମାନେ ନିଜ ସଂସ୍ଥାଠୁ ମିଳିଥିବା ପରିଚୟ ପତ୍ର ଦେଖାଇ ସେମାନେ ଯାତାୟତ କରିପାରିବେ। ବାର, ହୋଟେଲ ଓ ରେଷ୍ଟୁରାଣ୍ଟ ଆଦି ଗୁଡିକ ନିଜର ୫୦% କର୍ମଚାରୀଙ୍କୁ ନେଇ ଚାଲିପାରିବ। ବିବାହ ଶୋଭାଯାତ୍ରାକୁ ଅନୁମତି ମିଳିବ ନାହିଁ। ଅଟୋ ଟ୍ୟାକ୍ସିରେ ମାତ୍ର ୨ଜଣ ଯାଇପାରିବେ ଏବଂ ବସ୍‌ରେ କେହି ଠିଆ ହୋଇ ଯାଇପାରିବେ ନାହିଁ। ଉଚ୍ଚ ଶିକ୍ଷାନୁଷ୍ଠାନରେ ପାଠପଢ଼ା ଆସନ୍ତା ୧୯ରୁ ବନ୍ଦ ରହିବ। ଅନ୍‌ଲାଇନ୍‌ରେ ପାଠପଢ଼ା ହୋଇପାରିବ। କୋଚିଂ ସେଣ୍ଟର ମଧ୍ୟ ଅନ୍‌ଲାଇନ୍ କ୍ଲାସ କରିପାରିବେ। ବାହାଘର ପାଇଁ ୫୦ଜଣ ଓ ଶୁଦ୍ଧିକ୍ରିୟା ପାଇଁ ୨୦ଜଣଙ୍କୁ ଅନୁମତି ଦିଆଯାଇପାରିବ। ମନ୍ଦିରରେ ରୀତିନୀତି ହେବ, ଜନସାଧାରଣଙ୍କ ପାଇଁ ଦର୍ଶନ ବ୍ୟବସ୍ଥାରେ କଟକଣା ଲାଗୁ ହେବ। ଅନ୍ତରାଜ୍ୟ ବସ୍ ଚଳାଚଳକୁ ବନ୍ଦ କରାଯାଇଥିବା ବେଳେ ରାଜ୍ୟ ବାହାରୁ ଆସୁଥିବା ଓଡ଼ିଶା ଫେରନ୍ତାଙ୍କ ପାଇଁ ଆର୍‌ଟିପିସିଆର ନେଗେଟିଭ୍ ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଛି। ଯେଉଁମାନଙ୍କ ପାଖରେ ଆର୍‌ଟିପିସିଆର ନେଗେଟିଭ୍ ରିପୋର୍ଟ ନଥିବା ସେମାନଙ୍କୁ ବାଧ୍ୟତାମୂଳକ କ୍ୱାରେଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯିବ। ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ କର୍ମଚାରୀ ୫୦% ହ୍ରାସ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଯେତେ କମ୍ ସଂଖ୍ୟାରେ ଲୋକଙ୍କୁ ନେଇ କାର୍ଯ୍ୟାଳୟ ଚଳାଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବେ। କାର୍ଯ୍ୟାଳୟରେ ସମସ୍ତେ ମାସ୍କ ପିନ୍ଧି କାର୍ଯ୍ୟ କରିବେ। ବର୍ତ୍ତମାନ ୩୦%ରୁ ଅଧିକ କରୋନା ଆକ୍ରାନ୍ତ ଯୁବଗୋଷ୍ଠୀର ବୋଲି ଜଣାପଡିଛି। ତେଣୁ ସମସ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିୟମ କଡାକଡି ଭାବେ ମାନିବା ଦରକାର ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି।

### ପବନରେ ...

ସାଇଲେଣ୍ଟ ଆକ୍ରାନ୍ତଙ୍କ ପାଇଁ ବିଶ୍ୱରେ କରୋନା ସଂକ୍ରମଣ ଅଧିକ ରହୁଛି। ଜଣେ ସଂକ୍ରମିତ କଥା କହିବା ବେଳେ, ଚିତ୍କାର କଲା ବେଳେ, ଗୀତ ଗାଇବା ବେଳେ ଓ ଛିଙ୍କିବା ବେଳେ ପବନରେ ଭାଇରସ ଅନ୍ୟ ଲୋକଙ୍କୁ ସଂକ୍ରମିତ କରିଥାଏ। ଏହାକୁ ରୋକିବା ପାଇଁ ଭେଣ୍ଟିଲେସନ, ଏୟାର ଫିଲ୍ଟ୍ରେସନ, ଗହଳି ହ୍ରାସ ଆଦି ପଦକ୍ଷେପ ନେବାକୁ ପଡିବ। ଏହାବାଦ ଯେତେ କମ ସମୟ ଲୋକମାନେ ଗୋଟିଏ ବନ୍ଦ ଘରେ ରହିବେ, ସଂକ୍ରମଣ ସେତେ ହ୍ରାସ ପାଇବ। ଘର ମଧ୍ୟରେ ବି ଯଦି ଦୁଇଜଣ ଲୋକ ରହିଛନ୍ତି ଓ ସେମାନଙ୍କ ମଧ୍ୟରେ ୬ ଫୁଟର ଦୂରତା ରହୁନାହିଁ, ତା'ହେଲେ ସେମାନଙ୍କୁ ଉପଯୁକ୍ତ ଢଙ୍ଗରେ ମାସ୍କ ପିନ୍ଧିବାକୁ ପଡିବ। କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସୁଥିବା ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟ କର୍ମଚାରୀଙ୍କୁ ଉନ୍ନତଧରଣର ପିପିଇ କିଟ୍ ମଧ୍ୟ ଯୋଗାଇ ଦେବାକୁ ହେବ।

### ଚାରିଆଡେ ...

୭ଦିନ କ୍ୱାରେଣ୍ଟାଇନରେ ରହିବାକୁ କୁହାଯାଉଛି। ହେଲେ ସେମାନେ କ୍ୱାରେଣ୍ଟାଇନରେ ରହୁଛନ୍ତି ନା ନାହିଁ ତାହା ଦେଖିବାକୁ ବିଏମ୍‌ସିର ବ୍ୟବସ୍ଥା ନାହିଁ। ପରବର୍ତ୍ତୀ ସମୟେର ଦେହ ଅସୁସ୍ଥ ହେଲେ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦିଆଯାଉଛି, କିନ୍ତୁ ସେମାନେ ପରୀକ୍ଷା କରୁଛନ୍ତି ନା ନାହିଁ କେହି ଦେଖିବାକୁ ନାହିଁ। ସେହିପରି ବସ୍, କାର୍ ଏବଂ ବାଇକ୍ ଯୋଗେ ଆସୁଥିବା ଯାତ୍ରୀଙ୍କ ପାଇଁ କିଛି ବି କଟକଣା ନାହିଁ। ସେମାନେ ନିର୍ଭୟରେ ବାହାରେ ବୁଲାବୁଲି କରୁଛନ୍ତି। ଯାହାଫଳରେ ବର୍ତ୍ତମାନ ରାଜଧାନୀରେ କୋଭିଡ ସ୍ଥିତି ଭୟାବହ ହେବାରେ ଲାଗିଛି। ଆଗାମୀ ଦୁଇମାସ ପର୍ଯ୍ୟନ୍ତ ସଂକ୍ରମଣ ତୀବ୍ର ହେବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଭୁବନେଶ୍ୱର ରେଳ ଷ୍ଟେସନ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ, ବର୍ତ୍ତମାନ ୧୭ରୁ ଅଧିକ ଟ୍ରେନ୍ ଚଳାଚଳ କରୁଛି। ବିଏମ୍‌ସି ପକ୍ଷରୁ କୁହାଯାଇଛି, ଷ୍ଟେସନର ୮ଟି କାଉଣ୍ଟରରେ ମାତ୍ର ୫ହଜାର ଯାତ୍ରୀଙ୍କ ଯାଞ୍ଚ ହେଉଥିବା ବେଳେ ଦୁଇହଜାର ଯାତ୍ରୀଙ୍କ ନାମ ପଞ୍ଜୀକରଣ ହେଉଛି। ସେହିପରି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୭ହଜାରରୁ ଅଧିକ ଯାତ୍ରୀଙ୍କ ଆଗମନ ହେଉଥିବାବେଳେ ଏହାର ଅଧା ଯାତ୍ରୀଙ୍କ ଯାଞ୍ଚ ଏବଂ ୩୦ ପ୍ରତିଶତ ଯାତ୍ରୀଙ୍କ ନାମ ପଞ୍ଜୀକରଣ ହୋଇପାରୁଛି। ସେହିଭଳି ଘରୋଇ କାର୍, ବାଇକ୍ ଦ୍ୱାରା ଶହ ଶହ ସଂଖ୍ୟାରେ ପ୍ରବାସୀ ଫେରୁଛନ୍ତି। ଫେରନ୍ତା ୭ଦିନ କ୍ୱାରେଣ୍ଟାଇନରେ ରହିବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଥିବା ବେଳେ ଏହା ଅନୁପାଳନ ହେଉଛି ନା ନାହିଁ ତାହା ଯାଞ୍ଚ ହେଉନାହିଁ। ପୂର୍ବପରି ସରକାରୀ କ୍ୱାରେଣ୍ଟାଇନ ବ୍ୟବସ୍ଥା ନାହିଁୟ ନାମ ପଞ୍ଜୀକରଣ ପାଇଁ ଶିବିର ପଡୁନାହିଁ। ଫେରନ୍ତା ଏହାର ଫାଇଦା ନେଇ ବିନା ଭୟରେ ବୁଲୁଛନ୍ତି। ସେମାନଙ୍କ ଦ୍ୱାରା ସଂକ୍ରମଣ ବୃଦ୍ଧି ପାଉଥିବା ସାଧାରଣେର ଅଭିଯୋଗ ହୋଇଛି।

### ଚଳିତ ବର୍ଷ ...

ମଧ୍ୟରେ ହାରାହାରି ବୃଷ୍ଟିପାତ ୯୬ ରୁ ୧୦୪ ପ୍ରତିଶତ ମଧ୍ୟରେ ରହିପାରେ। ଯାହାକି ସ୍ୱାଭାବିକ। ୧୯୬୧-୨୦୧୦ ମଧ୍ୟରେ ଦେଶରେ ହୋଇଥିବା ମୌସୁମୀ ବୃଷ୍ଟିପାତର ହାରାହାରିକୁ ଦୀର୍ଘକାଳୀନ ଅବଧି ହାରାହାରି ଭାବେ ପାଣିପାଗ ବିଭାଗ ହିସାବ କରିଥାଏ। ଏହି ହିସାବ ଅନୁସାରେ ମୌସୁମୀ ଋତୁରେ ୮୮ ସେଣ୍ଟିମିଟର ବା ୮୮୦ ମିଲିମିଟର ବର୍ଷା ହେଲେ ତାହାକୁ ଦୀର୍ଘକାଳୀନ ହାରାହାରି ହାରାହାରି କୁହାଯାଏ। ଜୁନରୁ ସେପ୍ଟେମ୍ବର ମଧ୍ୟରେ ଚାରି ମାସର ବୃଷ୍ଟିପାତ ପାଇଁ ପ୍ରଥମ ଲଙ୍ଗ୍ ରେଞ୍ଜ୍ ପୂର୍ବାନୁମାନ ପ୍ରକାଶ କରିବାବେଳେ ଭୂବିଜ୍ଞାନ ମନ୍ତ୍ରାଳୟର ସଚିବ ଏମ ରାଜୀବ କହିଛନ୍ତି, ଦୀର୍ଘକାଳୀନ ହାରାହାରି ହିସାବରେ ଚଳିତ ବର୍ଷ ମୌସୁମୀ ଋତୁରେ ୯୮ ପ୍ରତିଶତ ବର୍ଷା ହେବୟ ଯାହା ସ୍ୱାଭାବିକ ମୌସୁମୀ ଭାବେ ଗୃହୀତ ହୋଇଥାଏ। ଯଦି ଏଭଳି ହେବ ତାହେଲେ ଦେଶ ପାଇଁ ଭଲ ଖବର। ମୌସୁମୀରେ ସ୍ୱାଭାବିକ ବୃଷ୍ଟିପାତ ହେଲେ ଦେଶରେ କୃଷି ଉତ୍ପାଦନ ଭଲ ହେବାରେ ସାହାଯ୍ୟ କରିବ। ତେବେ ଏହା ୫ ପ୍ରତିଶତ କମ୍ ବେଶୀ ହୋଇପାରେ। ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ବୃଷ୍ଟିପାତ ହେଲେ ଲଗାତାର ତୃତୀୟ ବର୍ଷ ପାଇଁ ଏପରି ହେବ ବୋଲି କୁହାଯାଉଛି। ୨୦୧୯ ଓ ୨୦୨୦ ମୌସୁମୀରେ ମଧ୍ୟ ସ୍ୱାଭାବିକ ବୃଷ୍ଟିପାତ ହୋଇଥିଲା। ଏହା ପୂର୍ବରୁ ୧୯୯୬, ୧୯୯୭ ଓ ୧୯୯୮ ତିନି ବର୍ଷ ମଧ୍ୟ ଭାରତରେ ସ୍ୱାଭାବିକ ମୌସୁମୀ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଆସନ୍ତା ମେ ୧୫ ତାରିଖରେ ପାଣିପାଗ ବିଭାଗ ପୁଣି ଥରେ ଆସନ୍ତା ମୌସୁମୀ ବୃଷ୍ଟିପାତ ନେଇ ପୂର୍ବାନୁମାନ କରିବ। କେରଳରେ କେବେ ମୌସୁମୀ ପ୍ରବେଶ କରିବ ତାହା ସେହିଦିନ ଘୋଷଣା କରାଯିବ। ସେହିପରି ମେ ଶେଷ ସପ୍ତାହରେ ବିଭିନ୍ନ ରାଜ୍ୟରେ କେବେ ମୌସୁମୀ ପହଂଚିବ ତାହାର ଆକଳନ ପ୍ରକାଶ କରାଯିବ। ଜୁନ୍ ମାସରେ ପୁଣି ଥରେ ମୌସୁମୀ ନେଇ ବିବରଣୀ ପ୍ରଦାନ କରିବ ପାଣିପାଗ ବିଭାଗ।

### ଜିଲ୍ଲାପାଳଙ୍କୁ ...

କୁଳାସର ଓ ଦେଉଳି ପଞ୍ଚାୟତ ବାସୀମାନେ ଉପଲବ୍ଧି କରି ଖଣିରୁ ପଥର ଉତ୍ତୋଳନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ବାରମ୍ବାର ଲିଖିତ ଭାବରେ ଗୁହାରୀ କରିଥିଲେ ମଧ୍ୟ କୌଣସି ସୁଫଳ ପାଇନପାରି ଗ୍ରାମବାସୀମାନେ। ଗୋ ଆଦି ପଶୁମାନଙ୍କୁ ଚରାଇବା ନିମନ୍ତେ ଗୋଚରର ଅଭାବ ଅନୁଭବ କରୁଅଛନ୍ତି। ପ୍ରକାଶ ଥାଉକି ବର୍ତ୍ତମାନର ତହସିଲଦାର ସାମୟିକ ଭାବେ ଉକ୍ତ ଖଣିର ନିଲାମି ବନ୍ଦ ରଖିଥିଲେ ମଧ୍ୟ ଅନଧିକାର ଭାବରେ ପ୍ରତିଦିନ ଡ଼ାଇନାମାଇଟ୍ ସାହାଯ୍ୟରେ ବ୍ଲାଷ୍ଟିଙ୍ଗକରି ପଥର ଉତ୍ତୋଳନ କାର୍ଯ୍ୟ ଜାରିରହିଛି। ଆହୁରି ଆଶ୍ଚର୍ଯ୍ୟର କଥା ବେଆଇନ ଭାବେ ଉତ୍ତୋଳିତ ପଥରକୁ ଗ୍ରାମ ଉନ୍ନୟନ ବିଭାଗ ନୟାଗଡ଼ ସେହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯେଜାନାରେ ହେଉଥିବା ସଡ଼କ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। କୁଳାସର ଗ୍ରାମର ଚଣ୍ଡୀ ପୋଖରୀଠାରୁ ନୀଳପଲ୍ଲୀ ଗ୍ରାମ ଦେଇ ଖଇର ପଲ୍ଲୀ ରୋଡ଼ ପର୍ଯ୍ୟନ୍ତ ୧ କି.ମି. ୮୫୦ମିଟର ଦୈର୍ଘ୍ୟର ଏକ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ପ୍ୟାକେଜ୍ ନଂ-ଓଆର-୨୩-୨୬୨/ ଏକ୍ସ୧୧ (ବ୍ୟାଚ୍-ଆଇଆଇ) ମାଧ୍ୟମରେ ୯୩,୪୩୦୦୦ ଟଙ୍କା ମଞ୍ଜୁର ହୋଇଥିଲା। ଏହି ରାସ୍ତାଟି ନିର୍ମାଣ ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଗ୍ରାମ ଉନ୍ନୟନ ବିଭାଗ ନୟାଗଡ ଏବଂ ପ୍ରଭାତ ଦଳସିଂହ ରାୟ ମଧ୍ୟରେ ୧୬/୧୧/୨୦୧୮ ମସିହାରେ ଚୁକ୍ତି ନାମା ସ୍ୱାକ୍ଷର ହୋଇଥିଲା। ସୂଚନା ଅଧିକାର ଆଇନ ମାଧ୍ୟମରେ ପ୍ରାପ୍ତ ତଥ୍ୟରେ ପ୍ରକାଶ ଉକ୍ତ କାର୍ଯ୍ୟଟି ୧୬/୧୧/୧୮ରେ ଆରମ୍ଭ ହୋଇ ୧୫/୭/୨୦୧୯ ମସିହାରେ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ବାସ୍ତବରେ ଏହାର ସତ୍ୟତା ନାହିଁ। କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ତଥ୍ୟକୁ ତାଙ୍କ ବିଭାଗୀୟ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କହୁଛନ୍ତି କାର୍ଯ୍ୟ ୨୦୧୯ ମସିହାରେ ଏପ୍ରିଲ ମାସରେ ଆରମ୍ଭ ହୋଇଛି। ଏବଂ କାର୍ଯ୍ୟ ଜାରି ରହିଛି। ଏଠାରେ ପ୍ରକାଶ ଥାଉକି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିମି ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ପାଇଁ ଠିକାଦାର ତୁଲାଇଥାନ୍ତେ। ଯଦି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ କଥା ସତ୍ୟ ହୋଇଥାଏ ତେବେ ଠିକାଦାର ଉକ୍ତ ରାସ୍ତାର ରକ୍ଷଣା ବେକ୍ଷଣ ୨୦୧୪ ମସିହା ପର୍ଯ୍ୟନ୍ତ ହିଁ କରିବେ। କିନ୍ତୁ ସହାକରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କଥାକୁ ଧରିଲେ ଠିକାଦାର କେଉଁ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା କଥା ଏବେବି ପ୍ରଶ୍ନବାଚୀ ?

### ବଢ଼ିବ ଆଇସିୟୁ ...

ଯାହାଫଳରେ ଅଧିକ ଗୁରୁତର ରୋଗୀଙ୍କୁ ଆଇସିୟୁ ଶଯ୍ୟା ଉପଲବ୍ଧ ହୋଇପାରିବ। ଏହାସହ ଆହୁରି ୧୦୦ଟି ଭେଣ୍ଟିଲେଟର ମଧ୍ୟ କିଣାଯିବ। ରାଜ୍ୟରେ ଏବେ ୪ଶହରୁ ଅଧିକ ଭେଣ୍ଟିଲେଟର ରହିଥିବା ବେଳେ ଏହି ସଂଖ୍ୟାରେ ବୃଦ୍ଧି ଘଟିବ। ଗତବର୍ଷ ରାଜ୍ୟରେ କରୋନା ସଂକ୍ରମଣ ଶୀର୍ଷରେ ଥିବା ବେଳେ କୋଭିଡ ହସ୍ପିଟାଲରେ ଗୁରୁତର ରୋଗୀଙ୍କୁ ଆଇସିୟୁ କିମ୍ବା ଭେଣ୍ଟିଲେଟର ମିଳି ନ ଥିଲା। ତେଣୁ ଚଳିତବର୍ଷ ଏଭଳି ଅଭାବକୁ ଦୂର କରିବା ଲାଗି ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏସ୍ୱିବିରେ ଶଯ୍ୟା ସଂଖ୍ୟା ବିଥିବା ବେଳେ ବୁର୍ଲାରେ ମଧ୍ୟ ଏହାକୁ ବାଇବାକୁ ନିଷ୍ପତ୍ତି ହୋଇଛିୟ ସେହିପରି କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ରେମଡେସିଭିର ଓ ଫାଭିପିରାଭିର ବଟିକା କିଣିବା ଲାଗି ରାଜ୍ୟ ଔଷଧ ନିଗମକୁ ପ୍ରସ୍ତାବ ଦିଆଯାଇଛି। ଏଥିରେ ୨ଲକ୍ଷ ରେମଡେସିଭିର ଇଞ୍ଜେକସନ୍ ଓ ୬ଲକ୍ଷ ଫାଭିପିରାଭିର ବଟିକା, ୫୦ଲକ୍ଷ ସର୍ଜିକାଲ ମାସ୍କ, ଏନ୍-୯୫ ମାସ୍କ ମଧ୍ୟ ରହିଛି। ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ରାଜ୍ୟରେ ଏବେ ଆବଶ୍ୟକ ପରିମାଣର ରେମଡେସିଭିର ଓ ଫାଭିପିରାଭିର ବଟିକା ରହିଛି।

### ମାନସିକ ରୋଗରେ ...

ମା'ର ମମତା ଅମୁଲମୁଲ। ସାରଦାମଣୀଙ୍କ ପୁଅ ଜିତେନ୍ଦ୍ରଙ୍କ ବୟସ ୨୧ ବର୍ଷ। ସେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ବେଳେ ହଠାତ୍ ମାନସିକ ରୋଗରେ ପୀଡିତ ହୋଇଥିଲେ। ଅନେକ ସମୟରେ ଜିତେନ୍ଦ୍ର ଘରୁ ପଳାଇ ଯାଉଥିବା ବେଳେ ମା' ସାରଦାମଣୀ ତାଙ୍କୁ ଏକ ଘରେ ୧୦ ବର୍ଷ ହେବ ଲୁହା ଶିକୁଳିରେ ବାନ୍ଧି ରଖିଛନ୍ତି। ସେହିଠାରେ ଜିତେନ୍ଦ୍ରଙ୍କର ଖାଇବା ଠାରୁ ଶୋଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସେହିଠାରେ ହୋଇଥାଏ ବୋଲି ଜିତେନ୍ଦ୍ରଙ୍କ ମା' ପ୍ରକାଶ କରିଛନ୍ତି। ତେବେ ଏପରିକି ଜିତେନ୍ଦ୍ର ଭିନ୍ନକ୍ଷମ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିବା ବେଳେ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି। ଗୋଟିଏପଟେ ପରିବାରର ଆର୍ଥିକ ସମସ୍ୟା ଓ ଅନ୍ୟପଟେ ମାନସିକ ରୋଗାକ୍ରାନ୍ତ ପୁଅର ବୋଝ ଏବେ ସାରଦାମଣୀଙ୍କ ଦୁଃଖକୁ କରିଦେଇଛି ଦୁଇଗୁଣ। ତଥାପି ମା'ର ମମତା ଆଗରେ ସବୁକିଛି ତୁଚ୍ଛ ସେଥିପାଇଁ ତ ପୁଅ ବାହାରକୁ କୁଆଡେ ଚାଲିଯିବ ଏକ ଲୁହା ଶିକୁଳିରେ ବାନ୍ଧି ରଖିଛି ମା'। ତେବେ ଏ ସମ୍ପର୍କରେ ଆମେ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ସେ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ତଦନ୍ତ କରି ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ନିଶାମଣୀ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ



**ବରଗଡ଼ :** ନିଶାମଣୀ ହାଇସ୍କୁଲଠାରେ ମୋ ସ୍କୁଲ ଅଭିଯାନ ପରିପେକ୍ଷୀରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ଦିବ୍ୟକାନ୍ତି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ରୋଜାଲିନ ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଛାତ୍ର ତଥା ଆନ୍ତର୍ଜାତିକ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟତ୍ରୀ ତେରେସକୋଭା ଦାଶ, ସ୍କୁଲର ଚେୟାରମେନ ସୁଜାତା ବାଗ, ମନୋହର ସାହୁ, ସନ୍ତୋଷୀ ଅଗ୍ରୱାଲ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର ଦଶମ ଶ୍ରେଣୀର ତପସ୍ୱିନୀ ରଥ, ମୀନତି କୁମ୍ଭାର, ମୋହିତ ନାଗ, ବିଶ୍ୱାମିତ୍ର ମେହେର ଓ ଅଭିଷେକ ଛତ୍ରରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟତ୍ରୀ ସଙ୍ଗୀତା ପାଢ଼ୀ, ପ୍ରଶାନ୍ତି ପଣ୍ଡା, ମମତା ପଣ୍ଡା, ସୁନିତି ବାଗ, ମନିଷା ସାହୁ ଓ ନିରୁପମା ରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭବିଷ୍ୟତରେ ମଧ୍ୟ ଏହି ସ୍କୁଲର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶ୍ରୀ ଶତପଥୀ ଘୋଷଣା କରିଥିଲେ। ଶେଷରେ ରୋଜାଲିନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଷାକ ବିତରଣକୁ ନେଇ ପ୍ରଧାନଶିକ୍ଷକଙ୍କୁ ଘେରିଲେ ମହିଳା



**ଭଦ୍ରକ :** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ନୋଡ଼ାଲ ହାଇସ୍କୁଲରେ ପୋଷାକ ବିତରଣକୁ ନେଇ ଏସଏଚଜି ମହିଳାମାନେ ପ୍ରଧାନ ଶିକ୍ଷକଙ୍କୁ ଘେରି ଥିବାର ଜଣାପଡ଼ିଛି । ପ୍ରଧାନଶିକ୍ଷକ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମକୁ ନମାନି ସ୍ଥାନୀୟ ଏସଏଚଜି କୁ ପୋଷାକ ବିତରଣରେ ସହଯୋଗ ନ କରିବା ଅଭିଯୋଗ ସେମାନେ ଆଣିଛନ୍ତି । ଅଭିଯୋଗ ଅନୁଯାୟୀ ;କାଦବରାଙ୍ଗ ସ୍ଥିତ ଗୀତାଞ୍ଜଳୀ ଟେଲରିଂ ଷ୍ଟିଚିଙ୍ଗ ପିଜି ଗ୍ରୁପର ସଭ୍ୟ ଏବଂ ଅଭିଭାବକମାନେ ଆଜକୁ ୪ ବର୍ଷ ହେବ ତାଙ୍କ ଗ୍ରୁପରେ ଭଲ କପଡ଼ାରେ ବିଦ୍ୟାଳୟମାନଙ୍କର ପିଲାମାନଙ୍କ ପୋଷାକ ସମେତ ବ୍ଲାଉଜ, ସାୟା, ମାସ୍କ ଏବଂ ଅଙ୍ଗନବାଡ଼ି ପିଲାଙ୍କ ଡ୍ରେସ୍ ଓ ଫାଇଲ ଆଦି ତିଆରି କରି ଆସୁଛନ୍ତି । ଗତ ୨୨.୨.୨୦୨୧ ରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଚିଠି ନଂ ୫୭୧ ଅନୁଯାୟୀ ଗୀତାଞ୍ଜଳୀ ଗ୍ରୁପକୁ ଡ୍ରେସ ବଣ୍ଟନ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏଥି ସହ ଚିଠି ନଂ ୫୬୧/୫.୨.୨୦୨୧ରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମହିଳାଙ୍କୁ ପ୍ରୋତ୍ସାହିତ ଓ ରୋଜଗାର କ୍ଷମ କରିବା ପାଇଁ ସ୍ଥାନୀୟ ଏସଏଚଜି ବିଦ୍ୟାଳୟରେ ପୋଷାକ ବଣ୍ଟନ କରିବାର ଅନୁମତି ପ୍ରଦାନ କରିଛନ୍ତି । ସରକାରଙ୍କ ସମସ୍ତ ସର୍ତ୍ତାବଳୀ ଓ ନିର୍ଦ୍ଦେଶକୁ ଗୀତାଞ୍ଜଳୀ ଗ୍ରୁପ ଠିକ୍ ଭାବେ ପାଳନ କରୁଥିବା ବେଳେ ଉକ୍ତ ଗ୍ରୁପରୁ ବିଦ୍ୟାଳୟ ଛାତ୍‌ଛାତ୍ରୀଙ୍କ ନିମନ୍ତେ ପୋଷାକ ଗ୍ରହଣ ପାଇଁ ଇଚ୍ଛାପ୍ରକାଶ ନ କରି ଅନ୍ୟ ବ୍ଲକ ଅଧିନସ୍ଥ ଦୋକାନରୁ ଉକ୍ତ ପୋଷାକ କ୍ରୟ କରିବା ପାଇଁ ନିଷ୍ପତ୍ତି ନେବା କେତେ ଦୂର ଯଥାର୍ଥ ସେଥିନେଇ ସେମାନେ ପ୍ରଧାନଶିକ୍ଷକଙ୍କୁ ଉତ୍ତର ମାଗିବା ସହ ପ୍ରଧାନଶିକ୍ଷକ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କିଛି ଅସାମାଜିକ ବ୍ୟକ୍ତିଙ୍କୁ ଲାଭବାନ କରାଇବା ପାଇଁ ଉକ୍ତ ଗ୍ରୁପକୁ ସହଯୋଗ କରୁ ନଥିବା ଅଭିଯୋଗ ଆଣିଛନ୍ତି । ଏତଦ୍ୱାରା ସ୍ଥାନୀୟ ଅଂଚଳରେ ପ୍ରଧାନଶିକ୍ଷକ ଜାଣିଶୁଣି ଏକ ଅପ୍ରିତିକରର ପରିସ୍ଥିତି ସୃଷ୍ଟି କରିବାର ପ୍ରୟାସ କରୁଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି । ଏଣୁ ସରକାରଙ୍କ ପ୍ରଚଳିତ ନିତି ନିୟମ ଅନୁଯାୟୀ ବନ୍ତ ବ୍ଲକର ବା ସ୍ଥାନୀୟ ଏସଏଚଜି ଗ୍ରୁପ ଦ୍ୱାରା ପ୍ରସ୍ତୁତ ପୋଷାକ ନେବାକୁ ଯଦି ପ୍ରଧାନଶିକ୍ଷକ ପ୍ରୟାସ ନକରନ୍ତି ତେବେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହ ବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ଏହାର ଏକକିତା ନକଲ ବ୍ଲକ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରେରଣ କରିଥିବା ଜଣାପଡ଼ିଛି।

# ବିଜୁବାବୁ ଓ ଓଡ଼ିଶା



ଅକ୍ଷୟ କୁମାର ରାଉତ

୧୯୧୬ ମସିହା ମାର୍ଚ୍ଚ ମାସର ପାଞ୍ଚ ତାରିଖର ଶୁଭବେଳାରେ ଜନ୍ମ ନେଇଥିଲେ ଓଡ଼ିଆ ମାଟିର କୃତି ସନ୍ତାନ ବିଜୟାନନ୍ଦ ପଟ୍ଟନାୟକ । କଟକ ସହରର ତୁଳସୀପୁରରେ ଥିବା ଆନନ୍ଦ ଭବନ ଆନନ୍ଦରେ ମୁଖରିତ ହୋଇ ଉଠିଲା । ଏହି କୁଆଁ କୁଆଁ ରାବରେ ପତ୍ରଝଡ଼ା ପ୍ରକୃତିରାଣୀ ନବପଲ୍ଲବିତ ହେଲା । ଆକାଶଟା ଭାରାକ୍ରାନ୍ତ ପରି ମନେହେଲା । ଜନମାନସରେ ଭରିଗଲା ନୂଆ ଆଲୋକ, ନୂଆ ଭାବନା ଓ ନୂଆ ପୁଲକ । କିଏ ଜାଣେ ଏପରି ପରିବର୍ତ୍ତନର ରହସ୍ୟ କ'ଣ ? 'ତୁଳସୀ ଦୁଇପତ୍ରରୁ ବାସିଲା' ପରି ଏହି କୁଆଁ କୁଆଁ ରାବ ସ୍ପଷ୍ଟ ବାରି ଦେଉଥିଲା ଭବିଷ୍ୟତରେ ବଡ଼ମଣିଷ ହେବ ବୋଲି......

ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା, ବୀର ପ୍ରସବିନୀ ଚିର ମହିମାନ୍ୱିତ ଏ ଧରା କୋଳରେ ସେ ଶଶୀକଳା ପରି ବଢ଼ିବାକୁ ଲାଗିଲେ । ତାଙ୍କର ବାଲ୍ୟ ଜୀବନ ଠାରୁ ଅନ୍ତିମ ଜୀବନ ପର୍ଯ୍ୟନ୍ତ ପର୍ଯ୍ୟାଲୋଚନା କଲେ କେବଳ ଦୁଃସାହସ ଓ ନିର୍ଭିକତା ଦେଖିବାକୁ ମିଳେ । ସେ ଥିଲେ ଅତ୍ୟନ୍ତ ବଳିଷ୍ଠ, ମେଧାବୀ ଉପସ୍ଥିତ ତଥା ବିଚକ୍ଷଣ ବୁଦ୍ଧି ସଂପନ୍ନ ଓ ସାହସିକ । ସେ ଯେ ଦିନେ ସମଗ୍ର ବିଶ୍ୱରେ ଏକ ଯୁଗାନ୍ତକାରୀ ଆଲୋଡ଼ନ ସୃଷ୍ଟି କରିବେ ତାହା ତାଙ୍କ ଛାତ୍ର ଜୀବନରୁ ଜଣାପଡ଼ିଥିଲା । ସେ ଥିଲେ ଅନିସନ୍ଧିତ୍ସୁ । ସତର୍କ ଏବଂ ସତ୍‌ବୁଦ୍ଧି ସଂପନ୍ନ। କୌଣସି ବିଷୟକୁ ସେ ଖୁବ୍ ଶୀଘ୍ର କାମ ମାଧ୍ୟମରେ ପ୍ରମାଣ କରି ଦେଖାଇ ଦେଉଥିଲେ। ତାଙ୍କ ଜୀବନ ଆକାଶରେ ପୂର୍ଣ୍ଣିମା ବି ବେଳେବେଳେ ଅମାବାସ୍ୟାର ରୂପ ନେଇଥିଲା। ଅନେକ ଘାତ ପ୍ରତିଘାତର ଶିକାର ହୋଇଥିଲେ ମଧ୍ୟ ଦୃଢ଼ ମନୋବଳ ପାଇଁ ସେ କେବେ ହତୋତ୍ସାହ ହୋଇନଥିଲେ। ଆମ ଓଡ଼ିଶାରେ ସେ ଥିଲେ ଏକ ତେଜସ୍କ୍ରିୟ ଦୀପ୍ତିମାନ ଉଜ୍ଜ୍ୱଳ ତାରକା।

ସେ ରେଭେନ୍‌ସା କଲେଜିଏଟ୍ ବିଦ୍ୟାଳୟରୁ ଫେରୁଥାନ୍ତି । ଆଗରେ ବାରବାଟୀ ଗଡ଼ । ଯେଉଁଠି ଦିନେ ଓଡ଼ିଆ ପୁଅର ବୀରବାଦ୍ୟ ବାଜି ଉଠୁଥିଲା, ସେଠି ଆଜି ବିଦେଶୀଙ୍କ ରାଜତ୍ୱ । ବିଦେଶୀ ଫଉଜଙ୍କର ଏପରି ରାଜୁତି ସେ ତିଳେ ମାତ୍ର ସହ୍ୟ କରିପାରିଲେନାହିଁ । ଦେଶପ୍ରେମରେ ଉଦ୍‌ବୁଦ୍ଧ ପ୍ରାଣ ତାଙ୍କର ଚହଲି ଗଲା । ତାଙ୍କ ଦେହର ବୀରରକ୍ତ ଟକମକ ହୋଇ ଉଠିଲା । ସେ ତାଙ୍କ ଉପରକୁ ଟେକାଟିଏ ଫିଙ୍ଗିଲେ । ଯାହାଫଳରେ ଗୋରା ସୈନିକମାନେ ତାଙ୍କୁ ଥାନାକୁ ନେଇଗଲେ । ବିଚାର ପରେ ଦଶ ପ୍ରହାର କରାଗଲା । ହସି ହସି ଏ ଦଣ୍ଡକୁ ଗ୍ରହଣ କଲେ । କାରଣ ତାଙ୍କ ବାପାଙ୍କର କେତୋଟି କଥା ମନରେ ତାଙ୍କର ପ୍ରତିଧ୍ୱନିତ ହେଉଥିଲା- 'ତୁ ପରା ଓଡ଼ିଆ ପୁଅ, ବୀର ରକ୍ତ ତୋ ଦେହରେ ପ୍ରବାହିତ, ସାମାନ୍ୟ ଆଘାତରେ ଡରିଯିବା ଉଚିତ୍ ନୁହେଁ ।' କଳିଙ୍ଗ ସନ୍ତାନ, ପ୍ରତିଭା ମାନ ବୀର ବିଜୁବାବୁଙ୍କ ଚିନ୍ତା ଓ ଚେତନାରେ ବୀରତ୍ୱ ବସା ବାନ୍ଧିଥିଲା ।

୧୯୨୬ ମସିହାର କଥା । ୧୧ ବର୍ଷର ସେ, ପଢୁଥାନ୍ତି ହାଇସ୍କୁଲ୍‌ରେ । ସେ ସମୟରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ ଜୋର୍ ଚାଲିଥାଏ । ମହାତ୍ମାଗାନ୍ଧୀ ଓଡ଼ିଶା ଆସିଲେ । ସ୍ୱରାଜ୍ୟ ଆଶ୍ରମରେ ସଭା ହେବ । ସମଗ୍ର ଓଡ଼ିଶାବାସୀ ଧାଇଁଲେ ବାପୁଜୀଙ୍କୁ ଦେଖିବାପାଇଁ । ବିଜୁବାବୁ ବାପୁଜୀଙ୍କୁ ପାଖରୁ ଦେଖିବେ । ତାଙ୍କର ମହତବାଣୀ ଶୁଣିବେ ବୋଲି ଛୁଟି ଯାଇଥିଲେ । ସେ ଆଗେଇଯାଇ ଭିଡ଼ ଭିତରେ ପଶିଲେ । ପୋଲିସ୍ ଫଉଜ୍ ପଥ ଓଗାଳିଲେ । ସେ ତ ଡରିବାର ପିଲା ନୁହନ୍ତି । ସେ ତାଙ୍କ କଥା ନମାନି ଆଗକୁ ମାଡ଼ି ଚାଲିଲେ, କିନ୍ତୁ ପଛରୁ ଏସ୍.ପି. ସାହେବଙ୍କ ଲାଠିମାଡ଼ରେ ତାଙ୍କ ମୁଣ୍ଡରୁ ରକ୍ତ ଝରୁଥାଏ । ଏହି ମାଡ଼ର ପ୍ରତିଶୋଧ ନିଆଁ ତାଙ୍କ ହୃଦୟର ପ୍ରତି କୋଣ ଅନୁକୋଣରେ ଜଳି ଉଠିଲା । ସୁଯୋଗ ଆସିଲା, କଡ଼ା ଗଣ୍ଡାକରି ପ୍ରତିଶୋଧ ନେଲେ । ଏମିତି ମାଡ଼ ଦେଲେ ଯେ ଏସ୍.ପି.ଙ୍କ ଗୋଡ଼ ଭାଙ୍ଗିଗଲା ଓ କଟକରେ ଚିକିତ୍ସିତ ନହୋଇପାରି ତାଙ୍କ ଦେଶ ଇଂଲଣ୍ଡକୁ ପଳାଇଗଲେ । ଏହିପରି ଅନେକ ଦୁଃସାହସିକ କାର୍ଯ୍ୟ ତାଙ୍କ ଜୀବନରେ ଦେଖାଇ ଯାଇଥିଲେ । ୧୯୩୨ ମସିହା ମଇ ମାସ ୧ ତାରିଖରେ ସାଇକେଲ ଯୋଗେ କଟକରୁ ପେଶୱାର ଯାତ୍ରା, ପାଖରେ କିଛି ଅସ୍ତ୍ର ନଥାଇ ବାଘ ହବୁଡ଼ରୁ ମୁକ୍ତି, ସାମାନ୍ୟ ଛତାଟିଏ ପାଇଁ ଝଡ଼ ତୋଫାନ୍‌ରେ ଦୁଇକୂଳ ଖାଇ ଭୟଙ୍କର ଗର୍ଜନ କରୁଥିବା କାଠଯୋଡ଼ି ପାରି ହେବା ଇତ୍ୟାଦି।

ପିତା ଲକ୍ଷ୍ମୀନାରାୟଣ ଓ ମାତା ଅଶା ଦେବୀଙ୍କର ଅନେକ ସ୍ୱପ୍ନ ଥିଲା । ସେ ପିତା ମାତାଙ୍କର ସବୁ ସ୍ୱପ୍ନ ବାସ୍ତବରେ ରୂପାୟନ କରିଥିଲେ। ମା' ଆଶା ଦେବୀଙ୍କର ଆଶା ଥିଲା ପୁଅ ମୋର ଆକାଶରେ ଉଡ଼ିବ। ସାହସୀ ଯୁବକ ନହେଲେ କିଏ ବା ନୀଳ ଆକାଶରେ ଉଡ଼ିବାକୁ ଇଚ୍ଛା କରିବ। ବିମାନ ଚାଳନା କ୍ଷେତ୍ରରେ ବହୁ ବିପଦର ସମ୍ମୁଖୀନ ହୋଇ ମଧ୍ୟ ସେ ଭାଙ୍ଗି ପଡ଼ିନଥିଲେ। ତାଙ୍କ ଜାହାଜ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଥିଲେ ମଧ୍ୟ ନିଜ ଜାତିର ମହତ୍ୱକୁ ତଳେ ନପକାଇ ବଜାୟ ରଖିଥିଲେ। ସବୁ ବିପଦରୁ ନିଜକୁ ରକ୍ଷାକରି ପୃଥିବୀର ଜଣେ ଦକ୍ଷ ବିମାନ ଚାଳକ ରୂପେ ସୁନାମ ଅର୍ଜନ କରିଛନ୍ତି।

ଦିନେ ଆମ ସ୍ୱାଧୀନତା ସଂଗ୍ରାମ ମହାନରଥୀ ଜୟପ୍ରକାଶ ନାରାୟଣ ବିଜୁବାବୁଙ୍କୁ ସାକ୍ଷାତ କରି କହିଲେ- 'ବ୍ରିଟିଶ୍ ସରକାର ମୋତେ ଯେକୌଣସି ସମୟରେ ବନ୍ଦୀ କରିପାରେ । ଆପଣ ମୋତେ ବିମାନରେ ନେଇ ଯେକୌଣସି ଅଜଣା ସ୍ଥାନରେ ଛାଡ଼ିପାରିବେ ?' ବିଜୁବାବୁ ହସି ହସି କହିଲେ- 'ମାତୃଭୂମି ସେବାପାଇଁ ମୁଁ ଚାକିରି ଛାଡ଼ି ଦେଇପାରେ, କିନ୍ତୁ ମୁଁ ମାତୃଭୂମି ପାଇଁ ଏତିକି କାମ କ'ଣ କରିପାରିବି ନାହିଁ ?'

୧୯୪୨ ମସିହାରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମର ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା । ଭାରତବର୍ଷର ଚାରିଆଡୁ ଶୁଭିଲା 'ହେ ଇଂରେଜ ସରକାର, ଭାରତ ଛାଡ଼' । ଏ ଥିଲା ମାତୃଭୂମିର ଡାକ । ଏ ଡାକ ଓଡ଼ିଆ ପୁଅ ବିଜୁବାବୁଙ୍କୁ ବିଚଳିତ କରିଦେଲା । ସଂଗ୍ରାମୀ ରକ୍ତ ପ୍ରଭାବିତ ଦେହ ତାଙ୍କର ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ପ୍ରସ୍ତୁତ ହୋଇଗଲା । ତାଙ୍କ ମନରେ ଏକ ପ୍ରଶ୍ନବାଚୀ, ଦେଶ ଯଦି ପରାଧିନ ଚାକିରୀ କରି ଲାଭ କ'ଣ ? ଇଂରେଜ ମାନଙ୍କ କବଳରୁ ସଂଗ୍ରାମୀ ମାନଙ୍କୁ ରକ୍ଷା କରିବା ପାଇଁ ବିମାନରେ ନେଇ ନିରାପଦ ସ୍ଥାନରେ ଛାଡ଼ିଦେଇ ଆସୁଥିଲେ । ତାଙ୍କ ବିମାନରେ ଛଦ୍ମବେଶରେ ଜୟପ୍ରକାଶ, ମହାନ ସଂଗ୍ରାମୀ ଅରୁଣ ଆସଫ୍ ଅଲ୍ଲୀ, ଅଶୋକ ମେହେଟ୍ଟା, ରାମ ମନୋହର ଲୋହିଆ, ଅଚ୍ୟୁତ ପଟବର୍ଦ୍ଧନ ଇତ୍ୟାଦି ଯାଇ ନିରାପଦ ସ୍ଥାନରେ ଆଶ୍ରୟ ନେଇଥିଲେ । କିନ୍ତୁ ହିଂସ୍ର ବ୍ରିଟିଶ୍ ସରକାର ବିଜୁଙ୍କୁ ସନ୍ଦେହ କରି ୧୯୪୩ ମସିହା ଜାନୁଆରୀ ୧୩ ତାରିଖରେ ଗିରଫ୍ କଲେ । ତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଆରମ୍ଭ ହେଲା । ଲାଠି ପ୍ରହାରରେ ଦେହ ସାରା ରକ୍ତାକ୍ତ ହୋଇଗଲା । ମୁଣ୍ଡ ଫାଟିଗଲା । ତଥାପି ତାଙ୍କ ଆଖିରେ ଲୁହ ନଥାଏ । ହସି ହସି ମାତୃଭୂମି ପାଇଁ ଏ ଦଣ୍ଡ ସହିଗଲେ । ସେଦିନ ତାଙ୍କ ଉପରେ ପୋଲିସ୍‌ର ଏ ଅତ୍ୟାଚାର ଯେଉଁମାନେ ଦେଖିଛନ୍ତି, ଜଣେ ଓଡ଼ିଆ



ପୁଅର ସାହସ ଓ ଧୈର୍ଯ୍ୟ ଦେଖି ଚକିତ ହୋଇଛନ୍ତି । ପ୍ରଥମେ ତାଙ୍କୁ ଲାଲକିଲ୍ଲା ଜେଲ୍‌ରେ ରଖାଗଲା । ପରେ ଦିଲ୍ଲୀ ଜେଲ୍‌ରେ ଓ ଶେଷରେ ୧୯୪୫ ମସିହାରେ କଟକ ଜେଲ୍‌ରୁ ଖଲାସ୍ ହେଲେ । ଜେଲ୍‌ରୁ ଖଲାସ ହୋଇ ବିଜୁବାବୁ କଟକ ଆନନ୍ଦ ଭବନରେ ଅବସ୍ଥାନ କଲେ। ଘରେ ନଜରବନ୍ଦୀରେ ଥାଆନ୍ତି । ସ୍ୱଦେଶ ପ୍ରେମୀ ଯୁବକ ବିଜୁ କିନ୍ତୁ ଘରେ ସ୍ଥିର ହୋଇ ବସି ପାରିଲେ ନାହିଁ। ଦରିଦ୍ର ଓଡ଼ିଶାର କଥା ଭାବିବାକୁ ଲାଗିଲେ। ଯେଉଁ ଜାତି ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ସେ ଆଜି ହୋଇଛି କ'ଣ ? ତା ଅଣ୍ଟାରେ ଆଜି ପଇସା ନାହିଁ । ପେଟରେ ଦାନା ନାହିଁ। ଓଡ଼ିଆ ମାନଙ୍କର ଅବସ୍ଥାର ପରିବର୍ତ୍ତନ ପାଇଁ ସେ ଶିଳ୍ପ କାରଖାନା ପ୍ରତିଷ୍ଠା କରିବାକୁ ସ୍ଥିର କଲେ। ସେ 'ବି ପଟ୍ଟନାୟକ ଏଣ୍ଡ କମ୍ପାନୀ' ନାମରେ ଗୋଟିଏ ବ୍ୟବସାୟ ପ୍ରତିଷ୍ଠାନ ଆରମ୍ଭ କଲେ। ପ୍ରଥମେ ଚୌଦ୍ୱାରରେ ଲୁଗାକଳ, କଳିଙ୍ଗ ଆଇରନ୍ ଏଣ୍ଡ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍, କଳିଙ୍ଗ ପାଇପ୍ କାରଖାନା, କଳିଙ୍ଗ ରେଫ୍ରିଜେସନ ଓ କଳିଙ୍ଗର ଏୟାର ଲାଇନ୍ ମଧ୍ୟ ପ୍ରତିଷ୍ଠା କଲେ । ସେ ଯାହା କରିଛନ୍ତି କଳିଙ୍ଗ ନାମରେ ନାମିତ କରିଛନ୍ତି । ନିଜର ମାତୃଭୂମି କଳିଙ୍ଗ ପ୍ରତି କେତେ ଗଭୀର ମମତା ଏଥିରୁ ବେଶ୍ ଜଣାପଡ଼େ।

୧୯୪୭ରେ ଆମ ଦେଶ ସ୍ୱାଧୀନ ହେଲା । ସେହି ବର୍ଷ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମ ଖୁବ୍ ଜୋର୍‌ରେ ଚାଲିଥାଏ । ସୁଦର୍ଶନ ଯୁବକ କଳିଙ୍ଗର ସନ୍ତାନ ଓଡ଼ିଆ ପୁଅ ବିଜୁବାବୁ ଇଣ୍ଡୋନେସିଆର ସ୍ୱାଧୀନତା ଆଣି ଦେବି ବୋଲି ମନରେ ସାହସ ବାନ୍ଧିଲେ । ପଣ୍ଡିତ ଜବାହାରଲାଲ ନେହେରୁ ଏପରି ଦୃଢ଼ ପ୍ରତିଶ୍ରୁତି ଶୁଣି ଆଶ୍ଚର୍ଯ୍ୟ ହେଲେ। ପଣ୍ଡିତଜୀ ଭାବିଲେ 'ବିଜୁ ମୃତ୍ୟୁ ଗହ୍ୱରରେ ପଶି ସତରେ କ'ଣ ସେ ବିଜୟର ଟୀକା ପିନ୍ଧି ପାରିବେ' । ସୁଦକ୍ଷ ବିମାନଚାଳକ ବିଜୁବାବୁ ବିମାନଟିକୁ କୌଶଳ କ୍ରମେ ବାଟାଭିଆ ଉପରେ ଉଡ଼ାଇ ନିରାପଦରେ ଯାଇ ଯୋଗିଆକର୍ତ୍ତାରେ ପହଞ୍ଚିଲେ । ଇଣ୍ଡୋନେସିଆର ସ୍ୱାଧୀନତା ଆଣିଦେଲେ । ଇଣ୍ଡୋନେସିଆର ସ୍ୱାଧୀନତା ପାଇଁ ଓଡ଼ିଆ ପୁଅର ଯେଉଁ ତ୍ୟାଗ ସେଠାକାର ଲୋକମାନେ ଏପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି । ସେଠାକାର ସୁକର୍ଣ୍ଣ ସରକାର ତାଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହିତ ପ୍ରାୟ ପାଞ୍ଚଶହ କୋଟି ଟଙ୍କାର ସଂପତ୍ତି ପ୍ରଦାନ କରିଥିଲେ । ଏତିକି ପ୍ରଦାନରେ ସେଠାକାର ସରକାର ଓ ଜନସାଧାରଣ ସନ୍ତୁଷ୍ଟ ହେଲେ ନାହିଁ । ଆମ ଦେଶର 'ଭାରତରତ୍ନ' ପରି ସେ ଦେଶର ସର୍ବଶ୍ରେଷ୍ଠ ଉପାଧି 'ଭୂମିପୁତ୍ର'ରେ ଭୂଷିତ କଲେ। ସେଠାରେ ପାଇଥିବା ସମସ୍ତ ସମ୍ପତ୍ତିକୁ ବିଜୁବାବୁ ସେ ଦେଶର ଜନସାଧାରଣଙ୍କୁ କଲ୍ୟାଣ ପାଇଁ ଫେରାଇ ଦେଲେ।

୧୯୪୬ ମସିହା ଠାରୁ ବିଜୁବାବୁଙ୍କ ରାଜନୀତି ରଥର ଚକ ଗଡ଼ି ଚାଲିଲା ରାଜନୀତିର ଅମଡ଼ାବାଟରେ । ରାଜନୀତି ଯୁଦ୍ଧରେ ସେ ଜଣେ ସଫଳ ଯୋଦ୍ଧା ଥିଲେ । ପ୍ରଥମ ଜୀବନରେ ସେ ସିନା ଜଣେ ସୈନିକ, କିନ୍ତୁ ରାଜନୀତିରେ ସେ ଜଣେ ସୁଦକ୍ଷ ସେନାପତି ଥିଲେ। ଜୀବନ ସଂଗ୍ରାମରେ ସେ ଅନେକଥର ଜିତିଛନ୍ତି ଓ ହାରିଛନ୍ତି। ହାରିବାରେ ଦୁଃଖ ନଥିଲା ତାଙ୍କର। ଜୟ ପରାଜୟ ତାଙ୍କ ପାଖରେ ସବୁ ସମାନ। ୧୯୪୬ ମସିହାରେ ବ୍ୟବସ୍ଥାପକ ସଭାର ସଭ୍ୟ, ୧୯୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳରୁ ବିଧାୟକ, ୧୯୬୧ ମସିହାରେ ଓଡ଼ିଶା କଂଗ୍ରେସ ଦଳର ସଭାପତି ହୋଇଥିଲେ। ସେହି ବର୍ଷ ମଧ୍ୟ ନିର୍ବାଚନରେ ବିଧାନ ସଭାକୁ ଆସିଲେ। କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା, ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ୧୯୭୬ରେ କେନ୍ଦ୍ରରେ ଗଠିତ ଜନତା ଦଳରେ ତାଙ୍କର ଭୂମିକା ସର୍ବାଧିକ। ଜନତା ଦଳ ଜିତିଲା, ମୋରାଜୀ ଦେଶାଇ ପ୍ରଧାନମନ୍ତ୍ରୀ ହେଲେ। ତାଙ୍କ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇ ଇସ୍ପାତ ଓ ଖଣି ବିଭାଗର ଦାୟିତ୍ୱ ସଫଳତାର ସହ ତୁଲାଇଲେ। ୧୯୯୦ରେ ତାଙ୍କ ନେତୃତ୍ୱରେ ଓଡ଼ିଶାର ମନ୍ତ୍ରୀମଣ୍ଡଳ ଗଠିତ ହେଲା। ସେ ହେଲେ ଓଡ଼ିଶାର ସର୍ବମୟ କର୍ତ୍ତା ବା ଓଡ଼ିଶାର ମୁଖ୍ୟମନ୍ତ୍ରୀ। ସେ ପାଞ୍ଚବର୍ଷ କାଳ ଯୁବକଙ୍କ ପରି କଠିନ ପରିଶ୍ରମ କରି ଓଡ଼ିଶାକୁ ଉନ୍ନତି ପଥରେ ଆଗେଇ ନେଲେ । ୧୯୯୫ ନିର୍ବାଚନରେ ସେ ଭୁବନେଶ୍ୱରରୁ ନିର୍ବାଚିତ ହୋଇ ବିଧାନସଭାର ବିରୋଧୀଦଳର ନେତା ହେଲେ । ୧୯୯୬ରେ କଟକ ଓ ଆସ୍କା ଆସନରୁ ପୁଣି ଥରେ ଲୋକସଭାକୁ ନିର୍ବାଚିତ ହୋଇ ଓଡ଼ିଶାର ଦାବୀ ସେଠାରେ ଉପସ୍ଥାପନା କଲେ।

ଏକାଅଶୀ ବର୍ଷରେ ସେ ବୃଦ୍ଧ ହୋଇ ମଧ୍ୟ ଯୁବକଙ୍କ ପରି କାମ କରୁଥିଲେ । ଦିଲ୍ଲୀରେ ଅବସ୍ଥାନ ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ। ପ୍ରଥମେ ସେ ରାମ ମନୋହର ଲୋହିଆ ଡାକ୍ତରଖାନାରେ ଚିକିତ୍ସିତ ହେଲେ । ଅବସ୍ଥାର ପରିବର୍ତ୍ତନ ପାଇଁ ଉନ୍ନତ ଚିକିତ୍ସା ପାଇଁ ଏସ୍‌କର୍ଟ ହସ୍‌ପିଟାଲ୍‌କୁ ନିଆଗଲା । କିନ୍ତୁ ସବୁ ଚେଷ୍ଟା ବିଫଳ । ୧୧୯୭ ମସିହା ଅପ୍ରେଲ୍ ମାସ ୧୭ ତାରିଖ ଗୁରୁବାର, ସକାଳ ଆଠଟା । ପନ୍ଦର ମିନିଟ୍‌ରେ ସେ ଶୋଇଗଲେ ମହାନିଦ୍ରାରେ ।କଳିଙ୍ଗ ଆକାଶରୁ ଏକ ଦୀପ୍ତିମାନ ନକ୍ଷତ୍ର ଖସିପଡ଼ିଲା । ତାଙ୍କ ସ୍ୱପ୍ନର ଓଡ଼ିଶା ଦୁଃଖ ଓ ଯନ୍ତ୍ରଣାରେ ନୀରବ ଓ ନିସ୍ପନ୍ଦ ହୋଇଗଲା । ସମସ୍ତଙ୍କ ମୁହଁରୁ ଶୁଣାଗଲା ବିଜୁବାବୁ ଆଉ ନାହାନ୍ତି। ତାଙ୍କର ଅନ୍ତିମ ଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ସମେତ ମନ୍ତ୍ରୀମଣ୍ଡଳର ସଭ୍ୟ, ବିରୋଧୀ ଦଳର ନେତୃବୃନ୍ଦ, ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ସମଗ୍ର ଓଡ଼ିଶାର ଜନତା ଛୁଟିଲେ ଡାକ୍ତରଖାନାକୁ । ସବୁଠି ଆଲୋକ ଥାଇ ଅନ୍ଧାର ପରି ଲାଗିଲା । ଅପ୍ରେଲ ମାସ ଅଠର ତାରିଖ ଦିନ ସ୍ୱର୍ଗତ ନେତାଙ୍କର ମରଶରୀର ବିମାନ ଯୋଗେ ଭୁବନେଶ୍ୱର ଅଣାଗଲା । ହଜାର ହଜାର ଲୋକ ଉଚ୍ଚସ୍ୱରରେ ରୋଦନ କରୁଥିଲେ। ଶେଷର ତାଙ୍କ ନିଜଘର ନବୀନ ନିବାସକୁ ଅଣାଯାଇଥିଲା। ନବୀନ ନିବାସରୁ ସ୍ୱର୍ଗଦ୍ୱାର, ମହାନାୟକ ପ୍ରବାଦ ପୁରୁଷ ବିଜୁବାବୁଙ୍କ ମରଶରୀର ପୁରୀରେ ପହଞ୍ଚିଲା। ପାଞ୍ଚଲକ୍ଷ ଜନତାଙ୍କ ସମାଗମରେ ଏକ ରଥଯାତ୍ରାର ଭ୍ରମ ସୃଷ୍ଟି କରାଗଲା। ଠିକ୍ ସେହି ସମୟରେ ସଂପୂର୍ଣ୍ଣ ରାଷ୍ଟ୍ରିୟ ମର୍ଯ୍ୟାଦାରେ ତାଙ୍କ ମରଶରୀରରେ ଅଗ୍ନି ସଂଯୋଗ କରାଗଲା। ସମସ୍ତ ଜନତାଙ୍କ କଣ୍ଠରୁ ଗଗନ ପବନ ପ୍ରକମ୍ପିତ କରି ଧ୍ୱନିତ ହେଉଥିଲା - 'ବିଜୁବାବୁ ଅମର ରହେ, ଜବ୍‌ତକ୍ ଚାନ୍ଦ ସୁରୁଜ ରହେଗା ।'






ପାରାଦ୍ୱୀପଗଡ଼
ଦୂରଭାଷ: ୯୯୩୭୬୯୧୪୭୫

# ଗୋପାଳ ଭାଇଙ୍କ କାଠି ଲଉଡି ଖେଳକୁ ବିଭିନ୍ନ ମହଲରେ ପ୍ରଶଂସା

**ଜଗତ୍‌ସିଂହପୁର :** ପ୍ରଥା-ପରମ୍ପରାକୁ ନେଇ ବର୍ଷକୁ ଥରେ ଗୋପାଳ ଭାଇମାନେ ଦୋଳପର୍ବ ଖୁବ୍ ଜାକଜକମରେ ପାଳନ କରିଥାନ୍ତି। ଦୋଳ ପୂର୍ଣ୍ଣିମାର ଏକମାସ ପୂର୍ବରୁ ଜାଡୁଆମାନେ ସେମାନଙ୍କର ବ୍ରତପାଳନ କରିବା ସହିତ ଜାଡୁଆ ଭାବେ ଅଣ୍ଟାରେ ଘାଗେଡି, ଘଣ୍ଟି ପିନ୍ଧି ଶହ ଶହ ଭାଇମାନଙ୍କୁ ଧରି ସିଙ୍ଗା ଫୁଙ୍କି ଓ ଗୋପାଳ ଓଗାଳ ବୋଲି ଗାଁ ଗାଁ ବୁଲି ସେମାନଙ୍କର ନଉଡି ଖେଳ ଦେଖାଇଥାନ୍ତି । ଏହି ଜାଡୁଆଙ୍କ ନଉଡି ଖେଳ ଦେଖିବା ପାଇଁ ଗାଁ ଗହଳିରେ ଭିଡ ମଧ୍ୟ ଲାଗି ରହିଥାଏ। ଗୋପାଳ ଭାଇଙ୍କ ଏହି ଦୋଳ ପର୍ବଟି ଲୋକମାନଙ୍କର ରଜପର୍ବଠାରୁ ବଳି ଯାଇଥାଏ । ଯେତେଗରିବ ଲୋକ ହେଲେ ବି ଏହି ପର୍ବ ବେଳେ ଛୋଟ ପୁଅ ଝିଅଠୁ ଆରମ୍ଭ କରି ବୁଢ଼ାବୁଢ଼ି ପର୍ଯ୍ୟନ୍ତ ସମସ୍ତେ ନୂଆବସ୍ତ୍ର ଧାରଣ କରି ଖୁବ୍ ମଉଜ ମଜଲିସ୍‌ରେ ପର୍ବଟିକୁ ପାଳନ କରିଥାନ୍ତି। ସମସ୍ତ ଗୋପାଳ ଭାଇମାନେ ଏହି ଦିନରେ ଆରସିପିଠା ଓ ପୁରୀ କରି ସାଇପଡିଶା ମାନଙ୍କରେ ବଣ୍ଟନ କରିଥାନ୍ତି। ସେମାନଙ୍କର ଏହି ପର୍ବ ପାଳନ କରିବାରେ





ପ୍ରଥା ଆଜିଯାଏ ବଞ୍ଚିରହିଛି। ସରକାରୀ ଚାକିରୀ ହେଉ ବା ଦୂରସ୍ଥାନମାନଙ୍କରେ ଥିଲେ ବି ଦୋଳପର୍ବ ବେଳକୁ ସେମାନେ ନିଜ ଘରକୁ ଫେରି ଖୁବ୍ ଧୁମ୍ ଧାମ୍‌ରେ ପର୍ବ ପାଳନ କରିଥାନ୍ତି। ଫଗୁ ଦୋଳ ଶେଷ ହେଲେ ତାଙ୍କ ଦୋଳ ପର୍ବ ବି ଶେଷ ହୋଇଥାଏ। ସେଥିପାଇଁ ଜିଲ୍ଲାରେ ବହୁ ସ୍ଥାନରେ କାଠି ଲଉଡି ଖେଳ ଜାରି ରହିଛି । ଛୁଆମାନଙ୍କଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସେମାନେ ସ୍ୱତନ୍ତ୍ର ବେଶ ପୋଷାକ ପରିଧାନ କରି ଲଉଡି ବାଡି ହାତରେ ଧରି ବିଭିନ୍ନ ସ୍ୱରରେ ଗୀତ ଗାଇ ସେମାନଙ୍କର ପବିତ୍ର ପଞ୍ଚୁଦୋଳ ପାଳନ କରି ଭାଇଚାରା ସମ୍ପର୍କ ବଜାୟ ରଖିଛନ୍ତି । ଯାହାର ଏକ ନିଛକ ନମୁନା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଠାକୁରାଣୀ ମୂଳରେ ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ଲଉଡି ଖେଳିବା ପାଇଁ ସେମାନେ ସଜାଇ ହୋଇ ଆସି ଗୀତ ସାଙ୍ଗକୁ ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ଲଚାଲଚି କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥାନ୍ତି। ଏହି ସ୍ଥାନକୁ ବିଭିନ୍ନ ଅଞ୍ଚଳର କାଠି ଲଉଡି ଖେଳାଳି ଆସି ସୋମନଙ୍କର ପରାକାଷ୍ଠା ଦେଖାଇଥାନ୍ତି। ଏହି ଲଉଡି ଖେଳ ଦେଖିବା ପାଇଁ ଶହ ଶହ ପୁରୁଷ ଓ ମହିଳା ଉପସ୍ଥିତ ରହି ଖୁସି ମନାନ୍ତି । ସେମାନଙ୍କ କଳାକୁ ବଞ୍ଚାଇ ରଖିଥିବାରୁ ଖୁସି ହୋଇ ପୁରସ୍କୃତ ରାଶି ମଧ୍ୟ ପ୍ରଦାନ କରିବାରେ ସହାୟତର ହାତ ବଢ଼ାଇ ଦେଇଥାନ୍ତି। ଏହି ଗୁଆଳିପୁର ଠାକୁରାଣୀ ମୂଳରେ ଦୀର୍ଘବର୍ଷ ଧରି କାଠିଲଉଡି କାର୍ଯ୍ୟ ଚାଲୁଥିଲେ ବି ଗ୍ରାମବାସୀଙ୍କ ସହାୟତା ଓ ସହଯୋଗ ଲାଗିରହିଛି। ଏହି ଗାଁଟିର ଏକ ସ୍ୱତନ୍ତ୍ର ପରିଚୟ ବହୁ ଆଗରୁ ରହିଅଛି। ଏହି ଗ୍ରାମର ଗଜାଗୋସାଇଁଙ୍କ ପୀଠ ହେଉବା ଗ୍ରାମଦେବତୀ ଠାକୁରାଣୀ ମୂଳ ହେଉ ଏଠିକାର ଅଧିବାସୀମାନେ ଆଜି ନିଜ ନିଜର ପ୍ରତିଷ୍ଠା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରତିବର୍ଷ ଏହି ପଞ୍ଚୁଦୋଳ ଦିନ ଯେଉଁ କାଠିଲଉଡି ଖେଳ ହୋଇଥାଏ ତାହାର ନେତୃତ୍ୱ ନେଇଥାନ୍ତି ଏହି ଗ୍ରାମର ଜଣେ ପାଲା ବାୟକ ଶୁକଦେବ ଦାସ ଓ ତାଙ୍କ ସହିତ ସହଯୋଗ କରିଥାନ୍ତି ଗ୍ରାମର ମୁରବି ତଥା ରାଜନୈତିକ ସମୀକ୍ଷକ ଜ୍ଞାନରଞ୍ଜନ ପଟ୍ଟନାୟକ, ରବିନ୍ଦ୍ରନାଥ ସ୍ୱାଇଁ, ସର୍ବେଶ୍ୱର ପଟ୍ଟନାୟକ, ପବିତ୍ରମୋହନ ଦାସ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ତପନ ମହାରଣା, ଅଜିତ୍ କୁମାର ମହାରଣା, ତୋଫାନ ଦାସ, ହୃଷିକେଶ ଦାସ, ଗୁନ ଦାସ, ପାତନ ଦାସ, ଅଦୈତ ପ୍ରସାଦ ସ୍ୱାଇଁ, ବିଚିତ୍ର ଦାସ ଓ ରାଜକିଶୋର ଦାସ ପ୍ରମୁଖ।



# ସତ ମାନୁନି କୋଟିପତି ଠକ; ପୋଲିସକୁ ଆଇନ ପାଠ ପଢ଼ାଉଛି





**ଭୁବନେଶ୍ୱର :** ଓଏଲଏକ୍ସରେ ବିଜ୍ଞାପନ ଦେଇ ସେକେଣ୍ଡ ହ୍ୟାଣ୍ଡ ଚାରିଚକିଆ ଗାଡି ବିକ୍ରି ନାଁରେ ଲୋକଙ୍କୁ କୋଟି କୋଟି ଟଙ୍କା ଠକିଥିବା ଠକ ତୃପ୍ତିରଞ୍ଜନ ଦାସ ଏବେ ପୋଲିସ ରିମାଣ୍ଡରେ ଅଛି। ବଡଗଡ ଥାନା ଯେତେ ଜେରା କଲେ ବି ତଦନ୍ତରେ ସହଯୋଗ କରୁନାହିଁ ତୃପ୍ତି। ଓଲଟା ପୋଲିସକୁ ଆଇନର ପାଠ ପଢ଼ାଉଛି। ଲୋକଙ୍କ ଠାରୁ ଠକିଥିବା କୋଟି କୋଟି ଟଙ୍କା ସେ କେଉଁଠାରେ ରଖିଛି ସେ ସମ୍ପର୍କରେ ପଦେ ହେଲେ ମୁହଁ ଖୋଲୁନାହିଁ। ଯେହେତୁ ତୃପ୍ତି ଜଣେ ଏଲ୍‌ଏଲ୍‌ବି ଡିଗ୍ରୀଧାରୀ ତେଣୁ ଆଇନର କେଉଁ ଧାରାରେ ଖସିହେବ ସେହି କୌଶଳ ଅବଲମ୍ବନ କରିଚାଲିଛି। ଆଇନଗତ ଭାବେ ପୋଲିସକୁ କିଭଳି ଚେକ୍ ଦେଇହେବ ସେହି ଉପାୟ ପ୍ରୟୋଗ କରି ତଦନ୍ତକାରୀ ଟିମ୍‌କୁ କୌଣସି ଠୋସ୍ ତଥ୍ୟ ଦେଉନାହିଁ। କୁଖ୍ୟାତ ଠକ ତୃପ୍ତି ରାଜଧାନୀର ଚାରିଆଡେ ବୁଲି ବୁଲି ଅଫିସ ଖୋଲୁଥିଲା। ସେଠାରେ ଲୋକଙ୍କ ଟଙ୍କା ଠକିନେବା ପରେ ଲୋକେ ଟଙ୍କା ପାଇବାକୁ ଅଫିସ ଆସିଲେ ସେମାନଙ୍କୁ ସାବାଡ କରିବା ପାଇଁ ବାଉନ୍ସର ରଖି ଧମକଚମକ ମଧ୍ୟ ଦେଉଥିଲା। ସୁନ୍ଦରୀ ଯୁବତୀମାନଙ୍କୁ ରିସେପସନିଷ୍ଟ ଭାବେ ରଖି ସେ ଲୋକଙ୍କୁ ଆକର୍ଷିତ କରିଚାଲିଥିଲା। ଯେତେବେଳେ ଧରାପଡିବାର ଭୟ ରହୁଥିଲା ସେତେବେଳେ ତୁରନ୍ତ କାର୍ଯ୍ୟାଳୟ ପରିବର୍ତ୍ତନ କରି ଅନ୍ୟ ଜାଗାରେ ନୂଆ ଅଫିସ ଖୋଲୁଥିଲା। ଠକ ତୃପ୍ତିର କାରନାମା ବିଷୟରେ ୨୦୧୩ ମସିହାରେ କମିଶନରେଟ୍ ପୋଲିସରେ ଅଭିଯୋଗ ହୋଇଥିଲା ବେଳେ ପୋଲିସ ଘଟଣାକୁ ଚାପି ଦେଇଥିଲା। ଇଓଡବ୍ଲ୍ୟୁରେ ମଧ୍ୟ ତୃପ୍ତି ନାଁରେ ଅନେକ ଅଭିଯୋଗ ରହିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା କାରଣରୁ ସେ ନିଜର ଠକ୍ ସାମ୍ରାଜ୍ୟ ବିସ୍ତାର କରି ଚାଲିଥିଲା। ତେବେ କମିଶନରେଟ୍ ପୋଲିସର ଠକ୍ ପ୍ରତି ଦରଦ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମିଶନରେଟ୍ ପୋଲିସର ବହୁ ଅଧିକାରୀ ତୃପ୍ତି ଲିଙ୍କ୍‌ରେ ଥିବା ନେଇ ମଧ୍ୟ ଅଭିଯୋଗ ଉଠୁଛି। ବର୍ତ୍ତମାନ ବଡଗଡ ଥାନା ପୋଲିସ ମାମଲାର ତଦନ୍ତ କରି ଅନେକ ତଥ୍ୟ ପାଇସାରିଛି। ଯାହା ଜଣାପଡିଛି ତୃପ୍ତି ଖୋଲିଥିବା ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ସହାୟକଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି। ଏଥିସହିତ ତୃପ୍ତିର ସମ୍ପର୍କୀୟଙ୍କ ପାଖକୁ କେତେ ଟଙ୍କା ଯାଇଛି ତାହାର ଖୋଳତାଡ ଚାଲିଛି। ଅଧିକ ତଥ୍ୟ ସଂଗ୍ରହ ଲାଗି ପୋଲିସ ସଂସ୍ଥାର କର୍ମଚାରୀ ଏବଂ ତାର କିଛି ସମ୍ପର୍କୀୟଙ୍କୁ ତଦନ୍ତ ପରିସରଭୁକ୍ତ କରିପାରେ। ତୃପ୍ତି ବ୍ୟାଙ୍କ ଆକାଉଣ୍ଟରୁ ୨ଥରରେ ମିଳିଥିବା ୧୦ ଲକ୍ଷ ଓ ୩ ଲକ୍ଷ ଟଙ୍କାର ତଥ୍ୟ ପୋଲିସ ପାଇଛି। ତଥ୍ୟ ମିଳିଥିବା ବ୍ୟାଙ୍କ ଆକାଉଣ୍ଟ ବାହାରେ ତୃପ୍ତିର ଆଉ କେଉଁ କେଉଁ ବ୍ୟାଙ୍କରେ ଟଙ୍କା ଜମା ରହିଛି ପୋଲିସ ଏହାର ଅନୁସନ୍ଧାନ କରୁଛି। ତେବେ ତୃପ୍ତି ବିରୋଧରେ ଦିନକୁ ଦିନ ଅଭିଯୋଗ ସଂଖ୍ୟା ବଢ଼ିଚାଲିଛି। ଏନେଇ ଗତ ଶୁକ୍ରବାର ପର୍ଯ୍ୟନ୍ତ କେବଳ ବଡଗଡ ଥାନାରେ ତୃପ୍ତି ବିରୋଧରେ ୨୪ଟି ମାମଲା ପହଞ୍ଚିଛି। ଅଭିଯୋଗ ସଂଖ୍ୟା ଆହୁରି ବଢ଼ିବ ବୋଲି ଅନୁମାନ କରୁଛି ପୋଲିସ। ତେବେ ଫେରାର ହୋଇଯାଇଥିବା ତୃପ୍ତିର ପତ୍ନୀକୁ ଏବେ ପୋଲିସ ଖୋଜୁଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଏହି କୋଟିପତି ଠକକୁ ଗିରଫ କରିଥିଲା ବଡଗଡ ଥାନା ପୋଲିସ। ୧୪ ତାରିଖରେ ତୃପ୍ତିକୁ ରିମାଣ୍ଡରେ ଆଣି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ଚାରି ଚାରି ଥର ଗିରଫ ପରେ ବି ନିଜ ପୁରୁଣା ଅଭ୍ୟାସ ଛାଡ଼ି ପାରି ନ ଥିବା ଠକେଇ ସାମ୍ରାଜ୍ୟର ଅଘୋଷିତ ବାଦଶାହ ତୃପ୍ତିରଞ୍ଜନ ଦାସ ଏବେ କମିଶନରେଟ ପୋଲିସ୍ କବଜାରେ। ରାଜଧାନୀବାସୀଙ୍କୁ ଛାଡ଼ି ଦୂରଦୂରାନ୍ତ ଅଞ୍ଚଳବାସୀଙ୍କୁ ନିଜ ଟାର୍ଗେଟ କରୁଥିବା ତୃପ୍ତି ଦାସ। କୋଲକାତା ଦେଇ ଖସିଯିବାକୁ ଉଦ୍ୟମ କରି ପୋଲିସ ଜାଲରେ ଧରାପଡିଗଲେ। ତାଙ୍କ ମିଛ ସାମ୍ରାଜ୍ୟର ମାୟା ଜାଲରେ ପଶି ପୋଲିସ କେତେ ସତ ଓଗାଳି ପାରୁଛି ତାହା ସମୟ କହିବ। ପୋଲିସ ସୂଚନା ଅନୁଯାୟୀ, ଦୂରଦୂରାନ୍ତର ଲୋକଙ୍କୁ କମ୍ ଦାମ୍‌ରେ ଓଏଲଏକ୍ସ ଗାଡ଼ି ଯୋଗାଇ ଦେବାକୁ କହି ଫସାଉଥିଲେ ତୃପ୍ତି। ଏହାପରେ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଥିଲେ। କାହାକୁ ଗାଡ଼ି ଯୋଗାଉଥିବା ବେଳେ କିଛି ଦିନ ପରେ ଫାଇନାନ୍ସ କର୍ମଚାରୀ ତାହାକୁ ଟାଣି ନେଉଥିଲେ। ଆଉ କାହାଠୁ ଟଙ୍କା ନେଇ ଆଉ ଧରା ଦେଉ ନ ଥିଲେ। ଫୋନ୍ କଲେ ମିଳୁଥିଲା ଧମକ। ଓଏଲଏକ୍ସ ବିଜ୍ଞାପନ ନାଁରେ ପୁଳା ପୁଳା ଟଙ୍କା ଲୁଟି ଥିବା ତୃପ୍ତି ଠକେଇ ଟଙ୍କାରେ ଓଡିଆ ଫିଲ୍ମ ନିର୍ମାଣ କରୁଥିଲେ। 'ଦଫା-୩୭୬' ନାମକ ଫିଲ୍ମ ରିଲିଜ ହୋଇ ନ ଥିବା ବେଳେ ଠକେଇ ଟଙ୍କାର ସିଂହଭାଗ ଏହି ଫିଲ୍ମ ତିଆରିରେ ବିନିଯୋଗ ହୋଇଥିବା ଜଣାପଡିଛି। କେବଳ ତୃପ୍ତି ନା ତାଙ୍କ ସହ ଆଉ କେଉଁ ସହଯୋଗୀ ଏହି ଠକେଇ ଷଡଯନ୍ତ୍ର ଓ ବ୍ଲୁପ୍ରିଣ୍ଟରେ ସାମିଲ ଥିଲେ ସେମାନଙ୍କୁ ଧରିବା ପୋଲିସ୍ ପାଇଁ ଚ୍ୟାଲେଞ୍ଜ ହୋଇଛି। ଓଡିଶା ସିନେମା ବ୍ୟତିତ ଆଉ କେଉଁଠି ଟଙ୍କା ଲଗାଇଛି ତା'ର ଖୋଳତାଡ଼ କରୁଛି କମିଶନରେଟ ପୋଲିସ।

## ତଦନ୍ତ ସମ୍ପର୍କରେ ଯାହା କୁହନ୍ତି ବଡଗଡ ଥାନା ଆଇଆଇସି ବିଶ୍ୱଜିତ୍ ନାୟକ



ନିଶ୍ଚିତ ଭାବେ ଏହା ଏକ ବଡ ଧରଣର ଠକେଇ। ଅନେକ ଲୋକଙ୍କ ଠାରୁ ଗାଡିଦେବା ବାହାନାରେ କୋଟି କୋଟି ଟଙ୍କା ଠକି ନେଇଛି ତୃପ୍ତିରଞ୍ଜନ ଦାସ। ଯାହାର ପ୍ରମାଣ ଆମ ନିକଟରେ ରହିଛି। ଆମ ଥାନାରେ ଏଯାବତ ହୋଇଥିବା ୨୪ ଗୋଟି ଅଭିଯୋଗ ଆଧାରରେ ତଦନ୍ତ ପ୍ରକ୍ରିୟା ଜାରି ରହିଥିଲା ବେଳେ କେତେକ ବ୍ୟକ୍ତିଙ୍କୁ ତୃପ୍ତି ଚେକ୍ ଦେଇଥିବା ଜଣାପଡିଛି। ସେ ଯେଉଁ ଯେଉଁ ବ୍ୟାଙ୍କ ଚେକ୍ ବ୍ୟବହାର କରିଛି ସମସ୍ତ ବ୍ୟାଙ୍କକୁ ତଥ୍ୟ ମଗାଯାଇଛି। ଯଦିଓ ଜେରା ବେଳେ ତୃପ୍ତି ଅନେକ କଥା ଚତୁରତାର ସହିତ ଏଡାଇ ଯାଉଛି ତଥାପି ପୋଲିସ ତୃପ୍ତିର ଠକେଇ ସମ୍ପର୍କରେ ସର୍ବାଧିକ ତଥ୍ୟ ହାସଲ କରିସାରିଛି। ଠକେଇର ଶିକାର ହୋଇଥିବା ବ୍ୟକ୍ତି ଯେଉଁମାନେ କି ଚେକ୍ ପାଇଛନ୍ତି ସେମାନଙ୍କୁ ତୁରନ୍ତ କିଭଳି ଟଙ୍କା ଫେରାଇ ହେବ ସେ ଦିଗରେ ଆମେ ଚେଷ୍ଟା ଜାରି ରଖିଛୁ। ତେଣୁ ଆଉ ବେଶୀଦିନ ତୃପ୍ତି ପୋଲିସକୁ ଠକିପାରିବ ନାହିଁ। ତେବେ ଆଇଆଇସି ଶ୍ରୀ ନାୟକ କହିଥିଲେ ଯେ, ତୃପ୍ତି ନିକଟରୁ ଅଧିକ ତଥ୍ୟ ହାସଲ ପାଇଁ ତଦନ୍ତକାରୀ ଟିମ୍‌ରେ ଜୋନ୍-୪ ଏସିପି ରଜତ ରାୟ ଏବଂ ବଡଗଡ଼ ଥାନା ସବ୍‌ଇନ୍ସପେକ୍ଟର ସରିତା ଶତପଥୀ ରହିଛନ୍ତି।

### ନଦୀ ସଂଯୋଗୀକରଣ ପାଇଁ କେନ୍ଦ୍ର ସରକାରଙ୍କ ତତ୍ପରତା

## ମହାନଦୀ-ଗୋଦାବରୀ ସାମିଲ

**ନୂଆଦିଲ୍ଲୀ :** ନଦୀ ସଂଯୋଗ ଅଭିଯାନର କ୍ରିୟାନ୍ୱୟନ ପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛିୟ କେନ୍ଦ୍ର ସରକାର ନଦୀ ସଂଯୋଗୀକରଣ ପରିଯୋଜନା ଅନ୍ତର୍ଗତ ୩୦ଟି ନଦୀକୁ ଯୋଡିବାର ଲକ୍ଷ୍ୟ ରଖିଛନ୍ତି। ଏଥିରେ ମହାନଦୀ-ଗୋଦାବରୀ ଲିଙ୍କ୍ ମଧ୍ୟ ସାମିଲ ଅଛି, ଯାହାର ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ୩୦ଟି ନଦୀକୁ ଯୋଡ଼ିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୮ଟି ବୈଠକ ତଥା ନଦୀ ସଂଯୋଗ ସମ୍ପର୍କିତ ଟାସ୍କ ଫୋର୍ସ ଦ୍ୱାରା ୧୨ଟି ବୈଠକ ହୋଇସାରିବା ପରେ ମଧ୍ୟ କିଛି ରାଜ୍ୟ ସରକାରଙ୍କ ବିରୋଧ ଓ ଆପତ୍ତି ଯୋଗୁଁ ନଦୀ ସଂଯୋଗୀକରଣ ପ୍ରକଳ୍ପର ଗତି ଧିମେଇଯାଇଛି। ଏହି ପରିଯୋଜନା ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ 'ଆଜାଦୀ କି ଅମୃତ ମହୋତ୍ସବ' ଅନ୍ତର୍ଗତ ଜାତୀୟ ଜଳ ବିକାଶଏଜେନ୍ସି ଦ୍ୱାରା ରାଜ୍ୟମାନଙ୍କରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଭୁବନେଶ୍ୱରରେ ଚଳିତ ବର୍ଷ ମେ ୩ରେ ତଥା ଆସନ୍ତା ବର୍ଷ ମାର୍ଚ୍ଚ ୧୪, ମେ ୩୦ ଓ ଅଗଷ୍ଟ ୧ରେ ନଦୀ ସଂଯୋଗୀକରଣ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ବିସ୍ତୃତ କାର୍ଯ୍ୟସୂଚୀରେ ଉଲ୍ଲେଖ କରାଯାଇଛି।

## 'ରାଜ୍ୟର ୩ ପ୍ରମୁଖ ମେଡିକାଲ କଲେଜରେ ୨ ରୁ ୩ ଗୁଣା ଶଯ୍ୟା ବଢ଼ିବ'

**ଭୁବନେଶ୍ୱର :** ସଂକ୍ରମଣ ଆଗକୁ ବଢ଼ିବ, ବଢ଼ି ବଢ଼ି ଚାଲିବ। ଗତବର୍ଷ ପ୍ରସ୍ତୁତି ଠିକ ଥିଲା ବୋଲି ସଠିକ କରୋନା ମୁକାବିଲା ହୋଇଥିଲା ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର କହିଛନ୍ତି। ଗତ ବର୍ଷ ପିକ୍ ସମୟରେ ଯେତିକି ଅକ୍ସିଜେନ ଥିଲା, ଏଥର ଦଶଗୁଣା ଅଧିକ ମହଜୁଦ ରଖାଯିବ। ବେସରକାରୀ ମେଡିକାଲରେ ୩୩୮ଟି ଭେଣ୍ଟିଲେଟର ଥିଲା , ମାତ୍ର ଏଥର ୫୫୫ଟି ଭେଣ୍ଟିଲେଟର ରଖିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର କହିଛନ୍ତି। ଏଣେ ସରକାରୀ ମେଡିକାଲରେ ୧୦୮ଟି ଭେଣ୍ଟିଲେଟର ଥିଲା। ଏବେ ୪୨୩ଟି ରଖିବା ପାଇଁ ପ୍ରସ୍ତୁତି ଚାଲିଛି। ମେଡିକାଲ ଗୁଡ଼ିକରେ ହାଇ ଡିପେଡେନ୍ସି ୟୁନିଟ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟର ୩ ଟି ପ୍ରମୁଖ ମେଡିକାଲ କଲେଜରେ ୨ ରୁ ୩ ଗୁଣା ବେଡ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।

## କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଳନ ହେଉନି ସରକାରୀ ନିୟମ

**ଭଦ୍ରକ,(ବିକାଶ କୁମାର ଧଳ):** ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି ତେବେ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହି ସବୁ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ଅଭିଯୋଗ ହେଉଛି । ଆବଶ୍ୟକ ଅନୁଯାୟୀ କର୍ମଚାରୀ ନିଯୁକ୍ତି ଦିଆଯାଉନଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମ ସଠିକ ଭାବେ ପାଳିତ ହୋଇପାରୁନାହିଁ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ)ରେ । ସୂଚନା ଅନୁଯାୟୀ;ନିୟମାନୁଯାୟୀ ପ୍ରତିଦିନ ସକାଳ ୮ଘଟିକା ରୁ ଅପରାହ୍ନ ୧୨ଘଟିକା ଓ ଅପରାହ୍ନ ୪ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହିବା କଥା କିନ୍ତୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଟି ବହୁ ଦିନ ହେବ କେବଳ ସକାଳ ସମୟରେ ଖୋଲା ରହୁଛି । ଏହାର କାରଣ ବୁଝିବାରୁ ଜଣେ ମହିଳା ଏମବିବିଏସ ଡ଼ାକ୍ତର,ଜଣେ ମହିଳା ଆୟୁଷ ଡ଼ାକ୍ତର, ଜଣେ ମହିଳା ଫାର୍ମାସିଷ୍ଟ ଓ ଜଣେ ମହିଳା ଏଏନଏମଙ୍କୁ ନେଇ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଚାଲିଛି । ସମସ୍ତେ ମହିଳା କର୍ମଚାରୀ ହୋଇଥିବାରୁ ଓ ପାଖାପାଖି ଦେଢ ବର୍ଷ ହେବ ଏଠାରେ ଥିବା ପୁରୁଷ ଆଟେଣ୍ଡାଣ୍ଟଙ୍କୁ ଆଗରପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡ଼େପୁଟେସନରେ ପଠାଇ ଦିଆଯାଇଥିବାରୁ ଏହି ସମସ୍ୟା ଉପୁଜିଥିବାର ଜଣାପଡ଼ିଛି । ବର୍ତ୍ତମାନ ଆଗରପଡ଼ାରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବାରୁ ସ୍ୱାସ୍ଥ୍ୟ ପରିକ୍ଷା ଦୃଷ୍ଟିରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଆଡ଼ିଆ, ଅଡ଼ାଳପଙ୍କ, ଗୋପାଳପୁର, କାଉପୁର, ଗଣିଜାଙ୍ଗ ପଂଚାୟତବାସୀଙ୍କ ପାଇଁ ଅପରାହ୍ନ ୪ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । ୧୯୯୪ ମସିହାରେ ପ୍ରତିଷ୍ଠିତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଉକ୍ତ ସମସ୍ୟା ବ୍ୟତିତ ଆହୁରି ଅନେକ ସମସ୍ୟା ଲାଗି ରହିଛି । ପ୍ରତିଷ୍ଠା ହେବା ପରଠାରୁ ଏହାର ଭିତ୍ତି ଭୂମିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରି ନଥିଲା । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରୀୟ ଟିମ ଗସ୍ତ ପୂର୍ବରୁ ଏହାର କଳେବର ରଙ୍ଗିନ ହୋଇପାରି ଥିଲା । ମାତ୍ର ଡ଼ାକ୍ତର ନଥିବାରୁ ରୋଗୀମାନେ ନାନା ହିନସ୍ତା ହେଉଥିଲେ । ଭାରପ୍ରାପ୍ତ ଡ଼ାକ୍ତର ପଦବୀ ଦୀର୍ଘ ବର୍ଷ ଧରି ଏଠାରେ ଖାଲି ପଡ଼ିବା ପରେ ଗତ ବର୍ଷ ଜାନୁୟାରୀ ମାସରେ ସରକାର ଏଠାରେ ଏକ ନିୟମିତ ଡ଼ାକ୍ତର ନିଯୁକ୍ତି ଦେଇଥିଲେ । ସେହିପରି ଡ଼ାକ୍ତରଙ୍କ ରହିବା ପାଇଁ ଗୃହ ସମେତ ପାଚେରୀ ନିର୍ମାଣ କରାଯାଇଥିଲା । ପାନୀୟ ଜଳ ଓ ବିଦ୍ୟୁତ ସେବା ଉପରେ ମଧ୍ୟ ସରକାର ଗୁରୁତ୍ୱାରୋପ କରିଥିଲେ । ବିଭାଗୀୟ ଅଧିକାରୀମାନେ ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ କରି ଭାରପ୍ରାପ୍ତ ଡ଼ାକ୍ତରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ସୁଦ୍ଧା ଆଜି ଯାଏ ନିର୍ମାଣାଧିନ ଘର ବ୍ୟବହାର ହୋଇପାରି ନାହିଁ । ଯଦ୍ୱାରା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମିତ ଗୃହର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ରଟିରେ ଲାଗି ରହିଥିବା ଏହି ସବୁ ସମସ୍ୟାକୁ ଶୀଘ୍ର ସମାଧାନ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।




## ଭିଜିଲାନ୍ସ ଜାଲରେ ପାହାଳ ଫାଣ୍ଡି ଏଏସ୍‌ଆଇ




**ବାଲିଅନ୍ତା :** ଭିଜିଲାନ୍ସ ହାତରେ ଧରାପଡିଛନ୍ତି ପାହାଳ ଫାଣ୍ଡି ଏଏସ୍‌ଆଇ ପ୍ରମୋଦ ପ୍ରଧାନ। ଫାଣ୍ଡି ଭିତରେ ଲାଞ୍ଚ ନେଉଥିବା ବେଳେ ରେଡ୍ ହ୍ୟାଣ୍ଡେଡ୍‌ରେ ତାଙ୍କୁ ଭିଜିଲାନ୍ସ ଟିମ୍ ଧରିଥିଲା। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ରଙ୍ଗବୋଳା ୩ ହଜାର ଟଙ୍କା ଜବତ କରିଥିଲା। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତ ପ୍ରମୋଦଙ୍କୁ ଭିଜିଲାନ୍ସ ହେପାଜତକୁ ନିଆଯାଇଛି। ମିଳିଥିବା ସୂଚନା ଅନୁସାରେ ପାହାଳ ମୌଜାସ୍ଥିତ ଏକ ଜମି ସମ୍ମୁଖରେ ବିବାଦୀୟ ପ୍ରାଚୀର ବାବଦରେ ଉପଯୁକ୍ତ ତଦନ୍ତ ରିପୋର୍ଟ ଦେବା ପାଇଁ ଅଭିଯୁକ୍ତ ଏଏସ୍‌ଆଇ ପ୍ରମୋଦ ସଞ୍ଜୀବ ପତ୍ରି ନାମକ ଜଣେ ବ୍ୟକ୍ତିଙ୍କଠାରୁ ୩ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ ଟଙ୍କା ନ ମିଳିବା ପର୍ଯ୍ୟନ୍ତ ତାଙ୍କୁ ବାରମ୍ବାର ଫାଣ୍ଡିକୁ ଦୌଡାଇଥିଲେ। ଶେଷରେଶ୍ରୀ ପତ୍ରି ଲାଞ୍ଚ ବାବଦରେ ୩ ହଜାର ଟଙ୍କା ଦେବେ ବୋଲି ରାଜି ହୋଇଥିଲେ। କିନ୍ତୁ ଏନେଇ ସେ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ଯୋଜନା ଅନୁସାରେ ଭିଜିଲାନ୍ସ ପ୍ରଦତ୍ତ ଟଙ୍କା ଧରି ଶ୍ରୀ ପତ୍ରି ଫାଣ୍ଡିରେ ପହଞ୍ଚିଥିଲେ ଓ ଏଏସ୍‌ଆଇ ପ୍ରମୋଦ ନିର୍ଭୟରେ ତାଙ୍କ ହାତରୁ ଟଙ୍କା ନେଇ ସାର୍ଟ ପକେଟରେ ପୂରାଇଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ତୁରନ୍ତ କାବୁ କରିବା ସହ ତାଙ୍କ ପକେଟ୍‌ରୁ ଟଙ୍କା ଜବତ କରିଥିଲା।


PLO T FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

PLOT FOR SALE@BHUBANESWAR



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି